୬ ୧୯ ବର୍ଷରୁ କମ୍ ବିଶ୍ୱକପ୍
ଆମେରିକାକୁ ୬ ୱିକେଟରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା

The Sambad Kalika
TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୪୯ ● ୧୬ ଜାନୁଆରୀ ୨୦୨୬, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-349 ● 16th January 2026, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ରାଜ୍ୟଗୋଷ୍ଠୀ ବାଚସ୍ପତି ସମ୍ମିଳନୀ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

# ଭାରତ ଗଣତନ୍ତ୍ରର ଜନନୀ

**ନୂଆଦିଲ୍ଲୀ, ୧୫ା୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ସଂସଦ ଭବନ ସେଣ୍ଟ୍ରାଲ ହଲରେ ରାଜ୍ୟଗୋଷ୍ଠୀ ଦେଶମାନଙ୍କ ବାଚସ୍ପତି ଓ ଅଧ୍ୟକ୍ଷ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ମୋଦୀ ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ଭାରତ ଗଣତନ୍ତ୍ରର ଜନନୀ ଭାବେ ପରିଚିତ। ଗଣତାନ୍ତ୍ରିକ ଅନୁଷ୍ଠାନ ଓ ପ୍ରକ୍ରିୟା ସ୍ଥିରତା, ଗତି ତଥା ପରିଣାମ ପ୍ରଦାନ କରିପାରିବ। ୨୦୨୪ ସାଧାରଣ ନିର୍ବାଚନ କଥା ଉଠାଇ ପ୍ରଧାନମନ୍ତ୍ରୀ କହିଥିଲେ, ମାନବ ଇତିହାସରେ ଏହା ସବୁଠୁ ବଡ଼ ଗଣତାନ୍ତ୍ରିକ ପ୍ରକ୍ରିୟା ରହିଥିଲା। ଏହି ନିର୍ବାଚନରେ ୭୦୦ରୁ ଅଧିକ ରାଜନୈତିକ ଦଳମାନଙ୍କର ୮୦୦୦ ରୁ ଅଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିର୍ବାଚନରେ ବହୁ ସଂଖ୍ୟାରେ ମହିଳା ଭୋଟର ଅଂଶଗ୍ରହଣ କରିଥିଲେ।



ଭାରତରେ ମହିଳା କେବଳ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେଉଛନ୍ତି, ତା' ନୁହେଁ, ନେତୃତ୍ୱ ମଧ୍ୟ ନେଉଛନ୍ତି। ଭାରତରେ ଏବେ ରାଷ୍ଟ୍ରପତି ଜଣେ ମହିଳା। ଦିଲ୍ଲୀରେ ଜଣେ ମହିଳା ମୁଖ୍ୟମନ୍ତ୍ରୀ ଅଛନ୍ତି। ସାରା ଦେଶରେ ୧.୫ ନିୟୁତ ନିର୍ବାଚିତ ମହିଳା ପ୍ରତିନିଧି ଅଛନ୍ତି। ଆମ ଦେଶର ବିବିଧତା ମଧ୍ୟରେ ଶହ ଶହ ଭାଷା ରହିଛି। ଭାରତରେ ଗଣତନ୍ତ୍ରର ମୂଳଦୁଆ ଦୃଢ଼ ଥିବାରୁ ଏପରି ବିବିଧତା ପାଳନ କରାଯାଇପାରୁଛି। ଭାରତ ଏବେ ବିଶ୍ୱର ଦ୍ରୁତ ବିକାଶଶୀଳ ଅର୍ଥନୀତି ବୋଲି ମୋଦୀ କହିଛନ୍ତି।

ୟୁପିଆଇ ବିଶ୍ୱର ତୃତୀୟ ବୃହତ ଡିଜିଟାଲ ପେମେଣ୍ଟ ସିଷ୍ଟମ ହୋଇଥିବାବେଳେ ଭାରତ ବିଶ୍ୱର ବୃହତ ଟିକା ଉତ୍ପାଦନକାରୀ ଦେଶ ବୋଲି ପ୍ରଧାନମନ୍ତ୍ରୀ ସମ୍ମିଳନୀରେ ଉଦବୋଧନ ଦେଇ କହିଥିଲେ। ଭାରତ ଦ୍ୱିତୀୟ ବୃହତ ଷ୍ଟିଲ ଉତ୍ପାଦନକାରୀ ଦେଶ, ତୃତୀୟ ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟ। ଭାରତରେ ବିଶ୍ୱର ତୃତୀୟ ବୃହତ ଏଭିଏସନ ମାର୍କେଟ ହୋଇଥିବାବେଳେ ସରକାରଙ୍କ ଜନକଲ୍ୟାଣ ଯୋଜନା ଯୋଗୁ ୨୫ କୋଟି ଭାରତୀୟ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହାପୂର୍ବରୁ ମୋଦୀ ସଂସଦୀୟ ଗଣତନ୍ତ୍ରରେ ବାଚସ୍ପତିମାନଙ୍କ ଭୂମିକା ତଥା ସେଣ୍ଟ୍ରାଲ ହଲର ଇତିହାସ ସମ୍ପର୍କରେ କହିଥିଲେ। ଆପଣ ଯେଉଁଠି ବସିଛନ୍ତି ସେହି ସ୍ଥାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପରାଧିନର ଶେଷ ବର୍ଷରେ ଏହି ସେଣ୍ଟ୍ରାଲ ହଲରେ ଭାରତର ସମ୍ବିଧାନର ଡ୍ରାଫ୍ଟିଂ ପାଇଁ ବୈଠକ ଅନୁଷ୍ଠିତ ହେଉଥିଲା। ୭୫ ବର୍ଷ ପର୍ଯ୍ୟନ୍ତ ଏହି କୋଠା ଭାରତର ସଂସଦ ଭାବେ କାର୍ଯ୍ୟ କରିଛି ବୋଲି କହିଥିଲେ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ବାଚସ୍ପତି ସମ୍ମିଳନୀରେ ଅଧ୍ୟକ୍ଷତା କରିଥିବାବେଳେ ଏଥିରେ ୪୨ ରାଜ୍ୟଗୋଷ୍ଠୀ ଦେଶମାନଙ୍କରୁ ୬୧ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହାସହିତ ୪ଟି ଅର୍ଦ୍ଧ ସ୍ୱାୟତ୍ତ ସଂସଦର ପ୍ରତିନିଧି ମଧ୍ୟ ସାମିଲ ହୋଇଥିଲେ।

## ଦଳବିରୋଧୀ କାର୍ଯ୍ୟ ପାଇଁ ବଡ କାର୍ଯ୍ୟାନୁଷ୍ଠାନ

# ବିଜେଡ଼ିରୁ ବିଧାୟକ ସନାତନ ମହାକୁଡ ଓ ଅରବିନ୍ଦ ମହାପାତ୍ର ନିଲମ୍ବିତ

**ଭୁବନେଶ୍ୱର, ୧୫ା୧**
**ନ୍ୟୁଜ୍ ବ୍ୟୁରୋ**

ଆଗକୁ ରାଜ୍ୟସଭା ନିର୍ବାଚନ ରହିଥିବା ବେଳେ ରାଜନୈତିକ ଘଟଣାକ୍ରମରେ ଗୁରୁବାର ଅପ୍ରତ୍ୟାଶିତ ଭାବେ ଦୁଇ ବିଧାୟକଙ୍କୁ ସସ୍‌ପେଣ୍ଡ କରିଛି ବିଜେଡି। ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ନେଇ ବିଜୁ ଜନତା ଦଳ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଉଭୟଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଲମ୍ବନ କରିଛନ୍ତି।



ନିଲମ୍ବନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସନାତନ ମହାକୁଡ଼ କହିଛନ୍ତି ଦଳରୁ କାହିଁକି ସସ୍‌ପେଣ୍ଡ କରାଗଲା ମୁଁ ଜାଣିନି । ମୁଁ କୌଣସି ଦଳ ବିରୋଧୀ କାର୍ଯ୍ୟ କରି ନାହିଁ। ୧୩ ତାରିଖ ମିଟିଂରେ ମୁଁ ନବୀନଙ୍କ ନାଁ ନେଇନି, ବିରୋଧରେ କିଛି କହିନି। ବିଜେଡି ସରକାରଙ୍କ ସମୟରେ କେନ୍ଦୁଝର ବିକାଶ ହୋଇନି କହିଥିଲି। ଯଦି ଏତିକିରେ ସସ୍‌ପେଣ୍ଡ କରିବେ ତାହେଲେ ମୁଁ କିଛି କହିପାରିବିନି। ସସପେଣ୍ଡ କରିବା ପୂର୍ବରୁ ଡାକିଥିଲେ ନିଶ୍ଚିତ ଯାଇଥାନ୍ତି। ସସ୍‌ପେଣ୍ଡ କରିବା ପରେ ସଭାପତିଙ୍କୁ ଦେଖା କରିବା ଠିକ୍ ହେବନି।

ସେହିପରି ନିଲମ୍ବନ ଘୋଷଣା ପରେ ବିଧାୟକ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମୁଁ ଜାଣିନି କାହିଁକି ମୋ ଉପରେ ଆକ୍ସନ୍ *(ପୃଷ୍ଠା ୭ରେ)*

# ସୁନ୍ଦରଗଡ଼ ଗୋଷ୍ଠୀ ସଂଘର୍ଷ : ୨୪ ଘଣ୍ଟା ଇଣ୍ଟରନେଟ୍ ବନ୍ଦ

**ସୁନ୍ଦରଗଡ, ୧୫ା୧**
**ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ୨୪ଘଣ୍ଟା ପାଇଁ ଇଣ୍ଟରନେଟ ବନ୍ଦ କରାଯାଇଛି। ସମଗ୍ର ସହରରେ ବିଏସ୍‌ଏସ୍‌ର ଧାରା ୧୬୩ ବଳବତ୍ତର ରହିଛି । ଜିଲ୍ଲାପାଳ ଏହି ସୂଚନା ଦେଇଛନ୍ତି।



ସୁନ୍ଦରଗଡ଼ ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ ରିଜେଣ୍ଟ ବଜାରରେ ଗୋଷ୍ଠୀ ସଂଘର୍ଷ ଘଟଣା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ ସେବା ବନ୍ଦ କରାଯାଇଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ସହରରେ ଜିଲ୍ଲା ପ୍ରଶାସନ ବିଏନ୍‌ଏସର ୧୬୩ ଧାରା ଲାଗୁ କରିଛି । ଘଟଣା ପରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଶାନ୍ତି ବଜାୟ ରଖିବା ପାଇଁ ଜନସାଧାରଣଙ୍କୁ ଅପିଲ କରିଛନ୍ତି । ସ୍ଥିତିକୁ ଆୟତ୍ତ କରିବା ଲାଗି ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ଶ୍ରୀ ରାୟ କହିଛନ୍ତି । ଏହାସହ ଶାନ୍ତି କମିଟି ବୈଠକ ଡାକି ସମାଧାନ କରିବାକୁ ଏସପିଙ୍କୁ ନିବେଦନ କରିଥିବା ଡ଼ିଆଇଜି କହିଛନ୍ତି।

ରିଜେଣ୍ଟ ବଜାରରେ ଗୋମାଂସ ବିକ୍ରିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ନେଇ ଉତ୍ତେଜନା ଲାଗି ରହିବାରୁ ଅଧିକ ସଂଖ୍ୟାରେ ପୋଲିସ୍ ଫୋର୍ସ ମୁତୟନର ବ୍ୟବସ୍ଥା କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ବିଏସ୍‌ଏସ ୧୬୩ ଜାରି କରାଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ,ଏସପି ଅମ୍ରିତ ପାଲ କୌର, ଅତିରିକ୍ତ ଏସପି, ଡିଏସପି, ସମସ୍ତ ଥାନାର ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ସୂରଜ କୁମାର ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରାଙ୍କ ସମେତ ସ୍ୱତନ୍ତ୍ର ମାଜିଷ୍ଟ୍ରେଟଙ୍କ ସହ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ତେବେ ସଂଘର୍ଷ ବେଳେ ଏକ କାର, ସ୍କୁଟି ଏବଂ ଏକ ପିକଅପ ଭ୍ୟାନକୁ ବିକ୍ଷୋଭକାରୀମାନେ ପୋଡି ଦେଇଥିବା ଜଣାପଡ଼ିଛି ।

ଘଟଣା ଘଟିଥିବା ରିଜେଣ୍ଟ ମାର୍କେଟ ସମେତ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ, ବସଷ୍ଟାଣ୍ଡ, ମାର୍କେଟ ଓ ବିଭିନ୍ନ ଛକରେ ବ୍ୟାପକ ପୋଲିସ ଫୋର୍ସ ମୁତୟକ କରାଯାଇଛି। ପରିସ୍ଥିତି ଉପରେ ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇଛି । ଅପରାହ୍ନ ୫ଟାରୁ ସୁନ୍ଦରଗଡ ସହରରେ ବିଏସ୍‌ଏସ ୧୬୩ ଧାରା ଜାରି ହୋଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଡିଆଇଜି ଗଣମାଧ୍ୟମକୁ କହିବା ସହ ସୁନ୍ଦରଗଡ ସହରରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବାକୁ ନିବେଦନ କରିଛନ୍ତି । ଏନେଇ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ସହରରେ ସମସ୍ତ ଦୋକାନ ବଜାର ଗୁଡିକୁ ବନ୍ଦ କରିବାକୁ ଡାକବାଜି ଯନ୍ତ୍ର ଜରିଆରେ ନିବେଦନ କରାଯାଇଛି । କୌଣସି ସ୍ଥାନରେ ୫ଜଣରୁ ଅଧିକ ଏକାଠି ନହେବାକୁ ଅନୁରୋଧ କରାଯାଇଛି ।

## ୩ଦିନିଆ ପଶ୍ଚିମବଙ୍ଗ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୫ା୧**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାରଠୁ ତିନି ଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଯାଇଛନ୍ତି । ପଶ୍ଚିମବଙ୍ଗରେ ଆୟୋଜିତ ହେବାକୁ ଥିବା ଇନଭେଷ୍ଟର୍ସ ମିଟରେ ମୁଖ୍ୟମନ୍ତ୍ରୀ ଯୋଗଦେବା ସହ ଦେଶର ବିଶିଷ୍ଟ ଶିଳ୍ପପତି ତଥା ପୁଞ୍ଜିନିବେଶକାରୀଙ୍କ ସହ ମଧ୍ୟ ଆଲୋଚାନ କରିବାର କାର୍ଯ୍ୟକ୍ରମ ରହିଛି।

## ସଚିବସ୍ତରୀୟ ବୈଠକ

# ପ୍ରତି ଶନିବାର ହେବ ଭିତ୍ତିଭୂମି ସମୀକ୍ଷା

**ଭୁବନେଶ୍ୱର, ୧୫ା୧**
**ନ୍ୟୁଜ୍ ବ୍ୟୁରୋ**

ଏଣିକି ପ୍ରତି ଶନିବାର ହେବ ଭିତ୍ତିଭୂମି ସମୀକ୍ଷା ବୈଠକ। ସଚିବ ମାନେ ଫିଲଡ଼ ଭିଜିଟ ବେଳେ ମେଗା ପାନୀୟ ଜଳ ପ୍ରକଳ୍ପକୁ ଗୁରୁତ୍ୱ ଦେଇ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବଜେଟ ଖର୍ଚ୍ଚ ବଢ଼ାଇବାକୁ ମଧ୍ୟ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଦ୍ୱିତୀୟ ସଚିବ ସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି।



ଗୁରୁବାର ଦିନ ଖାରବେଳଭବନରେ ଅନୁଷ୍ଠିତ ସଚିବ ସ୍ତରୀୟ ବୈଠକରେ ବଜେଟ ଖର୍ଚ୍ଚ, ରାଜସ୍ୱ ଆଦାୟ, ବିଭିନ୍ନ ଆଇନ ସଂଶୋଧନ ଏବଂ ପୂର୍ଣ୍ଣାଙ୍ଗ ବଜେଟ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଦେଇଥିବା ୧୫ ସୂତ୍ରୀ କାର୍ଯ୍ୟକ୍ରମ ନେଇ ବିଭାଗ ଗୁଡିକ କଣ ପଦକ୍ଷେପ ନେଇଛନ୍ତି ସେ ନେଇ ସଚିବମାନଙ୍କ ସହ ମୁଖ୍ୟଶାସନ ସଚିବ ଶ୍ରୀମତୀ ଗର୍ଗ ଆଲୋଚନା କରିଥିଲେ। ଏହା ସହ କ୍ଷେତ୍ର ପରିଦର୍ଶନ ବେଳେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହେଉଥିବାରୁ ତାକୁ ଗୁରୁତ୍ୱ ଦେଇ ସମୀକ୍ଷା କରିବାକୁ ସେ ସଚିବମାନଙ୍କୁ ନିର୍ଦ୍ଦେଶ ହୋଇଛନ୍ତି। ସେହିପରି ଏଣିକି ପ୍ରତି ଶନିବାର ଭିତ୍ତିଭୂମି ବିକାଶ ଉପରେ ସମୀକ୍ଷା ବୈଠକ କରାଯିବ। ଚଳିତ ବଜେଟର ବର୍ତ୍ତମାନ ସୁଦ୍ଧା ୫୦ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ଜାନୁଆରୀ ଶେଷ ସୁଦ୍ଧା ୬୦ ପ୍ରତିଶତ ବଜେଟ ଖର୍ଚ୍ଚ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ପୂର୍ଣ୍ଣାଙ୍ଗ ବଜେଟ ଉପରେ ବିଭାଗ ଗୁଡିକ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଗୁଡିକଉପରେ ଆଲୋଚନା ହୋଇଥିଲା। ରାଜସ୍ୱ ଆଦାୟ କେମିତି ବୃଦ୍ଧି ହେବ ସେ ନେଇ ପଦକ୍ଷେପ ନେବାକୁ ମୁଖ୍ୟଶାସନ ସଚିବ ପରାମର୍ଶ ଦେଇଥିଲେ। ପ୍ରତି ମାସ ୧୬ ତାରିଖରେ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରାଯିବ ଏବଂ ସମସ୍ତ ବିଭାଗର ସଚିବ ମାନେ ମଧ୍ୟ ଅନ୍ୟ କୌଣସି ଦିନ ବୈଠକ ନଡାକି ସେହିଦିନ ଜିଲ୍ଲାପାଳ ମାନଙ୍କ ସହ ଆଲୋଚନା କରିପାରିବେ ବୋଲି ପରାମର୍ଶ ମଧ୍ୟ ଦେଇଥିଲେ।

## ଆଜିର ମୁଖ୍ୟ ଖବର

- ୟୁରୋପୀୟ ସଂଘ ସହ ବାଣିଜ୍ୟ ଚୁକ୍ତି ସମ୍ପାଦିତ ।
- ରାଷ୍ଟ୍ରପତିଙ୍କ ପଞ୍ଜାବ ଓ ରାଜସ୍ଥାନ ଗସ୍ତ ।
- ଉତ୍ତର ଭାରତରେ ଘନ କୁହୁଡ଼ି, ଯାତାୟାତ ପ୍ରଭାବିତ ।
- ବିଭିନ୍ନ ସହରରେ ନଗର ନିର୍ବାଚନ ।
- ରାଜ୍ୟରୁ ମାଦକ ଦ୍ରବ୍ୟ ଚାଲାଣ ଘଟଣାରେ ଗିରଫ ।
- ଶୀତ ରୋଗୀ ସଂଖ୍ୟା ବୃଦ୍ଧି, ହସ୍ପିଟାଲରେ ଭିଡ଼ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୬୨(-୩୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୧୬୫ (-୩୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୭୨ (-୨୮)

## ରୁପା ଦର

ରୂପା – ପ୍ରତି ଗ୍ରାମ ୩୧୦ (+୩)

# ଟ୍ରମ୍ପଙ୍କୁ ହତ୍ୟା ଧମକ !

**ତେହେରାନ, ୧୫ା୧**

ଇରାନରେ ସରକାର ବିରୋଧୀ ଆନ୍ଦୋଳନ ଚରମ ସୀମାରେ ପହଞ୍ଚିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆନ୍ଦୋଳନକାରୀଙ୍କୁ ଉସୁକାଇ ଅତି ଜଟିଳ ପରିସ୍ଥିତି ସୃଷ୍ଟି କରିଛନ୍ତି। ଇରାନର ରାଷ୍ଟ୍ରାୟତ୍ତ ଟିଭିରେ ଏନେଇ ଏକ ଚେତାବନୀ ଦିଆଯାଇଛି। ଟିଭିରେ ୨୦୨୪ରେ ଟ୍ରମ୍ପଙ୍କ ଉପରେ ପେନସିଲଭାନିଆରେ ହୋଇଥିବା ହତ୍ୟା ଉଦ୍ୟମର କ୍ଲିପ୍ ପ୍ଲେ କରାଯାଇଛି ଏବଂ କୁହାଯାଇଛି ଯେ ଚଳିତ ଥର ଗୁଳି ଆଉ ଟାର୍ଗେଟ୍ ମିସ୍ କରିବନି। ଚଳିତ ଥର ଠିକ୍ ଜାଗାରେ ଗୁଳି ବାଜିବ।

ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଜୁଲାଇ ୧୩ ତାରିଖରେ ଟ୍ରମ୍ପଙ୍କ ଉପରେ ହତ୍ୟା ଉଦ୍ୟମ ହୋଇଥିଲା। ପେନସିଲଭାନିଆର ବୁଟଲେରରେ ସେ ଏକ ପ୍ରଚାର ର୍‌ୟାଲିରେ ଥିବାବେଳେ ଜଣେ ବ୍ୟକ୍ତି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। କିନ୍ତୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ଇରାନ ପ୍ରଥମ ଥର ପାଇଁ ଟ୍ରମ୍ପଙ୍କୁ ହତ୍ୟା ଧମକ ଦେଇନାହିଁ। ୨୦୨୧ରେ ମଧ୍ୟ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଅଫିସ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଟ୍ରମ୍ପ ଏକ ଯୁଦ୍ଧଜାହାଜ ଛାୟା ତଳେ ଗଲ୍ଫ ଖେଳୁଥିବାର ଫଟୋ ପୋଷ୍ଟ କରି ଏହି ଧମକ ଦିଆଯାଇଥିଲା। ୨୦୨୦ରେ ଏକ ଭୟଙ୍କର ଆକ୍ରମଣ ପାଇଁ ଟ୍ରମ୍ପଙ୍କ ନିର୍ଦ୍ଦେଶ ପରେ ଇରାନ ଟ୍ରମ୍ପଙ୍କୁ ଏହି ହତ୍ୟା ଧମକ ଦେଇଥିଲା।

# ସୈନିକଙ୍କ ସ୍ଥାନ ନେଇପାରିବ ନାହିଁ ପ୍ରଯୁକ୍ତିବିଦ୍ୟା

**ନୂଆଦିଲ୍ଲୀ, ୧୫ା୧**

ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଗୁରୁବାର କହିଛନ୍ତି ଯେ, ଭାରତୀୟ ସେନା ସମସ୍ତ ପ୍ରକାର ଯୁଦ୍ଧର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଭାରତୀୟ ସେନା ଦିବସ ୨୦୨୬ ଅବସରରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେନା ମୁଖ୍ୟ କହିଛନ୍ତି ଯେ, ସେନା ଭବିଷ୍ୟତର ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି ଏବଂ ଯୁଦ୍ଧ କ୍ଷମତା ବୃଦ୍ଧି ପାଇଁ ଜ୍ଞାନକୌଶଳ ଓ ସ୍ୱଦେଶୀକରଣକୁ ଏକୀକୃତ କରୁଛି। ସେନା ଦିବସ ଅବସରରେ ସେ ସୈନିକ, ବରିଷ୍ଠ ସୈନିକ, ଅଧିକାରୀ ଓ



ସାଧାରଣ ନାଗରିକଙ୍କୁ ଶୁଭେଚ୍ଛା ଜଣାଇବା ସହ କର୍ତ୍ତବ୍ୟରତ ସମୟରେ ପ୍ରାଣବଳି ଦେଇଥିବା କର୍ମଚାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଋଷ୍‌-ୟୁକ୍ରେନ ଯୁଦ୍ଧ ଏବଂ 'ଅପରେସନ୍ ସିନ୍ଦୂର' ସମେତ ସାମ୍ପ୍ରତିକ ଯୁଦ୍ଧଗୁଡ଼ିକରୁ ଶିକ୍ଷା ଗ୍ରହଣ କରି ସେନା ମୁଖ୍ୟ କହିଛନ୍ତି ଯେ ଆଧୁନିକ ସଂଘର୍ଷର ଅବଧି ପୂର୍ବାନୁମାନଯୋଗ୍ୟ ନୁହେଁ, ଯାହା ବର୍ଷ କିମ୍ବା ଦିନ ପର୍ଯ୍ୟନ୍ତ ଚାଲିପାରିବ। ସେ କହିଛନ୍ତି ଯେ ଜ୍ଞାନକୌଶଳ ଦକ୍ଷତାରେ ଉନ୍ନତି ଆଣିଥାଏ, କିନ୍ତୁ ଏହା ସୈନିକଙ୍କ ସ୍ଥାନ ନେଇପାରିବ ନାହିଁ। ସେନା ଆସନ୍ତା ଦୁଇ ବର୍ଷ (୨୦୨୬-୨୭)କୁ 'ନେଟୱାର୍କିଂ ଓ ଡାଟା ସେଣ୍ଟ୍ରିସିଟିର ବର୍ଷ' ଭାବରେ ପାଳନ କରିବ, ଯାହାର ଉଦ୍ଦେଶ୍ୟ ହେଉଛି ସଂଯୋଗ, *(ପୃଷ୍ଠା ୭ରେ)*

## ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ ହେବ ସମ୍ବଲପୁର ରାଡାର

**ଭୁବନେଶ୍ୱର, ୧୫ା୧**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ମାର୍ଚ୍ଚ ସୁଦ୍ଧା ସମ୍ବଲପୁରରେ କାର୍ଯ୍ୟକ୍ଷମ ହେବ ଡପଲର ରାଡାର। ଏନେଇ ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମ୍ବଲପୁର ପରେ ବାଲେଶ୍ୱର ଓ ଭୁବନେଶ୍ୱରରେ ନୂଆ ରାଡାର ଲାଗିବ। ବାଲେଶ୍ୱର ଏବଂ ଭୁବନେଶ୍ୱରରେ ୨୦୨୬ ଶେଷ ସୁଦ୍ଧା ନୂଆ ରାଡାର ଲାଗିବ। ଏହାସହିତ ପୁରୀରେ ୨୦୨୭ ସୁଦ୍ଧା ନୂଆ ରାଡାର ସ୍ଥାପନ ହେବାକୁ ଯାଉଛି ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

## ଏକାଳ ପଖାଳ



ଗୋଟି ଗୋଟି କରି ଆପେ ଯାଉଛନ୍ତି
ବାକି ଖାଉଛନ୍ତି ତଡା
ଦାନାପାଣି ବିନା ଦଳଗୋଟା କିବା
ହୋଇଯିବ ପୂରା ହଡା
କାମ କଲେ ଧର୍ମ ଛଡା
ବାବୁ ତଡିଦେବେ ବିନା ସନ୍ଦେହରେ
ଚୋବାଉଥିବ ଯେ ଖଡା ।

# ଦୀର୍ଘ ଦିନର ଶାରୀରିକ ସମ୍ପର୍କକୁ 'ଜବରଦସ୍ତି' କୁହାଯିବ ନାହିଁ



**କଟକ, ୧୫ା୧**
**ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ଦିନର ଶାରୀରିକ ସମ୍ପର୍କକୁ 'ଜବରଦସ୍ତି' ବୋଲି ଧରାଯାଇ ପାରିବ ନାହିଁ। ସେହି ଆଧାରରେ ଜଣେ ବ୍ୟକ୍ତିଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଏହି ଆଧାରରେ ହାଇକୋର୍ଟ ଅଭିଯୁକ୍ତ ମହେନ୍ଦ୍ର ପ୍ରଧାନକୁ ବଳାତ୍କାର ମାମଲାରେ ଦୋଷମୁକ୍ତ କରି ଅନ୍ୟ ଅପରାଧ ପାଇଁ ଦଣ୍ଡାଦେଶରେ ସଂଶୋଧନ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେଇଛନ୍ତି। ୨୦୦୬ରେ ସୋନପୁର ଜିଲ୍ଲା ତରଭା ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ ଯେ, ମହେନ୍ଦ୍ର ପ୍ରଧାନ ତାଙ୍କୁ ଛୁରି ଦେଖାଇ ଜବରଦସ୍ତି ବଳାତ୍କାର କରିଥିଲେ ଏବଂ ପରେ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘ ଦିନ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମ୍ପର୍କ ଯୋଗୁଁ ସେ ଗର୍ଭବତୀ ହେବା ପରେ ଅଭିଯୁକ୍ତ ତାଙ୍କୁ ଗର୍ଭପାତ ପାଇଁ ଔଷଧ ଦେଇଥିଲେ। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ଏହି ମାମଲାରେ ନିମ୍ନ ଅଦାଲତ ମହେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଏହି ଆଦେଶକୁ ମହେନ୍ଦ୍ର ହାଇକୋର୍ଟରେ ଚାଲେଞ୍ଜ୍ କରିଥିଲେ। *(ପୃଷ୍ଠା ୭ରେ)*

# ସାରା ରାଜ୍ୟରେ ଶୀତ ଲହରୀ ଜାରୀ

**ଭୁବନେଶ୍ୱର, ୧୫ା୧**
**ନ୍ୟୁଜ୍ ବ୍ୟୁରୋ**

ସାରା ରାଜ୍ୟରେ ଥଣ୍ଡାର ପ୍ରକୋପ ଜାରୀ ରହିଛି । ରାଜ୍ୟର ସର୍ବନିମ୍ନ ପାରଦ ସ୍ତର ପୁଣି ତଳକୁ ଖସିଛି। ରାଜ୍ୟର ୧୦ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଛି । ଏପଟେ ପାଣିପାଗ ବିଭାଗର ଆକଳନ ଆହୁରି ଦୁଇ ଦିନ ଯାଏଁ ଶୀତ ଲହରୀରୁ ନିସ୍ତାର ମିଳିବ ନାହିଁ । ରାଜଧାନୀ ଭୁବନେଶ୍ୱର ଓ କଟକର ରାତିର ତାପମାତ୍ରା ସ୍ୱାଭାବିକଠାରୁ ୩ ଡିଗ୍ରୀ ତଳେ ରହିଛି । ଗୁରୁବାର ୧୧ଟି ଜିଲ୍ଲାକୁ ଶୀତ ଲହରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିଲା । କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଆଦି ଜିଲ୍ଲାର କିଛି କିଛି ସ୍ଥାନରେ ଶୀତ ଲହରୀ ପ୍ରବାହିତ ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିଲା।



୧୬ ତାରିଖ ଦିନ ବି ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର କିଛି କିଛି ଅଞ୍ଚଳରେ *(ପୃଷ୍ଠା ୭ରେ)*





# ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣାରେ ପୋଲିସ ପକ୍ଷରୁ ୪ ଜଣଙ୍କୁ ଜେରା

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣାରେ ମର୍କତନଗର ଥାନା ପୋଲିସ ତଦନ୍ତକୁ ଜୋର୍‌ଦାର କରିଛି । ହ୍ୟୁମାନ ସାଗରଙ୍କ ଉଭୟ ଆର୍ଥିକ ଓ ସ୍ୱାସ୍ଥ୍ୟଗତ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି । ଏହି ମାମଲାରେ ଦୁଇ ସାକ୍ଷୀ ଓ ଦୁଇ ଅଭିଯୋଗକାରୀଙ୍କୁ ଜେରା କରାଯାଇଛି । ହ୍ୟୁମାନଙ୍କ ମୃତ୍ୟୁ ପଛରେ ଥିବା ଆର୍ଥିକ କାରବାର ସମ୍ପର୍କରେ ପଚରାଉଚରା କରାଯାଇଛି । ଏହା ସହିତ ଭୁବନେଶ୍ୱର ଏମ୍‌ସରୁ ହ୍ୟୁମାନଙ୍କ ଅଲ୍‌ଟ୍ରାସାଉଣ୍ଡ, ରକ୍ତ ପରୀକ୍ଷା ରିପୋର୍ଟ, ଛାତି ଏକ୍ସ-ରେ, କାର୍ଡିଆକ୍ ଷ୍ଟାଟସ୍, କିଡ୍‌ନି ଷ୍ଟାଟସ୍, ଶବ ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ପୋଲିସ ପକ୍ଷରୁ ଚିଠି ଲେଖାଯାଇଛି । ଏହି ରିପୋର୍ଟ ସହିତ ଡାକ୍ତରଙ୍କ ମତାମତ ବି ଲୋଡ଼ାଯାଇଛି । ୨୦୨୫ ଡିସେମ୍ବର ୨୧ରେ ହ୍ୟୁମାନଙ୍କ ମା' ସେଫାଲି ସୁନା ମର୍କତନଗର ଥାନାରେ ୯ ଜଣଙ୍କ ବିରୋଧରେ ଏତଲା ଦେଇଥିଲେ । ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର ଏବଂ ତାଙ୍କ ପରିବାର ସଦସ୍ୟ, ଡାକ୍ତର ଶୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଏବଂ ତାଙ୍କ ପରିବାର, ସୋମେଶ ଶତପଥୀ, ଦୀନେଶ ବେହେରା, ମହମ୍ମଦ ଅବିଦ (ବବ୍‌ଲୁ), ପ୍ରଶାନ୍ତ ବେହେରା, ଲୁଲୁ ମହାନ୍ତି, ଜଗଦୀଶ ମହାନ୍ତିଙ୍କ ନାମରେ ଏତଲା ଦିଆଯାଇଥିଲା । ଏହି ଅଭିଯୋଗ ଆଧାରରେ ହ୍ୟୁମାନଙ୍କ ମୃତ୍ୟୁ ପୂର୍ବରୁ ଅର୍ପିତା ଅଧିଗ୍ରହଣ କରିଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ଅର୍ପିତାଙ୍କ ସହିତ ସୋମେଶଙ୍କ ସମ୍ପର୍କ, ଭୁବନେଶ୍ୱରରେ ଥିବା ଅଡ଼ିଓ ଷ୍ଟୁଡିଓର ଆର୍ଥିକ କାରବାର ଯାଞ୍ଚ ଆରମ୍ଭ ହୋଇଯାଇଛି । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ହ୍ୟୁମାନଙ୍କ ମା', ସମ୍ପର୍କୀୟ ଓ ଅଭିଯୁକ୍ତ ତାଲିକାରେ ଥିବା ଦୁଇ ଜଣଙ୍କୁ ପୋଲିସ ଜେରା କରିଛି । ହ୍ୟୁମାନଙ୍କ ତିନୋଟି ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ପୋଲିସ ପକ୍ଷରୁ ବ୍ୟାଙ୍କକୁ ମଗାଯାଇଛି । ଏହା ସହିତ ଆଇଟି ରିଟର୍ଣ୍ଣ ସମ୍ପର୍କିତ ତଥ୍ୟ ବି ମଗାଯାଇଛି । ଅର୍ପିତା ଓ ସୋମେଶଙ୍କର ବି ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ପାଇଁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଛି । ଏହି ତିନି ଜଣଙ୍କ ଭିତରେ ମୁଖ୍ୟତଃ ଆର୍ଥିକ କାରବାର ହୋଇଥିଲା । ଏହି ଘଟଣାରେ ଜୋନ୍ ୩ ଏସିପି ଆନନ୍ଦ ଅସ୍ୱୀ କହିଛନ୍ତି ଯେ ପ୍ରାଥମିକ ଭାବେ ଏମ୍‌ସକୁ ଚିଠି ଲେଖି ଡାକ୍ତରଙ୍କ ଚିକିତ୍ସା ସମ୍ପର୍କିତ ମତାମତ ମଗାଯାଇଛି । ମେଡିକାଲ୍ ମତାମତ ଯାହା ଆସିବ ସେହି ଆଧାରରେ ତଦନ୍ତର ଅଗ୍ରଗତି ହେବ । ଅନ୍ୟପଟେ ବ୍ୟାଙ୍କ ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟ, ଆଇଟି ରିଟର୍ଣ୍ଣ ସମ୍ପର୍କିତ ତଥ୍ୟ ମଗାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

# ମକର ସଂକ୍ରାନ୍ତିରେ ଆଖଣ୍ଡଳମଣୀଙ୍କୁ ଲାଗିହେଲା ମକର ଚାଉଳ ଓ ପୋଡ଼ପିଠା ଭୋଗ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ମକର ସଂକ୍ରାନ୍ତି ପାଇଁ ଉତ୍ସବ ମୁଖର ହୋଇ ଉଠିଥିଲା ଭଦ୍ରକ ଜିଲ୍ଲାର ଆରଡ଼ିପୀଠରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ । ଭୋର୍ ୪ଟାରେ ଦ୍ୱାର ଫିଟା ନୀତି ସହ ମଙ୍ଗଳ ଆଳତୀ, ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହେବା ପରେ ମକର ନୀତି ନିମନ୍ତେ ପରମ୍ପରା ଅନୁଯାୟୀ ସେବାୟତଙ୍କ ପକ୍ଷରୁ ନୂଆ ମକର ଚାଉଳ ଓ ପୋଡ଼ପିଠା ଲାଗି କରାଯାଇଥିଲା । ଦିନ ତମାମ ଭକ୍ତଙ୍କ ଗହଳି ଲାଗିଥିଲା ପୀଠରେ । ମଙ୍ଗଳା ଆଳତୀ ପରେ ପହିଲି ଭୋଗରେ ଲାଗି କରାଯାଉଥିଲା ମକର ଚାଉଳ ଓ ପୋଡ଼ ପିଠା ଭୋଗ । ମକର ପାଇଁ ଭୋର୍ ୪.୩୦ମିନିଟ୍‌ରେ ମନ୍ଦିର ପଟ୍ଟରୁ ଖୋଲା ହେବା ପରେ ମଙ୍ଗଳ ଆରତି କରାଯାଇଥିଲା । ଆଗନ୍ତୁକ ଶ୍ରଦ୍ଧାଳୁ ଓ ସମସ୍ତ ସେବାୟତ ପରିବାରଙ୍କ ଘରୁ ମଧ ମକର ଚାଉଳ ଓ ପୋଡ଼ ପିଠି ବାବାଙ୍କ ପାଖରେ ଭୋଗ ଲାଗିଥିଲା । ଭକ୍ତମାନେ ବ୍ୟାରିକେଡ୍‌ରେ ଧାଡ଼ିରେ ଠିଆ ହୋଇ ଆଖଣ୍ଡଳମଣୀଙ୍କ ଦର୍ଶନ କରିଥିଲେ । ସନ୍ଧ୍ୟା ଯାଏଁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା ପୀଠରେ । ଭକ୍ତଙ୍କ ଭିଡ଼କୁ ଦୃଷ୍ଟି ରେ ରଖି ମନ୍ଦିର ପରିସର ସମେତ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା ।

# ଆରଡ଼ି ଇନ୍ଦୁପୁର ସେକ୍‌ସନ୍ ଅଫିସରଙ୍କ ଉପକାର୍ଯ୍ୟାଳୟରେ ୮ ବର୍ଷ ହେଲା ତାଲା ଝୁଲୁଛି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦାପଡ଼ା ଆରଡ଼ି (ଗ୍ରାମ୍ୟ ଉନ୍ନୟନ) ବିଭାଗର ସେକ୍‌ସନ୍ ଅଫିସରଙ୍କ କାର୍ଯ୍ୟାଳୟରେ ଦୀର୍ଘ ୮ ବର୍ଷ ହେଲା ତାଲା ଝୁଲୁଛି । ସରକାର ଲୋକମାନଙ୍କ ହିତ ଦୃଷ୍ଟିରୁ ଏବଂ ବିଭିନ୍ନ ବିଭାଗୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜନସାଧାରଣଙ୍କ ହିତରେ ଲାଗିଥିବା ପାଇଁ ଏହି କାର୍ଯ୍ୟାଳୟକୁ ଦୀର୍ଘ ୮ ବର୍ଷ ତଳେ ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦାପଡ଼ାର ପୂର୍ବତନ ବିଧାୟକ ଶଶି ଭୂଷଣ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ । କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁଡ଼ନଙ୍ଗ ପଞ୍ଚାୟତର କୋଳିଆ ଛକରେ ଇନ୍ଦୁପୁର ସେକ୍‌ସନ୍ ଉପ କାର୍ଯ୍ୟାଳୟ ୨୦୧୮ ମସିହା ମଇ ମାସ ୧ ତାରିଖରେ ଉଦ୍‌ଘାଟନ



ହୋଇଥିଲା । ଉଦ୍‌ଘାଟନ ହେବାପରେ ଜେଇ ଦିନେମାତ୍ର ଏହି କାର୍ଯ୍ୟାଳୟକୁ ଆସିନଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି କାର୍ଯ୍ୟାଳୟର ଚାରିପଟେ ଜଙ୍ଗଲ ହେବା ସହ ଅଫିସ ଗୃହ ସଂପୂର୍ଣ୍ଣ ଭାଙ୍ଗିରୁଜି କାର୍ଯ୍ୟାଳୟ ସମ୍ମୁଖରେ ଲାଗିଥିବା ଲୁହା ଗେଟ୍ ସଂପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି । ତୁରନ୍ତ ଏହି ଉପ କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସମାଜସେବୀ ରାଜନ ପ୍ରସାଦ ଆଚାର୍ଯ୍ୟ, ସଂଜୀବ କୁମାର ଆଚାର୍ଯ୍ୟ, ଅକ୍ଷୟ କୁମାର ସାହୁ ଦାବି କରିଛନ୍ତି ।

# ବିଧାନସଭା ସମ୍ମୁଖରେ ଖଣ୍ଡା ବୁଲାଇ ଧମକ ଚମକ ଦେବା ଘଟଣାରେ ବନ୍ଧା ହେଲା ଯୁବକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଧାନସଭା ସମ୍ମୁଖରେ ଖଣ୍ଡା ବୁଲାଇ ଧମକ ଚମକ ଦେବା ଘଟଣାରେ ବନ୍ଧା ହେଲା ଯୁବକ । ସୁରିଆ ନାମକ ଯୁବକକୁ ବାନ୍ଧିଲା କ୍ୟାପିଟାଲ୍ ଥାନା ପୋଲିସ । ଇନ୍ଦିରା ଗାନ୍ଧୀ ପାର୍କ ନିକଟରେ ଖାଇବା ଷ୍ଟଲ୍ ଖୋଲିଥିବା ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ବଟି ମାଗିବା ଅଭିଯୋଗ ହୋଇଥିବା ବେଳେ ବାନ୍ଧିଲା ପୋଲିସ ।

# ୧୧୫ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ:ଜଣେ ଗିରଫ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ଅବକାରୀ ବିଭାଗ ବ୍ରାଉନ୍ ସୁଗାର କାରବାର କରୁଥିବା ଅଭିଯୋଗରେ ଅବକାରୀ ପୋଲିସ ଜଣକୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ସହଯୋଗୀ ଫେରାର୍ ହୋଇଯାଇଛି । ଗିରଫ ବେପାରୀ ଜଣକ ହେଲା ଗୁରୁଜଙ୍ଗ ଭୋଇ ସାହିର ଉପେନ୍ଦ୍ର ଭୋଇ (୫୬) । ତାଠାରୁ ଅବକାରୀ ପୋଲିସ ୧୧୫ ଗ୍ରାମ୍ ବ୍ରାଉନ୍ ସୁଗାର ଓ ଗୋଟିଏ ସ୍କୁଟି ଜବତ କରିଛି । ଅବକାରୀ ବିଭାଗ ସୂଚନା ମୁତାବକ ବୁଧବାର ସକାଳେ ଖୋର୍ଦ୍ଧା ଗୁରୁଜଙ୍ଗ ରାସ୍ତାର କାହ୍ନୁ ସାଗର ପୋଖରି ତୁଠାରେ ଥିବା ନାଗମାତା ମନ୍ଦିର ପ୍ରାଙ୍ଗଣରେ ବ୍ରାଉନ୍ ସୁଗାର୍ କାରବାର କରୁଥିବା ନେଇ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବରପାଇ ଉକ୍ତ ମନ୍ଦିର ଉପରେ ଚଢ଼ଉ କରିଥିଲା । ଚଢ଼ଉ ସମୟରେ ଉପେନ୍ଦ୍ର ଭୋଇକୁ ଗିରଫ କରିଥିବା ବେଳେ ସହଯୋଗୀ ତ୍ରିନାଥ ବେହେରା ଫେରାର୍ ହୋଇଯାଇଛି ।

# ସମାଧାନ ହେଉନାହିଁ ଚାଷୀଙ୍କ ସମସ୍ୟା:ନରସିଂହଙ୍କୁ ଭେଟି ଲୋକେ କଲେ ଅଭିଯୋଗ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଚାଷୀଙ୍କ ସରକାର ବୋଲି କହୁଥିବା ଚାରି ଆଡେ ଡିମ୍‌ଡିମ୍ ପିଟୁଥିବା ରାଜ୍ୟ ସରକାର ଧିରେ ଧିରେ ଚାଷୀ ବିରୋଧୀ ହୋଇ ବସିଲାଣି । ଧାନର ଗନ୍ତାଘର କୁହାଯାଉଥିବା ପଶ୍ଚିମ ଓଡ଼ିଶାର ଚାଷୀଙ୍କ ସମସ୍ୟା ଯେପରି ଭାବେ ବଢ଼ି ଚାଲିଛି ଆଗାମୀ ଦିନରେ ଏକ ବଡ଼ କୃଷକ ଆନ୍ଦୋଳନ ପାଇଁ ବାଟ ଫିଟାଉଛି । ମଣ୍ଡିରୁ ଧାନ ଉଠୁ ନାହିଁ । ଚାଷୀଙ୍କୁ ତାଙ୍କର ଉତ୍ପାଦିତ ଧାନ ହିସାବରେ ଟୋକନ୍ ମିଳୁନାହିଁ । ଏହି ସମସ୍ୟା ଧାନକିଣା ଦିନ ଧାର୍ଯ୍ୟ ହେବା ଦିନ ଠାରୁ ଜାରି ରହିଛି । ପୁଣି ସରକାର ଚାଷୀଙ୍କ ସ୍ୱାର୍ଥ ରକ୍ଷା ପରିବର୍ତ୍ତେ ସ୍ୱାର୍ଥ ହାନି ହେଲା ଭଳିଆ ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ନେଉଛନ୍ତି । ଏଣୁ ବଲାଙ୍ଗିର ସଦର ବ୍ଲକ ଅଞ୍ଚଳର ହର୍ଡାଟାଲ ଠାରେ ଚାଷୀ ଓ ସାଧାରଣ ଜନତା ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଭେଟି ତାଙ୍କ ସମସ୍ୟା ଉପରେ ଅଭିଯୋଗ ରଖିଛନ୍ତି । ବର୍ତ୍ତମାନ ସରକାର ଘୋଷଣା କରିଛନ୍ତି ଯେ ୧୫୦ କ୍ୱିଣ୍ଟାଲ ଉପରେ ଯଦି କୌଣସି ଚାଷୀ ଧାନ ଅମଳ କରୁଛି ତେବେ ୧୫୦ କ୍ୱିଣ୍ଟାଲରୁ ଅଧିକ ଯେତେ ଧାନ ବିନା ବୋନସ୍‌ରେ ବିକିବାକୁ ହେବ । ସେଣୁ ଏହାକୁ ନେଇ ଚାଷୀମାନଙ୍କ ମନରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି । ଗୋଟିଏ ପଟରେ ସରକାରଙ୍କ କୃଷି ବିଭାଗ ଅଧିକ ଅମଳ ହେଉଥିବା ଧାନ ଚାଷ ପାଇଁ ପ୍ରୋତ୍ସାହିତ କରୁଥିବା ବେଳେ ଏଠାରେ ଅଧିକ ଧାନ ଅମଳ କଲେ ବିନା ବୋନସ୍‌ରେ କିଣିବା ନିଷ୍ପତ୍ତି କାହିଁକି ନେଉଛନ୍ତି ବୋଲି ଚାଷୀ ଏହାକୁ ନେଇ ପ୍ରଶ୍ନ କରୁଛନ୍ତି । ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ମଧ୍ୟ ଏଭଳି ନିଷ୍ପତ୍ତି ଚାଷୀ ସ୍ୱାର୍ଥ ବିରୋଧି ବୋଲି କହିଛନ୍ତି । ଆଲୋଚନା ବେଳେ ମଣ୍ଡିରୁ ଧାନ ନ ଉଠିବା, ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଚାଷୀଙ୍କୁ ପ୍ରଦାନ ଏ ପର୍ଯ୍ୟନ୍ତ ପ୍ରଦାନ ନକରିବାକୁ ନେଇ ମଧ ଆଲୋଚନା ହୋଇଥିଲା । ଅମଳ ଋତୁରେ ଯଦି ସରକାର ଏପରି ଚାଷୀ ମାରଣ ନୀତି ଅବଲମ୍ବନ କରିବେ ଏବଂ ଚାଷୀଙ୍କୁ ତାର ଧାନ ବିକ୍ରି ସମୟରେ ବିଭିନ୍ନ ପ୍ରକାର ନକରାତ୍ମକ ପରିସ୍ଥିତି ସୃଷ୍ଟି କରିବେ ତେବେ ଆଗାମୀ ଦିନରେ ଚାଷୀମାନେ ନିଶ୍ଚିତ ଭାବରେ ଏହାର ସଠିକ୍ ଜବାବ ଦେବେ ବୋଲି ସାଧାରଣ ଲୋକ କହିଛନ୍ତି । କିଛି ଚାଷୀ ଚାଷ ପାଇଁ ହେଉଥିବା ବିଜୁଳି ସମସ୍ୟା ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରିଥିଲେ । ଏହାକୁ ନେଇ ଶ୍ରୀ ମିଶ୍ର ଉପରସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ତାର ସମାଧାନର ବାଟ ବାହାର କରିବେ ବୋଲି ଉପସ୍ଥିତ ଲୋକଙ୍କୁ କହିଥିଲେ । ଏହି ଆଲୋଚନା ବେଳେ ମାଗୁରବେଡ଼ା ସରପଞ୍ଚ ସଞ୍ଜୟ ଗଡ଼ତ୍ୟା, ବେଲାରସିଂ ଭୋଇ, ରାଧାକାନ୍ତ ଭୋଇ, ଭରତ ସାହୁ, ଅଙ୍ଗଦରାଜ ଗଡ଼ତ୍ୟା, ମଧୁସୂଦନ ଭୋଇ, ଦୁର୍ଗା ପ୍ରସାଦ ଭୋଇ, ସୁଦାମ ପ୍ରଧାନଙ୍କ ସହ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଗ୍ୟାରେଜ୍‌ରେ ଅଗ୍ନିକାଣ୍ଡ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ଯୋଲୋ ବ୍ରିଜ୍ ଛକ ନିକଟରେ ଥିବା ଏକ ଗ୍ୟାରେଜ୍‌ରେ ନିଆଁ ଲାଗିଥିଲା । ରାତି ପ୍ରାୟ ସାଢେ ୧୦ଟା ସମୟରେ ଯୋଲୋ ବ୍ରିଜ୍ ନିକଟରେ ଥିବା ଗ୍ୟାରେଜ୍‌ରେ କୌଣସି କାରଣ ବଶତଃ ନିଆଁ ଲାଗିଥିଲା । ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ସେଠାରେ ଉପସ୍ଥିତ ଥିବା ଲୋକେ ଦମକଳ ବାହିନିକୁ ଫୋନ୍ କରିବା ପରେ ଦମକଳ ବିଭାଗୀୟ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଏଥିରେ କେହି ମୃତାହତ ହୋଇନଥିବା ବେଳେ ଗ୍ୟାରେଜ୍‌ରେ କିଛି ସାମଗ୍ରୀ ପୋଡ଼ି ଯାଇଥିବା ଅଗ୍ନିଶମ ଅଧିକାରୀ ସୁରେଶ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି ।

# ମକର ମେଳା ଆରମ୍ଭ:ଦହଲ କୁଣ୍ଡରୁ ଗୁଆ ଖୋଜି ଖାଇଲେ ସନ୍ତାନ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ହିନ୍ଦୁ ଧର୍ମର ବିଶ୍ୱାସ ଅନୁଯାୟୀ, ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି ଓ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୁଏ । ଏହି ମକର ସଂକ୍ରାନ୍ତି ସମଗ୍ର ଦେଶରେ ଭିନ୍ନ ଭିନ୍ନ ଭାବେ ପାଳିତ ହୋଇଥାଏ । ତେବେ ଖୋର୍ଦ୍ଧା ଜିଲ୍ଲା ଅଟ୍ରି ଠାରେ ହେଉଥିବା ମକର ମେଳା ନିଆରା ଓ ଏହା ସ୍ୱତନ୍ତ୍ର ଆକର୍ଷଣ କରିଛି । ବିଶ୍ୱାସ, ପରମ୍ପରା ଆଗରେ ହାର ମାନିଛି ବିଜ୍ଞାନ । ତେବେ ନାରୀମାନେ ନିଜ କୋଳରେ ଛୁଆଟିଏ ପାଇଁ ଶ୍ରୀଶ୍ରୀ ଏକାଦଶ ରୁଦ୍ର ହଟକେଶ୍ୱରଙ୍କ ଅପାର ମହିମା ଓ ଆର୍ଶୀବାଦରୁ ସଂକଳ୍ପ ପୂର୍ବକ ଉଷ୍ଣ ପ୍ରସବଣର ଦହଲ କୁଣ୍ଡରୁ ଗୁଆ ଖୋଜି ପାଇ ଭକ୍ଷଣ କରିଲେ ଏକ ବର୍ଷ ମଧ୍ୟରେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ମକର ସଂକ୍ରାନ୍ତି ଅବସରରେ ଖୋର୍ଦ୍ଧା ବାଘମାରୀ ଅଟ୍ରି ଉଷ୍ଣ ପ୍ରସବଣରେ ଜମିଛି ଶ୍ରଦ୍ଧାଳୁଙ୍କ ଭିଡ଼ । ଅଟ୍ରିର ପବିତ୍ର ଜଳରେ ବହୁସଂଖ୍ୟାରେ ଭକ୍ତ ବୁଡ଼ ପକାଉଛନ୍ତି । ମକର ମେଳା ପାଇଁ ଏକାଦଶ ରୁଦ୍ର ହଟନାଥ ହଟକେଶ୍ୱରଙ୍କ କ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି । ଅଟ୍ରି ଉଷ୍ଣ ପ୍ରସବଣ ଉଷ୍ଣ ପାଣି ପାଇଁ ଯେତିକି ପରିଚିତ ପୌରାଣିକ ମତ ପାଇଁ ମଧ ଇତିହାସରେ ସେତିକି ବର୍ଣ୍ଣିତ । ମକର ସଂକ୍ରାନ୍ତି ଦିନ ଅର୍ଦ୍ଧରାତ୍ରିରୁ ବନ୍ଧ୍ୟା



ନାରୀମାନେ ମହାଦେବ ହଟକେଶ୍ୱରଙ୍କ ଠାରେ ମାନସିକ କରି କୁଣ୍ଡରୁ ଗୁଆ ଖୋଜି ସେବନ କଲେ ବନ୍ଧ୍ୟା ଦୋଷ ହରଣ ହୁଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ବ୍ରାହ୍ମଣମାନଙ୍କ ମନ୍ତ୍ରପାଠ ସହିତ ମାନସିକ ଧାରିଣୀ ମହିଳା ପ୍ରଚଣ୍ଡ ଶୀତରେ 'କୁଆ କୁଣ୍ଡ' ନାମରେ ନାମିତ ଏହି ମାନସିକ କୁଣ୍ଡର ପାଣି ଭିତରେ ପଶି ଗୁଆ ଖୋଜିଛନ୍ତି । ସେହିପରି ଏହି ପାଣିରେ ଗାଧୋଇଲେ ଚର୍ମ ରୋଗ ଭଲ ହୋଇଥାଏ ବୋଲି ମଧ ବିଶ୍ୱାସ ରହିଛି । ତେଣୁ ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ବୁଡ଼ ପକାଇବାକୁ ଆସିଥାନ୍ତି । ଏଥିସହ ଶୀତ ଦିନ ହୋଇଥିବାରୁ ଅଟ୍ରିର ଉଷ୍ମ ପାଣିରେ ଗାଧୋଇବାର ମଜା ନେଇଥାନ୍ତି ପର୍ଯ୍ୟଟକ । ଏଥିସହିତ ବୁଧବାର ଠାରୁ ଆରମ୍ଭ ହୋଇଛି ଅଟ୍ରି ମକର ମେଳା । ହଜାର ହଜାର ସଂଖ୍ୟାରେ ମହିଳା ପୁରୁଷ ଧାଡି ବାନ୍ଧି ଅଟ୍ରି ଉଷ୍ଣ ପ୍ରସବଣ ଓ ଶ୍ରୀ ହଟକେଶ୍ୱର ମନ୍ଦିରେ ଯାଇ ପୂଜାର୍ଚ୍ଚନା କରିଛନ୍ତି । ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଜିଲ୍ଲା ପାଶସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଉଦୟଗିରି ସ୍ମରଣିକା ଓ ବୌଦ୍ଧ ଧର୍ମ ପୁସ୍ତକ ଉନ୍ମୋଚିତ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଦ୍ୱିତୀୟ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ବେଶ୍ ଉତ୍ସାହର ସହ ପାଳନ କରାଯାଉଛି । ସମ୍ମିଳନୀର ଚତୁର୍ଥ ଦିନରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଜିଲ୍ଲାପାଳ ଅମ୍ବର କୁମାର କର, ଜିରାଙ୍ଗର ବୌଦ୍ଧ ଗୁରୁ ଜିଗମେ ରିଙ୍ଗପୋଚେ, ଲାଇଟ୍ ଅଫ୍ ବୁଦ୍ଧ ଫାଉଣ୍ଡେସନ୍‌ର ମୁଖ୍ୟ ଓ୍ୱାଙ୍ଗମୋ ଦିକ୍ସେ ପ୍ରମୁଖ ଯୋଗ ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ବକ୍ତବ୍ୟରେ କହିଥିଲେ ଯେ, ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ମାଧ୍ୟମରେ ବୌଦ୍ଧ ପର୍ଯ୍ୟଟନର ବିକାଶ ହେବା ସହ ଶାନ୍ତି ଏବଂ କରୁଣାର ବାର୍ତ୍ତା ସାରା ବିଶ୍ୱରେ ପହଞ୍ଚିପାରିବ । ଏଇ ଓଡ଼ିଶା ମାଟି ସର୍ବଦା ଆଧାତ୍ମିକତାର ପଥରେ ଅଗ୍ରସର ହୋଇଆସିଛି । ଓଡ଼ିଶା ସରକାର ଏଦିଗରେ ଅନେକ ପ୍ରୟାସ କରୁଛନ୍ତି । ରତ୍ନଗିରି, ଲଳିତଗିରି, ଉଦୟଗିରି, ଜିରାଙ୍ଗ, ଧଉଳି ଭଳି ବୌଦ୍ଧ କୀର୍ତ୍ତିରାଜିର ସାମଗ୍ରିକ ବିକାଶ, ଐତିହ୍ୟ ସଂରକ୍ଷଣ ଏବଂ ଇତିହାସ ସମ୍ବନ୍ଧୀୟ ଆଧୁନିକ ଗବେଷଣା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଛନ୍ତି । ଓଡ଼ିଶାର ସୁସମୃଦ୍ଧ ବୌଦ୍ଧ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ସରକାର ଲାଇଟ୍ ଅଫ୍ ବୁଦ୍ଧ ଫାଉଣ୍ଡେସନ୍ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ବୌଦ୍ଧ ଧର୍ମ ବିକାଶ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବା ସହ ଓଡ଼ିଶାକୁ ଭାରତର ବୌଦ୍ଧ ପର୍ଯ୍ୟଟନ ସର୍କିଟ୍ ସହ ଯୋଡ଼ିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଏହାସହ ଜୀରାଙ୍ଗ ମହାବିହାରର ମଧ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ । ସେହିଭଳି ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାରେ ହୋଇଥିଲା ଏବଂ ଉଦୟଗିରି ଠାରେ ହିଁ ସେ ମହାପରିନିର୍ବାଣ ପ୍ରାପ୍ତ କରିଥିଲେ । ଏହାସହ ଓଡ଼ିଶାରେ ଗୁରୁ ପଦ୍ମସମ୍ଭବ ଏବଂ ବୌଦ୍ଧ ତନ୍ତ୍ରଯାନ ସମ୍ବନ୍ଧୀୟ ପ୍ରମାଣ, ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆଣିଥିବାରୁ ଉପସ୍ଥିତ ବିଶେଷଜ୍ଞ ଗବେଷକମାନଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଶଂସା କରିଥିଲେ । ଜାନୁଆରୀ ୧୬ ଯାଏଁ ଚାଲୁଥିବା ଏହି ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ୧୭୦୦ରୁ ଉର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ, ଗୁରୁ, ପର୍ଯ୍ୟଟକ ଯୋଗ ଦେଇଛନ୍ତି । ଏହି ଅବସରରେ ଅତିଥିମାନେ ଉଦୟଗିରି ସ୍ମରଣିକା ସହ ବୌଦ୍ଧ ଐତିହ୍ୟ ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚନ କରିଥିଲେ । ଅତିଥିମାନଙ୍କ ବକ୍ତବ୍ୟ ପରେ ଓଡ଼ିଶା ଓ ଗୁରୁ ପଦ୍ମସମ୍ଭବଙ୍କ ଇତିହାସକୁ ନେଇ ଏକ ଆଲୋଚନା ଚକ୍ର ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାରେ ଲାଇଟ୍ ଅଫ୍ ବୁଦ୍ଧ ଫାଉଣ୍ଡେସନ୍‌ର ରିଚାର୍ଡ ଦିକ୍ସେ, ଫରାସୀ ଭାରତତତ୍ତ୍ୱବିତ୍ ଡ. ଫ୍ରେଡରିକ ମରୁନଭାଲ, ବିଶିଷ୍ଟ ଲେଖକ ଓ ଗବେଷକ ପ୍ରବୀର ପଟ୍ଟନାୟକ, ଗବେଷକ ଡ. ଅନୀତା ସାବତ, ପ୍ରଫେସର ରାହୁଲ ରବି ରାଓ, ଲାମା ତେଞ୍ଜିନ ସାମ୍ଫେଲ ଅଂଶଗ୍ରହଣ କରିଥିଲେ । ସମ୍ମିଳନୀରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଡ. ସୁବ୍ରତ କୁମାର ପୃଷ୍ଟି, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଓଟିଡିସି ଜେନେରାଲ ମ୍ୟାନେଜର ଧର୍ମେନ୍ଦ୍ର ମଲ୍ଲିକ, ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାପସ କୁମାର ସାହୁ ଉପସ୍ଥିତ ଥିଲେ । ଏହାସହ ଏହି ମହୋତ୍ସବରେ ସ୍ଥାନୀୟ ଜନସାଧାରଣ, ଶ୍ରଦ୍ଧାଳୁ ଏବଂ ଗଣମାଧ୍ୟମ ପ୍ରତିନିଧି ସାମିଲ୍ ହୋଇଥିଲେ ।



# ସ୍ୱଳ୍ପ ପାଣିରେ ଅଧିକ ଫସଲ ଉତ୍ପାଦନ ନିମନ୍ତେ ଚାଷୀମାନଙ୍କୁ ପରାମର୍ଶ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପାଣିପଞ୍ଚାୟତ ଭବନ ଓ ଜଳସେଚନ ବିଭାଜନ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ପାଣିପଞ୍ଚାୟତ ସମାବେଶ ଓ ପାଣିପଞ୍ଚାୟତ ପକ୍ଷ ପାଳନ ୨୦୨୫-୨୬ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲା ସ୍ତରୀୟ ପାଣିପଞ୍ଚାୟତ ସମାବେଶ ବୈଠକରେ ସମ୍ମାନନୀୟ ଅତିଥି ଭାବେ ବରଗଡ଼ର ଲୋକସଭା ସାଂସଦଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ, ମୁଖ୍ୟଯନ୍ତ୍ରୀ କେନାଲ ଡିଭିଜନ ବରଗଡ଼ ଓ ବରପାଲି ଡିଭିଜନ୍, କେନାଲ ଡିଭିଜନ୍‌ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ବୁର୍ଲା, ଜ୍ୟୋତିରଞ୍ଜନ ସଭାରେ ଉପସ୍ଥିତ ଥିଲେ । ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ବୁର୍ଲା, ଆଲୋକପାତ କଲେ । ସେ ବରଗଡ଼ ଜିଲ୍ଲାର ବିଭିନ୍ନ କେନାଲ ଗୁଡ଼ିକ ପରିଦର୍ଶନ କରିଥିଲେ ଓ ତାଙ୍କର କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ । ହୀରାକୁଦ ବନ୍ଧର ପାଣି କିପରି କମ୍ ଖର୍ଚ୍ଚରେ ଚାଷ କାର୍ଯ୍ୟରେ ବ୍ୟବହାର ହୋଇପାରିବ ମତାମତ ଦେଲେ । ତାଙ୍କର ମୁଖ୍ୟଯନ୍ତ୍ରୀମାନଙ୍କ ସହିତ ପରାମର୍ଶ ଲୋଡିଲେ ଯେ କିପରି ମରାମତି ହୋଇପାରିବ । ପାଣିପଞ୍ଚାୟତର ଅଧିକାରୀମାନଙ୍କ ସହିତ ସେ ଆଲୋଚନା କଲେ ଯେ ଆଗକୁ କିପରି ପାଣିକୁ କମ୍ ଖର୍ଚ୍ଚ କରି ବେଶୀ ଫସଲ ଅମଳ ହୋଇପାରିବ ଓ ମୁଖ୍ୟ ଅତିଥି ନିହାର ରଞ୍ଜନ ମହାନନ୍ଦ ତାଙ୍କର ବକ୍ତବ୍ୟରେ ସେ ବିଭିନ୍ନ ପାଣିପଞ୍ଚାୟତ ଅନୁଷ୍ଠାନମାନଙ୍କ ଉପରେ ଆଲୋକପାତ କଲେ । ସେହିପରି କେନାଲ ମରାମତି ପାଇଁ ବରଗଡ଼ ଜିଲ୍ଲାକୁ ଅତ୍ୟଧିକ ଟଙ୍କା ଆସିଛି ବୋଲି ମତ ପ୍ରକାଶ କଲେ । ପରିଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପାଣି ପଞ୍ଚାୟତ ଉପରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେ ସେହି ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରିଶେଷରେ ପାଣିପଞ୍ଚାୟତର ସମସ୍ତ ଅଧିକାରୀ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ, ସାମ୍ବାଦିକ ବନ୍ଧୁଗଣ, ଇଲେକ୍ଟ୍ରୋନିକ ମିଡିଆ, ପ୍ରିଣ୍ଟ ମିଡିଆ ଓ ମାନ୍ୟଗଣ୍ୟ ବନ୍ଧୁଗଣମାନଙ୍କୁ ପରିଶେଷରେ ଧନ୍ୟବାଦ ଅର୍ପଣ ସହ ସଭା ଶେଷ କରାଗଲା ।

# ଈଶ୍ୱରପୁରର ମା' ଦପା ନାୟକାଣୀ ପୀଠ ଉତ୍ସବ ମୁଖର
# ଘସି ଉପରେ ବଡ଼ଭୋଗ ପ୍ରସ୍ତୁତ ହେବା ନିଆରା ପରମ୍ପରା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁର ଗ୍ରାମସ୍ଥିତ ମା' ଦପାନାୟକାଣୀ ପୀଠ ମକର ସଂକ୍ରାନ୍ତି ଠାରୁ ଉତ୍ସବମୁଖର ହୋଇଉଠିଛି । ଏହି ମେଳା ୫ ଦିନ ଚାଲିବାକୁ ଥିବାବେଳେ ପ୍ରଥମ ଦିନରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥିବା ଜଣାଯାଇଛି । ମନସ୍କାମନା ପୂରଣ ପରେ ମାନସିକଧାରୀମାନେ ମା'ଙ୍କୁ କୁକୁଡ଼ା ଓ ମାଟିଘୋଡା ଅର୍ପଣ କରିଥିବା ଜଣାଯାଇଛି । ଏହାଛଡ଼ା ବିନା ଚୁଲିରେ ଘସି ଉପରେ ବଡ଼ଭୋଗ ପ୍ରସ୍ତୁତି ମଧ ମା'ଙ୍କ ଅଲୌକିକ ମହିମାକୁ ପ୍ରତିପାଦିତ କର ଏକ ନିଆରା ପରମ୍ପରା ସୃଷ୍ଟି କରିଆସିଛି । ରାଜ୍ୟ ମାନଚିତ୍ରରେ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଥିବା ମା'ଙ୍କ ପୀଠସ୍ଥଳରେ ଯେତେ ପର୍ବ ପାଳିତ ହୋଇଥାଏ ତା ଭିତରୁ ମକରମେଳା ସ୍ୱତନ୍ତ୍ର ପର୍ବ ଭାବେ ପରିଗଣିତ ହୋଇଆସିଛି । ଏହା ବୟାଙ୍ଗ ଅଞ୍ଚଳରେ ଶ୍ରେଷ୍ଠ ପର୍ବ ଭାବେ ପାଳିତ ହୋଇଆସୁଛି । ମକର ସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁମାନେ ବଡ଼ିଭୋରୁ ମନ୍ଦିର ବେଢ଼ାରେ ଭୋଗ କରିବା ସହିତ ଦୀପ ଲଗାଇଥିଲେ । ମା'ଙ୍କ ନିକଟରେ ଶ୍ରଦ୍ଧାଳୁମାନେ ମାନସିକ ରଖିଥିବା କୁକୁଡ଼ାକୁ ଅର୍ପଣ କରିଥିଲେ ଯାହାକୁ ଭକ୍ତମାନେ ଭୋଗ ଭାବେ ଭକ୍ତିର ସହିତ ଘରକୁ ନେଇଥିଲେ । ଏହି ପରମ୍ପରାଟି ସ୍ଥାନୀୟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରମ୍ପରା ବୋଲି କୁହାଯାଇଛି । ଏହାଛଡା ବିନା ଚୁଲିରେ କେବଳ ଘଷିରେ ନିଆଁ ଲଗାଯାଇ ବଡ଼ଭୋଗ ପ୍ରସ୍ତୁତି ହୋଇଥାଏ । ମା'ଙ୍କ ବେଢ଼ା ପରିସରରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ଏହି ଭୋଗ ପ୍ରସ୍ତୁତ କରିଥାନ୍ତି । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକ,ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧିରଞ୍ଜନ ନାୟକ ପ୍ରମୁଖ ମା'ଙ୍କୁ ଦର୍ଶନକରି ଆଶୀର୍ବାଦ ଭିକ୍ଷା କରିଥିଲେ । ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାମାନେ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି କରଣ ପାଇଁ ମନ୍ତ୍ରୀ ଓ ଜିଲ୍ଲା ପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ମା' ଦପାନାୟକାଣୀ ପୀଠରେ ଚଳିତ ବର୍ଷ ଶାନ୍ତି ଶୃଙ୍ଖଳା ପାଇଁ ଈଶ୍ୱରପୁର ହାଇସ୍କୁଲର ସ୍କାଉଟ୍ ଗାଇଡ ଛାତ୍ରୀଛାତ୍ରମାନେ ନିୟୋଜିତ ହୋଇଛନ୍ତି । ପୀରହାଟ ଥାନା ଅଧିକାରୀ ରୋଜାଲିନ ବେହେରା ତିହିଡି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ମୁତୟନ କରାଯାଇ ଆଇନ୍ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ପଦକ୍ଷେପ ନିଆଯାଇଛି । ମା'ଙ୍କ ମନ୍ଦିର ପରିଚାଳନା କମିଟିର ସଭାପତି ଶରତଚନ୍ଦ୍ର ଦାସ, ସମ୍ପାଦକ ମଦନମୋହନ ଦାସ, କୋଷାଧ୍ୟକ୍ଷ ଅଭିମନ୍ୟୁ ମଳିକ, ହିସାବ ନିରୀକ୍ଷକ ଚକ୍ରଧର ଦାସ, ସଦସ୍ୟ ସୁଧାକର ଦାସ, ମୁରଲୀଧର ମଳିକ, ଚରଣ ମଳିକ, ବୈରାଗୀ ମଳିକ, ନିରାକାର ମଳିକ, ବୈରାଗୀ ମଳିକ ପ୍ରମୁଖ ମେଳା ପରିଚାଳନାରେ ସହଯୋଗ କରୁଛନ୍ତି । ଏହି ମେଳା ମା'ଙ୍କ ପୀଠରେ ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ୧୮ ତାରିଖରେ ଶେଷ ହେବ ।

# ଗ୍ରାମ୍ୟ ବିକାଶରେ ମହିଳାମାନଙ୍କ ଭୂମିକା ଅପରିହାର୍ଯ୍ୟ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ପାର୍ଟିସିପେସନ ଅଫ୍ ଓମେନ୍ ଇନ୍ ରୁରାଲ୍ ଗଭର୍ଣ୍ଣେନ୍ସ, ମିଥ୍ ଆଣ୍ଡ ରିଆଲିଟି ଉପରେ ଏକ ରାଜ୍ୟସ୍ତରୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଶେଖ୍ ନୈମୁଦ୍ଦିନ ଏହି ସଭାର ପୌରୋହିତ୍ୟ କରିଥିଲେ । ଏହି ସେମିନାରରେ ମୁଖ୍ୟ ବକ୍ତା ଭାବେ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ଯୋଗଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ପ୍ରଫେସର ରତ୍ନାକର ରାୟ, ନାକ୍ କୋ ଅର୍ଡିନେଟର ପ୍ରଫେସର ଅନୀଲ କୁମାର ପାଢ଼ୀ ଉପସ୍ଥିତ ରହିଥିଲେ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧାପକ ଡକ୍ଟର ସନ୍ତୋଷ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସେହିପରି ଥିମ୍ ପେପର ଉପସ୍ଥାପନା କରିଥିଲେ ଅଧାପକ ପ୍ରକାଶ କୁମାର ପରିଡ଼ା । ରାଜନୀତି ବିଜ୍ଞାନ ବିଭାଗର ଅଧାପିକା ସେଲିନା ତରାଇ ସଭା ପରିଚାଳନା କରିଥିଲେ । ଛାତ୍ରଛାତ୍ରୀଙ୍କ ତରଫରୁ ପ୍ରବନ୍ଧ ପାଠ କରାଯାଇଥିଲା । ଆମନ୍ତ୍ରିତ ଅତିଥି ପ୍ରଦୀପ କୁମାର ପଣ୍ଡା ପ୍ରଶ୍ନକାଳରେ ବହୁ ଛାତ୍ରଛାତ୍ରୀ ଓ ନିମନ୍ତ୍ରିତ ଅଧାପକ ଭାଗ ନେଇଥିବା ବେଳେ ବିଜୟ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟାର୍ଗେଟ୍ ଓ କଟନୀ ଛଟନୀକୁ ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ନବନିର୍ମାଣର ବିକ୍ଷୋଭ

**ନୟାଗଡ଼, ନ୍ୟୁଜ୍ ବ୍ୟୁରୋ**

ନୟାଗଡ଼ ଜିଲ୍ଲାରେ ଧାନର ଅଭାବି ବିକ୍ରି କଟନୀ ଛଟନୀ ଓ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା କମ୍ ଟାର୍ଗେଟ୍ ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛି ନବନିର୍ମାଣ କୃଷକ ସଂଗଠନ । ଚାଷୀମାନେ ହାତୀଆଶାଳ ମଠରୁ ଏକ ବାଇକ୍ ଶୋଭାଯାତ୍ରା ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକୀ ପତ୍ର ଦେବା ସହ ମଣ୍ଡି ପୂଜା ହେବାର ୧୫ ଦିନ ପରେ ମଧ ଧାନ ନଉଠିବା ଲଜ୍ଜ୍ୟାଜନକ ବୋଲି କହିଥିଲେ । ଧାନ ଉଠାଇବାକୁ ଆରମ୍ଭ କରିଥିବା ମିଲରମାନେ କ୍ୱିଣ୍ଟାଲ ପିଛା ୭ କେଜି ୫୦୦ କାଟ ମାରୁଛନ୍ତି ବୋଲି ଚାଷୀମାନେ ଉପଜିଲ୍ଲାପାଳଙ୍କ ପାଖରେ ଫେରାଦ ହୋଇଥିଲେ । ପ୍ରଥମରୁ



ସ୍ମାରକପତ୍ର ଦେବାକୁ ଅଫିସ ଭିତରକୁ ପୋଲିସ ଡାକିବାରୁ ଚାଷୀମାନେ ଆମ ପାଖକୁ ଆସି ଅଫିସରମାନେ ସ୍ମାରକପତ୍ର ନେବାକୁ ଅଡ଼ିବସିଥିଲେ । ପୋଲିସ ଏଥିରେ ଅରାଜି ହେବାରୁ ଚାଷୀମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ପରେ ଉପଜିଲ୍ଲାପାଳ ଆମେ ଆପଣମାନଙ୍କ ଦାବି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଦେବୁ ବୋଲି ପ୍ରତିଶୃତି ଦେଇଥିଲେ । ଚଳିତ ବର୍ଷ ଯଦି ପୂର୍ବ ବର୍ଷ ଭଳି ୭/୧୦ କେଜି କାଟ ପାଇଁ ମିଲରମାନେ ମଣ୍ଡି ଗୁଡ଼ିକରେ ଜିଦ୍ କରନ୍ତି ତେବେ ସେମାନଙ୍କୁ ଧାନ କିଣିବା ପ୍ରକ୍ରିୟାରୁ ବାଦ୍ ଦେବା ସହ ବ୍ଲାକ୍ ଲିଷ୍ଟ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ । ଜିଲ୍ଲା ସଂଯୋଜକ ପ୍ରସନ୍ନ ପ୍ରଧାନଙ୍କ ଆବାହ୍ନରେ ସାଂଗଠନିକ ବୈଠକ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା ବେଳେ ସଂଗଠନର ବରିଷ୍ଠ ନେତା ମହେଶ୍ୱର ଜେନା ପ୍ରତି ମଣ୍ଡିରୁ ଚାଷୀଙ୍କୁ ଡାକି ଏହି ମିଲର ଶୋଷଣ ବିରୁଦ୍ଧରେ ଲଢ଼େଇ ଜାରି ରହିବ ବୋଲି କହିଥିଲେ । ବିକ୍ଷୋଭରେ ଜିଲ୍ଲାର ସମସ୍ତ ବ୍ଲକରୁ ଶତାଧିକ ଚାଷୀ ଯୋଗଦେଇଥିଲେ । ଏକ ସପ୍ତାହ ଭିତରେ ଯଦି କଟନୀ ଛଟନୀ ବନ୍ଦ ପାଇଁ ପ୍ରଶାସନ ମିଲରଙ୍କୁ ନିର୍ଦ୍ଦେଶ ନଦିଏ କିମ୍ବା କମ୍ ହୋଇଥିବା ଟାର୍ଗେଟ୍ ସଂଶୋଧିତ ହୋଇ ନଆସେ ତେବେ ଜିଲ୍ଲାପାଳ ଅଫିସ୍ ଅଚଳ କରିଦିଆଯିବ ବୋଲି ଚାଷୀନେତାମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଲେଙ୍କା, ସୁରେନ୍ଦ୍ର ନାୟକ, ରଣପୁର ବ୍ଲକ୍ ସଂଯୋଜକ ଅଜୟ ମହାନ୍ତି, ଭାଗବତ ପ୍ରଧାନ, ନୂଆଗାଁ ବ୍ଲକ୍ ସଂଯୋଜକ ବିପିନ୍ ବାରିକ, ସୁରେନ୍ଦ୍ର ଭଞ୍ଜ, ପୂର୍ବତନ ଜିଲ୍ଲା ସଂଯୋଜକ ବାସୁଦେବ ସାହୁ, ସମରେନ୍ଦ୍ର ନାୟକ, ବାଇନାଥ ସାହୁ, କୁଳମଣି ହାତୀ ପ୍ରମୁଖ ଯୋଗଦେଇଥିଲେ ।



# କୁଲିଆରୀ ବିଟ୍ ଅଞ୍ଚଳରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଜଙ୍ଗଲ ନିଆଁ ଦ୍ୱାରା ପରିବେଶ, ବନ୍ୟପ୍ରାଣୀ ଓ ମାନବ ଜୀବନ ଉପରେ ପଡୁଥିବା କୁପ୍ରଭାବକୁ ଦୃଷ୍ଟିରେ ରଖି ପଦ୍ମପୁର ବନାଞ୍ଚଳ ଗାଇସିଲେଟ ସେକ୍ସନ୍ କୁଲିଆରୀ ବିଟ୍‌ର କଟାବାହାଲ, ଜୁବାଖୋଲ ଏବଂ କୁଲିଆରୀ ଗ୍ରାମରେ ବନରକ୍ଷୀ ଲିଜୀ ମହାପାତ୍ରଙ୍କ ନେତୃତ୍ୱରେ ଏକ ଜଙ୍ଗଲ ନିଆଁ ନିରାକରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସମାଜସେବୀ ତଥା ପ୍ରକୃତି ପ୍ରେମୀ ସୁଶାନ୍ତ ପଣ୍ଡା ଯୋଗଦେଇ ଜଙ୍ଗଲ ନିଆଁର କାରଣ, ଏହାର କ୍ଷତି ଓ ପ୍ରତିରୋଧ ଉପାୟ ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରିଥିବା ବେଳେ ଗ୍ରୀଷ୍ମ ଋତୁରେ ଅବହେଳା ଜନିତ କାର୍ଯ୍ୟ, ଜଳୁଥିବା ବିଡ଼ି, ସିଗାରେଟ୍ ଫିଙ୍ଗିବା ଓ ମହୁଲ ଫୁଲ ଗୋଟାଇବା ସମୟରେ ମହୁଲ ଗଛ ତଳେ ଶୁଷ୍କ ପତ୍ରକୁ ନିଆଁ ଲଗାଇବା ଫଳରେ କିପରି ଭୟାବହ ଅଗ୍ନିକାଣ୍ଡ ଘଟୁଛି ସେଥିରେ ବିସ୍ତୃତ ଆଲୋଚନା କରିଥିଲେ । ବନରକ୍ଷୀ ଲିଜୀ ମହାପାତ୍ର ଜଙ୍ଗଲରେ ନିଆଁ ଦେଖିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବା, ଜଙ୍ଗଲ ସୁରକ୍ଷା ଦଳ ସହ ସହଯୋଗ କରିବା ଓ ନିଆଁ ନିରୋଧ ପାଇଁ ସଚେତନତା ଅଭିଯାନରେ ଭାଗ ନେବାକୁ ଲୋକମାନଙ୍କୁ ଆହ୍ୱାନ ଦେଇଥିବା ବେଳେ । "ଜଙ୍ଗଲ ବଞ୍ଚିଲେ ଜୀବନ ବଞ୍ଚିବ" ବାର୍ତ୍ତା ପ୍ରଚାର କରି ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ ସ୍ତରରେ ଓଡ଼ିଆ ଭାଷା ବ୍ୟବହାର ପାଇଁ ତାଗିଦ୍ ସହିତ ଅନୁରୋଧ ମଧ କରାଯାଉଛି:ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସରକାରୀ ସ୍ତରରେ ଓଡ଼ିଆ ଭାଷା ବ୍ୟବହାର ପାଇଁ ବିଭାଗର ପୁନଃ ଚିଠି ଉପରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ତାଗିଦ୍ ସହିତ ଅନୁରୋଧ ମଧ କରାଯାଉଛି । ଓଡ଼ିଆ ଭାଷା ପ୍ରଚଳନ ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ହୋଇଛି । ଯେଉଁମାନେ ନାହାନ୍ତି ସେମାନଙ୍କୁ ସରକାରୀ ସ୍ତରରେ ଚେତାବନୀ ଦିଆଯାଉଛି । ଏହା ଏକ ନିରନ୍ତର ପ୍ରୟାସ । ଦୀର୍ଘ ଦିନ ଧରି ଯାହା ହେବା କଥା ତାହା ହୋଇନଥିଲା । ସେ ପାଇଁ ବିଭାଗ ପ୍ରଚେଷ୍ଟା କରୁଥିବା କହିଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଆମେ କମ୍ ସମୟ ଭିତରେ କରିବାକୁ ପ୍ରୟାସରତ । ସବୁ କଥା ନାଲି ଆଖି ଦେଖାଇ କରିହେବ ନାହିଁ । ସେଥିପାଇଁ ଆନ୍ତରିକତା, ଆତ୍ମୀୟତା ଆବଶ୍ୟକତା ସହ ଆନୁସଙ୍ଗିକ ବ୍ୟବସ୍ଥା ମଧ ଅଛି । ଯେଉଁଭଳି ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଭାଷା ପ୍ରତିଷ୍ଠାନ କରିଛି । ଯେଉଁମାନେ ଫାଇଲ୍ ପୁଟ୍ ଅପ୍ କରନ୍ତି ସେଠିରୁ ହିଁ କିଭଳି ଓଡ଼ିଆ ଆରମ୍ଭ ହେବ ତାକୁ ନେଇ ଆମେ ୬ଟି କର୍ମଶାଳା କରିଛୁ । ତାଙ୍କୁ ପ୍ରଶାସନିକ ଶବ୍ଦ କୋଷ ଦିଆଯାଉଛି । ସରକାରୀ ଅଧିକାରୀ କାଳେ ଭୁଲ ହୋଇଯିବ ବୋଲି ଓଡ଼ିଆ ଲେଖୁନାହାନ୍ତି । ଭୁଲ ହେଉ, ବରଂ ଭୁଲ୍ ହେବ, ତ୍ରୁଟି ସୁଧାରିବ । ଭୁଲ ହେଲେ ହିଁ ଠିକ୍ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

## ସୁକିନ୍ଦା ଅବକାରୀ ବିଭାଗର ଚଢ଼ଉ:ପାଞ୍ଚ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ସୁକିନ୍ଦା ଅବକାରୀ ବିଭାଗ ଓ ଡୋଲୀପୁର ଅବକାରୀ ଟିମ୍‌ର ମିଳିତ ସହଯୋଗରେ କଳିଙ୍ଗନଗର ଥାନା ଅନ୍ତର୍ଗତ ବାଘୁଆପାଳ ରେଲୱେ ଓଭର୍ ବ୍ରିଜ୍ ନିକଟରୁ ପାଞ୍ଚ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ଦାନଗଦି ଶାଳିଜଙ୍ଗା ଅଞ୍ଚଳର ବଙ୍ଗାଳି ମହନ୍ତଙ୍କ ପୁଅ ଯୋଗେନ୍ଦ୍ର ମହନ୍ତଙ୍କୁ ଗିରଫ କରି କେଶ୍ ନମ୍ବର ୨୦୧/ ୨୦୨୫/୨୬ରେ କୋର୍ଟ ଚାଲାଣ କରିଥିବା ଡୋଲୀପୁର ଅବକାରୀ ଅଧିକାରୀ ରାମେଶ୍ୱର ମହାନ୍ତି ସୂଚନା ଦେଇଛନ୍ତି । ଏହି ଚଢ଼ଉରେ ରେଞ୍ଜ ଅଫିସର ସସ୍ମିତା ହୋତା ସୁକିନ୍ଦା ଓଆଇସି ଦେବକାନ୍ତ ଆଚାର୍ଯ୍ୟ, ରଶ୍ମିରେଖା ଜେନା, ଶିଶିର ପ୍ରଧାନ, ଚଗଲା ମଲିକ ପ୍ରମୁଖ ସାମିଲ ହୋଇଥିଲେ । ଜିଲ୍ଲା ଭ୍ରାମ୍ୟମାଣ ଟିମ୍ ୧୬୦ କେଜି ଗଞ୍ଜେଇ ଜବତ କରିଥିବା ବେଳେ ପୁଣିଥରେ ୫ କେଜି ଗଞ୍ଜେଇ ଧରି ଯାଜପୁର ଅବକାରୀ ବିଭାଗ ଗୋଟେ ପରେ ଗୋଟେ ସଫଳତା ଅର୍ଜନ କରୁଥିବାରୁ ସାଧାରଣ ଲୋକେ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।

## ହାଇକୋର୍ଟରେ ଲୋକାୟୁକ୍ତ ଅଧକ୍ଷ ଓ ସଦସ୍ୟ ନିଯୁକ୍ତି ମାମଲା

# ଆଇନ୍‌ରେ ସଂଶୋଧନ ଆଣିବେ ସରକାର

**କଟକ, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶା ଲୋକାୟୁକ୍ତ ଆଇନ, ୨୦୧୪ରେ ସଂଶୋଧନ କରିବା ପ୍ରସଙ୍ଗରେ ସରକାର ବିଚାର କରୁଛନ୍ତି । ଯଥାଶୀଘ୍ର ଲୋକାୟୁକ୍ତ ଅଧକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ପାଇଁ ସରକାର ଆଗ୍ରହୀ । ଲୋକାୟୁକ୍ତ ଅଧକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ପ୍ରସଙ୍ଗ ନେଇ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଏଭଳି ତଥ୍ୟ ଉପସ୍ଥାପନ କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂପର୍କିତ ମାମଲାର ଶୁଣାଣି ସମୟରେ ଆଇନରେ ସଂଶୋଧନ ଆଣିବା ନେଇ ସରକାର ଚିନ୍ତା କରୁଛନ୍ତି ବୋଲି ଦର୍ଶାଯାଇଥିଲା । ସର୍ଚ୍ଚ କମିଟି ପ୍ରସଙ୍ଗ ସହିତ ଓ ଅନ୍ୟ କେତେକ ପ୍ରାବଧାନରେ ସଂଶୋଧନ କରାଯାଇପାରେ ବୋଲି ସରକାରଙ୍କ ତରଫରୁ ଅବଗତ କରାଯାଇଥିଲା । ଏଥିପାଇଁ ଅଧିକ ସମୟ ଆବଶ୍ୟକ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା । ଲୋକାୟୁକ୍ତ ଅଧକ୍ଷ ଓ ସଦସ୍ୟ ପଦ ଯଥାଶୀଘ୍ର ପୂରଣ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିବା ସହିତ ଫେବୃଆରୀ ୨୪କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି । ଆଇନଜୀବୀ ପ୍ରବୀର କୁମାର ଦାସ, ମନୋରଞ୍ଜନ ସାହୁ ଓ ସତୀଶ ବିଶ୍ୱାଳଙ୍କ ଆବେଦନର ଏକତ୍ର ଶୁଣାଣି କରି ହାଇକୋର୍ଟ ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଲୋକାୟୁକ୍ତ ଅଧକ୍ଷ, ବିଚାରବିଭାଗୀୟ ସଦସ୍ୟ ଓ ଅନ୍ୟ ଦୁଇ ସଦସ୍ୟଙ୍କ କାର୍ଯ୍ୟକାଳ ୨୦୨୪ରୁ ଶେଷ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଏହି ସବୁ ପଦରେ କାହାକୁ ନିଯୁକ୍ତି ଦିଆଯାଇନାହିଁ ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ୨୦୨୪, ଅଗଷ୍ଟ ୮ରୁ ଲୋକାୟୁକ୍ତ ଅଧକ୍ଷ ଓ ସମସ୍ତ ସଦସ୍ୟ ପଦ ଖାଲି ପଡ଼ିଛି । ଲୋକାୟୁକ୍ତ ଅଧକ୍ଷ ଓ ସଦସ୍ୟ ପଦ ପାଇଁ ନାମ ସୁପାରିସ୍ କରିବାକୁ ସରକାର ୨୦୨୪, ଫେବୃୟାରୀ ୨୧ରେ ୬ ଜଣିଆ ସର୍ଚ୍ଚ କମିଟି ଗଠନ କରିଥିଲେ । କିନ୍ତୁ ପଦ ପୂରଣ ହୋଇପାରିନାହିଁ । ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଲୋକାୟୁକ୍ତ ପ୍ରତିଷ୍ଠା କରାଯାଇଥିଲା ତାହା ପୂରଣ ହୋଇପାରୁନାହିଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ମାମଲା ପରିଚାଳନାରେ ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟଙ୍କୁ ଏଏସ୍‌ସି ଐଶ୍ୱର୍ଯ୍ୟା ଦାଶ ସହାୟତା କରୁଛନ୍ତି ।



## ଉପ ଜିଲ୍ଲାପାଳଙ୍କ ବେଆଇନ୍ ଇଟା ଭାଟି ଉପରେ ଚଢ଼ଉ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ୍ ଭାବରେ ଇଟାଭାଟି ନିର୍ମାଣ କରି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଫାଙ୍କୁଥିବା ଏବଂ ପରିବେଶକୁ ଦୂଷିତ କରୁଥିବା ଇଟାଭାଟି ଗୁଡିକୁ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ଭାଙ୍ଗିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ଗରଦପୁର, କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ, ଆଳି, ମାର୍ଶାଘାଇ ପ୍ରଭୃତି ଅଞ୍ଚଳରେ ବେଆଇନ୍ ଭାବରେ ପ୍ରଦୂଷଣ ପ୍ରମାଣପତ୍ର ନଥାଇ ଶହ ଶହ ସଂଖ୍ୟାରେ ଇଟାଭାଟି କରି ରାଜସ୍ୱ ଫାଙ୍କୁଥିବାର ଜିଲ୍ଲାପାଳଙ୍କୁ ଅଭିଯୋଗ ହେବାପରେ ଉପ ଜିଲ୍ଲାପାଳ ଶ୍ରୀ ନାୟକ ଓ କେନ୍ଦ୍ରାପଡା ତହସିଲଦାର କୁଇନ ଜେନା ଘଟଣା ସ୍ଥଳରେ ପହଞ୍ଚି ଜେସିବି ଗାଡି ମାଧ୍ୟମରେ ଇଟାଭାଟି ଗୁଡିକୁ ଭାଙ୍ଗିଛନ୍ତି । କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳଙ୍କ ବାସଭବନରୁ ୧୦୦ ମିଟର ଦୂରରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବେଆଇନ୍ ଇଟାଭାଟି କରି ଇଟାଭାଟି ମାଲିକ ମାନେ ନିର୍ଭୟରେ ରାଜସ୍ୱ ଫାଙ୍କି ବୁଲୁଛନ୍ତି । ତୁରନ୍ତ ଏହି ଇଟାଭାଟି ଗୁଡିକୁ ଭାଙ୍ଗିବା ପାଇଁ ସାଧାରଣରେ ଦାବି ହେଉଛି ।

### ///////////// ବନ୍ଧ ରାସ୍ତା ପ୍ରଶସ୍ତିକରଣ ଭେଳିକି /////////////

## ଜାନୁଆରୀ ୧୭ରେ ପୁଣି ମାପଚୁପ:ସନ୍ଦେହରେ ଅଞ୍ଚଳବାସୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକର ଦୋବଲ ଗେଙ୍ଗୁଟି ପୋଲ ଠାରୁ ମୁସ୍ତଫାପୁର ପଞ୍ଚାୟତର ରଘୁନାଥପୁର ବନ୍ଧ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଏବେ ପ୍ରଶାସନିକ ଅବହେଳା ଓ ଦୋଦଲମାନ ସ୍ଥିତି ମଧ୍ୟରେ ଗତି କରୁଛି । ଜବରଦଖଲ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ବାରମ୍ବାର ନୋଟିସ୍ ଜାରି ହେଉଥିଲେ ମଧ୍ୟ କାର୍ଯ୍ୟ କ୍ଷେତ୍ରରେ କୌଣସି ଅଗ୍ରଗତି ନହେବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ସୂଚନା ଥାଉକି ଆସନ୍ତା ଜାନୁଆରୀ ୧୭ ତାରିଖ ସକାଳ ୧୦ଟାରେ ସୀମା ନିର୍ଦ୍ଧାରଣ ପାଇଁ ମାପଚୁପ କରାଯିବ ବୋଲି ଧାମନଗର ତହସିଲଦାର ନୋଟିସ୍ ଜାରି କରିଛନ୍ତି । ବନ୍ଧକୁ ଲାଗିରହିଥିବା ଜମି ମାଲିକମାନଙ୍କୁ ନୋଟିସ୍ ଦିଆଯାଇଛି । ମାପଚୁପ ସାରି ଜବରଦଖଲ ହଟାଯିବ ଓ ପରେ ନିର୍ମାଣ କାମ ଆରମ୍ଭ ହେବ ବୋଲି ତହସିଲଦାର ଲୋକନାଥ ସେଠୀ କହିଛନ୍ତି । ଏହି ମାପଚୁପ ପ୍ରକ୍ରିୟାକୁ ନେଇ ଲୋକଙ୍କ ମନରେ ସନ୍ଦେହ ରହିଛି । ଗତ ଡିସେମ୍ବର ୯ ତାରିଖରେ (କେସ୍ ନମ୍ବର ୯୨/୨୦୨୫) ମଧ୍ୟ ସମାନ ଭାବେ ମାପ ପାଇଁ ନୋଟିସ୍ ହୋଇଥିଲା । ଲୋକମାନେ ନିଜର ଚାଷ ଓ ଦୈନନ୍ଦିନ ମୂଲ ମଜୁରୀ କାମ ଛାଡ଼ି ଉପସ୍ଥିତ ରହିଥିଲେ କିନ୍ତୁ ଶେଷ ମୁହୂର୍ତ୍ତରେ ତହସିଲ ପକ୍ଷରୁ ମାପଚୁପ କାହା ଚାପରେ ଚାପିଦିଆଯାଇଥିଲା । ଏହି ଘଟଣାର ପୁନରାବୃତ୍ତି ହେବନାହିଁ ତ, ସେ ନେଇ ପ୍ରଶ୍ନ ଉଠିଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନଦୀବନ୍ଧ ନିର୍ମାଣ ପାଇଁ ଶୁଭ ଦେଇଥିଲେ । ହେଲେ ମାସେ ବିତିଯାଇଥିଲେ ବି କେବଳ ମାପଚୁପ ଯୋଜନାରେ ହିଁ କାମ ଅଟକି ରହିଛି । ଏହି ରାସ୍ତା ନିର୍ମାଣ ହେଲେ ରଘୁନାଥପୁର, ଦୋବଲ, କୋରକଦା, ନନ୍ଦିପୁର, ସୋଧ ଓ ଖଡ଼ିପଦା ଅଞ୍ଚଳର ଲୋକେ ଦୋବଲ ବଜାରର ଭିଡ଼କୁ ଏଡ଼ାଇ ସହଜରେ ଯିବାଆସିବା କରିପାରିବେ । ଏଣୁ ସମସ୍ତେ ଭାବିଥିଲେ ରାସ୍ତା ମାପଚୁପ ହୋଇ ଜବରଦଖଲ ହଟାଯିବ । ନିକଟରେ ଦୋବଲ୍ ବଜାର ମାପ ଚୁପ ବେଳେ ପ୍ରଶାସନକୁ ପ୍ରଲୋଭନ ଦେଖାଇ ମାପ ଚୁପ୍‌ରେ ପାତର ଅନ୍ତର କରି ମାପକୁ ଚାପି ଦେଇଥିଲେ । ସେହିପରି ବନ୍ଧ ରାସ୍ତା କ୍ଷେତ୍ରରେ ଯେମିତି ସେଭଳି ପାତରଅନ୍ତର ନହୁଏ, ତାହା ସୁନିଶ୍ଚିତ କରାଯାଉ । ଏହି ବନ୍ଧ ରାସ୍ତା ନିର୍ମାଣ କେବେ ସମ୍ପୂର୍ଣ୍ଣ ହେଉଛି, ତାହା ଆସନ୍ତା ୧୭ ତାରିଖର ପଦକ୍ଷେପ ଉପରେ ନିର୍ଭର କରୁଛି । ଏ ଦିଗରେ ପ୍ରଶାସନ ପକ୍ଷରୁ ନିରପେକ୍ଷ ମାପ ଚୁପ କରିବା ପାଇଁ ଦାବି ହୋଇଛି ।



## ସଡ଼କ ଦୁର୍ଘଟଣାରେ ଦୁଇ ମୃତ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ପାଖାନଜୋର ମେଳା ଦେଖିବାକୁ ଯାଇ ସଡ଼କ ଦୁର୍ଘଟଣାରେ ରାଇଘର ଅଞ୍ଚଳର ଦୁଇଜଣଙ୍କ ମୃତ୍ୟୁ ଛତିଶଗଡ଼ କାଙ୍କେର ଜିଲ୍ଲାରେ ଏକ ଟ୍ରେଭେଲ୍ ଗାଡ଼ି ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଗୁରୁତର ଆହତ ହୋଇଛନ୍ତି । କୁଲଗାଓଁ ନିକଟରେ ଏହି ଦୁର୍ଘଟଣା ଘଟିଛି । ସମସ୍ତ ଯାତ୍ରୀ ରାଇଘର ବ୍ଲକ ପାଉରବିଲ ଦୁଇ ନମ୍ବର ଏବଂ ଉଦୟପୁର ଯଭଳ ଗ୍ରାମର, ସମସ୍ତେ ଛତିଶଗଡ଼ ପାଖାନଜୁର ମେଳାରେ ଯୋଗଦେବାକୁ ଯାତ୍ରା କରୁଥିଲେ । ମୃତକଙ୍କ ମଧ୍ୟରେ ଡ୍ରାଇଭର ଓମ୍‌ପ୍ରକାଶ କର୍ଲା (୫୦) ଏବଂ ମିନତି ମଜୁମଦାର (୫୫), ଉଭୟଙ୍କ ଘଟଣାସ୍ଥଳେ ମୃତ୍ୟୁ ହୋଇଥିଲା । ଆହତଙ୍କ ମଧ୍ୟରେ ନଅ ଜଣ ମହିଳା, ଚାରି ଜଣ ପୁରୁଷ ଏବଂ ତିନି ଜଣ ପିଲା ଅଛନ୍ତି ସମସ୍ତ ଆହତଙ୍କୁ କାଙ୍କେର ଜିଲ୍ଲା ଏବଂ ରାୟପୁର ହସ୍ପିଟାଲ୍‌ରେ ପ୍ରାଥମିକ ଚିକିତ୍ସା ପାଇଁ ପଠାଯାଇଛି ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା:୨ ଗୁରୁତର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଞ୍ଜୁରୀରୋଡ ନିକଟସ୍ଥ ରାଜେନ୍ଦ୍ରପୁର ଛକ ଠାରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଦୁଇଜଣ ଯୁବକ ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଦିନ ପ୍ରାୟ ୩.୩୦ ମିନିଟ୍ ସମୟରେ ସ୍ଥାନୀୟ ସାରୋ ଗ୍ରାମର ଯୁବକ ଅଭିମନ୍ୟୁ ପାତ୍ର (୩୬) ଓ ଥଇଲା ଗ୍ରାମର ପ୍ରଦୀପ ବାରିକ (୩୨) ଦୁଇଟି ବାଇକ୍‌ରେ ଯାଉଥିବା ବେଳେ ରାଜେନ୍ଦ୍ରପୁର ଛକ ନିକଟ ବାଙ୍କରେ ସେମାନଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଗ୍ରାମର ସାଇ ଶୁଭ୍ରମନ୍ୟୁ ରାଉତ ଓ ତାଙ୍କର ସହଯୋଗୀ ନାରାୟଣ ବାରିକ ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ଗୁରୁତର ଅଭିମନ୍ୟୁଙ୍କୁ ଅଧିକ ଚିକିତ୍ସା ପାଇଁ ଯାଜପୁର ମେଡିକାଲ୍‌କୁ ନେଇଥିବା ସୂଚନା ମିଳିଛି । ଏନେଇ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡିଛି ।

## ବ୍ରାଉନ୍ ସୁଗାର, ବନ୍ଧୁକ ଓ ଗୁଳି ଜବତ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ପୋଲିସ ପକ୍ଷରୁ ନିଶାମୁକ୍ତି ଅଭିଯାନ ଜାରି ରହିଛି । ନିଶା କାରବାର ମାମଲାରେ ଜଣେ ଯୁବକଙ୍କୁ ଗିରଫ କରିଛି । ମଙ୍ଗଳବାର ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇ ଫାଣ୍ଡି ନିକଟରେ ଚଢ଼ଉ କରି ୫୨ ଗ୍ରାମ୍ ବ୍ରାଉନ୍ ସୁଗାର, ୭ ଏମ୍‌ଏମ୍ ଦେଶୀ ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ନଗଦ ୧୧ ହଜାର ଟଙ୍କା ଏବଂ ହୋଣ୍ଡା ବାଇକ୍ ସହ ଏକ ମୋବାଇଲ୍ ଫୋନ୍ ଜବତ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବୋଲଗଡ଼ ଥାନା ଅନ୍ତର୍ଗତ ମାଣିକପୁର ଗାଁର ବୋଲି ଜଣାପଡ଼ିଛି । ଏହି ଘଟଣାରେ ବୋଲଗଡ଼ ଥାନାରେ ଏନ୍‌ଡିପିଏସ୍ ଆକ୍ଟ ଓ ଆର୍ମସ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି । ଖୋର୍ଦ୍ଧା ଜିଲ୍ଲାରେ ନିଶା କାରବାର ଉପରେ ପୋଲିସର କଡ଼ା ନଜର ରଖିଛି । ଆଗାମୀ ଦିନରେ ଏଭଳି ଚଢ଼ଉ ପୂର୍ବଭଳି ଜୋର୍‌ଦାର୍ ରହିବ ବୋଲି ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ସୂଚନା ଦେଇଛନ୍ତି ।

# ଫିଜିଓଥେରାପି ସେବାରୁ ବହୁ ଦୂରରେ ଗ୍ରାମାଞ୍ଚଳ ରୋଗୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଚିକିତ୍ସା ବିଜ୍ଞାନରେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇ ବିଭିନ୍ନ ରୋଗୀରୁ ସୁସ୍ଥ ଲାଭ ହେବା ବା ରୋଗ ମୁକ୍ତ ହେବା ଯେତେ ମାତ୍ରାରେ ଜରୁରୀ, ଠିକ୍ ସେହିପରି ଅନେକ ରୋଗୀଙ୍କୁ ଫିଜିଓଥେରାପି ମଧ ସେତିକି ଆବଶ୍ୟକତା ରହିଛି । କିନ୍ତୁ ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ଏହି ଚିକିତ୍ସା ସେବା ରୋଗୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି । ଗ୍ରାମାଞ୍ଚଳରେ ଜଣେ ରୋଗୀ ଆବଶ୍ୟକ ସ୍ଥଳରେ ଯଦି ଏହି ସେବା ନେବାକୁ ପଡ଼େ, ତେବେ ସେମାନଙ୍କ ଶତାଧିକ କିଲୋମିଟର ଯିବା ଆସିବାକୁ ପଡ଼ିଥାଏ । ଜିଲ୍ଲାରେ ସିଟି ହସ୍‌ପିଟାଲ୍ ବା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ଭଞ୍ଜନଗର ଓ ଛତ୍ରପୁର ସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଫିଜିଓଥେରାପି ସେବା ଉପଲବ୍ଧ ରହିଛି । ଏଭଳି ଭାବେ ଜିଲ୍ଲାରେ ସର୍ବମୋଟ୍ ୪ ଜଣ ଫିଜିଓଥେରାପିଷ୍ଟ ରହିଥିବା ବେଳେ ୨ଜଣ ସିଟି ହସ୍‌ପିଟାଲ୍ ଓ ଜଣେ ଲେଖାଏଁ ଛତ୍ରପୁର ଏବଂ ଭଞ୍ଜନଗରରେ ନିୟୋଜିତ ହୋଇଛନ୍ତି । ବ୍ରହ୍ମପୁର ସିଟି ହସ୍‌ପିଟାଲ୍‌ରେ ପ୍ରତିମାସରେ ୫୦୦ରୁ ଉର୍ଦ୍ଧ୍ୱ ଜଣ ଚିକିତ୍ସିତ ହୋଇଥିବା ବେଳେ ଭଞ୍ଜନଗରରେ ୧୦୦ ରୁ ୧୫୦ ଓ ଛତ୍ରପୁରରେ ପ୍ରାୟ ୨୫୦ ରୁ ୩୦୦ ରୋଗୀ ଚିକିତ୍ସିତ ହେଉଛନ୍ତି । ସିଟି ହସ୍‌ପିଟାଲ୍‌କୁ ବାଦ୍ ଦେଲେ ଅନ୍ୟ ଫିଜିଓଥେରାପି ସେଣ୍ଟରରେ କୌଣସି ପ୍ରକାର ଅତ୍ୟାଧୁନିକ ଉପକରଣ ପ୍ରଦାନ କରାଯାଇନାହିଁ । ସାଧାରଣ ସ୍ତରର ସ୍ୱାସ୍ଥ୍ୟ ଉପକରଣରେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି । ଅନ୍ୟପକ୍ଷରେ ଅସ୍ଥିଶଲ୍ୟ ଠାରୁ ଆରମ୍ଭ କରି ଶରୀର ବିଭିନ୍ନ ଅଂଶରେ ଯନ୍ତ୍ରଣା ଭୋଗୁଥିବା ରୋଗୀ ଏବଂ ଦୁର୍ଘଟଣାରେ ଶିକାର ହୋଇଥିବା ରୋଗୀଙ୍କୁ ଫିଜିଓଥେରାପି କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । କିନ୍ତୁ ଗ୍ରାମାଞ୍ଚଳରେ ଥିବା ଗୋଷ୍ଠୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସେବା ଉପଲବ୍ଧ ନଥିବାରୁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ କରୁଥିବା ଜଣାପଡ଼ିଛି । ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ରୋଗୀ ଏହି ସେବା ଗ୍ରାମାଞ୍ଚଳରେ ପାଇବାରୁ ବଞ୍ଚିତ ହେଉଛନ୍ତି । ଗ୍ରାମ ନିକଟରେ ଏହି ସେବା ଉପଲବ୍ଧ ନଥିବା ବହୁ ରୋଗୀ ବାଧ୍ୟ ହୋଇ ବ୍ରହ୍ମପୁର, ଭଞ୍ଜନଗର ଓ ଛତ୍ରପୁର ସ୍ଥିତ ଫିଜିଓଥେରାପି ସେଣ୍ଟରକୁ ଚିକିତ୍ସା ପାଇବାକୁ ଆସୁଛନ୍ତି । ଗୋଟିଏ ପକ୍ଷରେ ଗ୍ରାମାଞ୍ଚଳରେ ଏହି ସେବା ନଥିବା ବେଳେ ଅନ୍ୟପକ୍ଷରେ ବାର୍ଦ୍ଧକ୍ୟଜନିତ ଓ ଦୁର୍ଘଟଣାଜନିତ ରୋଗୀଙ୍କ ସପ୍ତାହରେ ୨ ରୁ ୩ ଦିନ ଶତାଧିକ କିଲୋମିଟର ଆସି ଚିକିତ୍ସା କରିବା ଅତ୍ୟନ୍ତ କଷ୍ଟଦାୟକ ରହିଛି । ଫଳରେ ଅନେକ ରୋଗୀ ଶରୀର କଷ୍ଟ ଦୂର କରିବାକୁ ବିଭିନ୍ନ ପ୍ରକାର ଯନ୍ତ୍ରଣା ଘାତକ ଔଷଧକୁ ବ୍ୟବହାର କରିଥାନ୍ତି । ଯଦ୍ୱାରା କିଛି ଦିନ ପାଇଁ ରୋଗୀ ଜଣକ ଯନ୍ତ୍ରଣାରୁ ମୁକ୍ତ ହୋଇଥାନ୍ତି ସତ କିନ୍ତୁ ପରବର୍ତ୍ତୀ ସମୟରେ ରୋଗଟି ଅଧିକ ପେନ୍ କିଲର ଟାବଲେଟ୍ ବ୍ୟବହାର କାରଣରୁ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଥିବା ନଜର ରହିଛି । ଏହିପରି ଭାବେ ରୋଗୀ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ ହେଉଥିବା ନଜିର ରହିଛି । ଅନ୍ୟପକ୍ଷରେ ଜିଲ୍ଲାରେ ମାତ୍ର ୪ଟି ଫିଜିଓଥେରାପିଷ୍ଟ୍ ରହିଥିବା ବେଳେ ଜିଲ୍ଲାର ସମସ୍ତ ରୋଗୀଙ୍କୁ ସେମାନେ ସେବା ଯୋଗାଇବା ଏକ ପ୍ରକାର କଷ୍ଟକର ରହିଛି । ତେଣୁ ଅନ୍ତତଃ ଜିଲ୍ଲାର ବିଭିନ୍ନ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅତ୍ୟାଧୁନିକ ଉପକରଣ ପ୍ରଦାନ ସହ ଫିଜିଓଥେରାପି ସେବା ଯୋଗାଇବାକୁ ଅତ୍ୟନ୍ତ ଜରୁରୀ ଥିବା ବିଭିନ୍ନ ମହଲରୁ ଦାବି ହେଉଛି ।






## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୬।୧।୨୦୨୬, ମାଘ ଦି୩ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୪୩ ଚନ୍ଦ୍ରୋଦୟ- ପ୍ରାଘ ୬।୦୭।୨୧**

ତ୍ରୟୋଦଶୀ ରାଘ ୧୦।୨୫ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ଅହୋରାତ୍ର । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୦।୨୫ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୧୩ ମଧ୍ୟେ । ଦିଘ ୧୨।୧୯ ଗତେ ଦିଘ ୨।୩୦ ମଧ୍ୟେ । **ପର୍ବୋତ୍ସବ-** ଶିବ ପ୍ରଦୋଷ ବ୍ରତ, ସୋ-ବେ-ମେରାଜ ।

**ମେଷ:** କୌଣସି କାମରେ ମନ ଲାଗିବନାହିଁ । କର୍ମ କ୍ଲାନ୍ତି ଅନୁଭବ କରିବେ । ଅଳସୁଆମୀ ପ୍ରକାଶ ପାଇବ । ରୋଜଗାରରେ ବାଧା ସୃଷ୍ଟି ହେବ । ତଥାପି ପାରିବାରିକ ସହଯୋଗ ଯୋଗୁ ଆନନ୍ଦ ।

**ବୃଷ:** ସର୍ବସାଧାରଣ କାର୍ଯ୍ୟରେ ଯୋଗଦାନ କରିବେ । ମନରେ ଭକ୍ତିଭାବ ଜାଗ୍ରତ ହେବ । ସେବା ପୂଜାରେ ମନ ନିବେଶ କରିବେ । ବନ୍ଧୁ ସହଯୋଗ ମିଳିବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ।

**ମିଥୁନ:** ଦୂରଯାତ୍ରା କରି କର୍ମ ପ୍ରାପ୍ତି ହେବ । ବନ୍ଧୁ ସହଯୋଗ ସହିତ ମିତ୍ରଲାଭ ଯୋଗ । ଆୟରେ ସାମାନ୍ୟ ଉନ୍ନତି ହେବ । କୌଣସି ନୂତନ କାର୍ଯ୍ୟରେ ଯୋଗଦାନ କରିବେ । ଘର ପାଇଁ ବ୍ୟସ୍ତତା ବୃଦ୍ଧି ।

**କର୍କଟ:** ଅନ୍ୟମାନଙ୍କ ପ୍ରତି ମନରେ ଘୃଣା ଆସିବ । ଅହଂକାର ପାଇଁ ନିନ୍ଦିତ ହେବେ । କୂଟନୀତି ପ୍ରୟୋଗ କରି କାର୍ଯ୍ୟ ହାସଲ କରିପାରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଶ୍ରଦ୍ଧା ଲାଭ କରିବେ ।

**ସିଂହ:** ଅସୁବିଧା ନହେଲେ ମଧ ଆଶଙ୍କାରୁ ମନ ଅଶାନ୍ତି କରିବେ । ସାଥୀ ସହକର୍ମୀମାନଙ୍କ ସହିତ ସୁପରାମର୍ଶ କଲେ ସହଜସାଧ ହେବ । ଆୟ ଠାରୁ ବ୍ୟୟ ବୃଦ୍ଧି ହେବ । ପରିବାରରେ ଦ୍ୱନ୍ଦ୍ୱ ଲାଗି ରହିବ ।

**କନ୍ୟା:** ଅସାବଧାନତା ପାଇଁ କୌଣସି ଦ୍ରବ୍ୟ ନଷ୍ଟ କରି ପଶ୍ଚାତାପ କରିବେ । ପରିଶ୍ରମ ବୃଦ୍ଧି କିନ୍ତୁ କାର୍ଯ୍ୟହାନୀର ସମ୍ଭାବନା । ଆୟ ଓ ବ୍ୟୟ ସ୍ଥିର ରହିବ । ପରିବାରରେ ବିରକ୍ତି ଭାବ ଆସିବାର ସୂଚନା ।

**ତୁଳା:** ସନ୍ଦେହ ଓ ଭୁଲ୍ ବୁଝାମଣା ପାଇଁ ମନ ଅସ୍ଥିର ରହିବ । ପରିଶ୍ରମର ପରିମାଣ ବଢ଼ିବ । ସାହାଯ୍ୟ ସହଯୋଗ ପାଇବେନାହିଁ । ସନ୍ଧ୍ୟା ପରେ ଦେହ ଅସୁସ୍ଥ ହୋଇପାରେ । ଗୃହେ ଦ୍ୱନ୍ଦ୍ୱ ।

**ବିଛା:** ଏଣେ ତେଣେ ଧାଁ ଦୌଡ଼ ସହିତ ପରିଶ୍ରମ ବୃଦ୍ଧି ପାଇବ । ଆୟରେ ଉନ୍ନତି ନହେବାରୁ ଆକୁଳିତ ହେବେ । ବନ୍ଧୁ ମତାନ୍ତର ଯୋଗୁ ମନରେ ଉଦାସ ରହିବ । ପରିବାରରେ ସୁଖ ଶାନ୍ତି ରହିବ ।

**ଧନୁ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ବାକିଥିବା କାମଟି ସୁରୁଖୁରୁରେ ସମ୍ପାଦନ ହେବ । ଋଣ ସୂତ୍ରେ ଅର୍ଥ ଲାଭର ଆଶା । ଦୂରଯାତ୍ରାରେ ଉନ୍ନତି । ପରିବାରରେ ସୁଖ ଶାନ୍ତି ଲାଭ । ଶରୀର ସୁସ୍ଥ ରହିବ ।

**ମକର:** ପୁରୁଣା କଥାକୁ ଭାବି ମନରେ ବିରକ୍ତି ଆସିବ । ବନ୍ଧୁ ବା ସହକର୍ମୀଙ୍କ ଅସହଯୋଗରୁ ଅପବ୍ୟୟ ବୃଦ୍ଧି ପାଇବ । ଦୂରଯାତ୍ରା କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ଲାଭ ।

**କୁମ୍ଭ:** ଅଳ୍ପ ଆୟ ହେତୁ ମନରେ ଅଶାନ୍ତି ବଢ଼ିବ । କର୍ମକ୍ଲାନ୍ତି ଅନୁଭବ କରିବେ । ହଠାତ୍ ଶରୀର ପୀଡ଼ା ଭୋଗ କରିପାରନ୍ତି । ପରିବାରରେ ସହଯୋଗ ପାଇ ଖୁସି ହେବେ । ଗୃହେ ଶାନ୍ତି ଲାଭ ହେବ ।

**ମୀନ:** କର୍ମ ଚଞ୍ଚଳ ରହିବେ । ଅଯାଚିତ ଭାବରେ ବନ୍ଧୁ ସାହାଯ୍ୟ ସହଯୋଗ ପାଇ ପୁରୁଣା କାମକୁ ସୁରୁଖୁରୁରେ ନିର୍ବାହ କରିବେ । ଆୟର ପରିମାଣ ବଢ଼ିବ । ପରିବାରରେ ଖର୍ଚ୍ଚାନ୍ତ ହେବ ।

## ୧୩ ବର୍ଷୀୟା ନାବାଳିକା ସହ ଦୁଷ୍କର୍ମ ଅଭିଯୋଗରେ ବୃଦ୍ଧ ଗିରଫ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଅଧିନସ୍ଥ ଓଳଗ ପଞ୍ଚାୟତ ବୁଡ଼ା ଗାଁରେ ୧୩ ବର୍ଷୀୟା ନାବାଳିକା ସହ ଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଛି । ଏହି ଘଟଣାରେ ସେହି ଗାଁର ୫୫ ବର୍ଷୀୟ ବିଘିନା ଜେନାକୁ ପୋଲିସ ଅଟକ କରିଛି । ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଦିନ ନାବାଳିକା ଜଣକ ସ୍କୁଲରୁ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତ ଟଙ୍କା ଦେବା ପ୍ରଲୋଭନ ଦେଇ ଏକ ନିଛାଟିଆ ସ୍ଥାନକୁ ନେଇଯାଇ ଦୁଷ୍କର୍ମ କରିଥିଲା । ଘଟଣାପରେ ସେ ନାବାଳିକାକୁ ଚେତାଶୂନ୍ୟ କରି ପଳାଇ ଯାଇଥିଲା । ଚେତା ଫେରିବା ପରେ ନାବାଳିକା ଘଟଣା ସମ୍ପର୍କରେ ପରିବାରକୁ ଜଣାଇଥିଲା । ପରେ ପରିବାର ଲୋକେ ଆରଡି ଫାଣ୍ଡିରେ ଅଭିଯୋଗ ଦାଖଲ କରିଥିଲେ । ପୋଲିସ ଅଭିଯୁକ୍ତକୁ ଅଟକ କରି ତଦନ୍ତ ଜାରିରଖିଛି । ଘଟଣା ପରେ ନାବାଳିକାକୁ ମେଡିକାଲ ପରୀକ୍ଷା ପାଇଁ ଭଦ୍ରକ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏ ଦିଗରେ ଆରଡ଼ି ଅଧିନସ୍ତ ଧୁଶୁରି ଥାନା ଅଧିକାରୀ ଘଟଣାର ତଦନ୍ତ କରୁଛନ୍ତି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୭।୧।୨୦୨୬, ମାଘ ଦି୪ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୪୭ ଚନ୍ଦ୍ରୋଦୟ- ପ୍ରାଘ ୬।୨୯।୨୩**

ଚତୁର୍ଦ୍ଦଶୀ ରାଘ ୧୨।୦୬ ପର୍ଯ୍ୟନ୍ତ । **ମଳ ମୂଳା ନକ୍ଷତ୍ର-** ଦିଘ ୮।୧୩ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୧୨।୦୬ ଗତେ ଆମିଷ ଓ ତୈଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୫ ଗତେ ଦିଘ ୧।୦୪ ମଧ୍ୟେ । **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ଯମ ତର୍ପଣ, ରଟନ୍ତ୍ୟା ଚତୁର୍ଦ୍ଦଶୀ ସ୍ନାନ, ରଟନ୍ତୀ କାଳିକା ପୂଜା ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୨୦୩୦ ସୁଦ୍ଧା ଭାରତରେ ଫୁସଫୁସ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶା କରାଯାଉଛି

ବର୍ତ୍ତମାନ ପ୍ରଦୂଷଣପାଇଁ ଚାରିଆଡେ ବିଭିନ୍ନ ରୋଗ ମାଡିବାରେ ଲାଗିଛି। ତା ମଧ୍ୟରେ କର୍କଟ ରୋଗ ଏଭଳି ବିସ୍ତାରଲାଭ କଲାଣି ଏହାକୁ ରୋକିବା ବର୍ତ୍ତମାନ ଅସମ୍ଭବ ହୋଇଗଲାଣି। ଫୁସଫୁସ କର୍କଟ ବିଶ୍ୱରେ ଦ୍ରୁତଗତିରେ ମାଡିଚାଲିଛି। ନିକଟରେ ଇଣ୍ଡିଆନ୍ ଜର୍ଣ୍ଣାଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (IJMR) ରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତରେ ଫୁସଫୁସ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶା କରାଯାଉଛି। ରିପୋର୍ଟରେ କୁହାଯାଇଛି ଯେ ଦେଶର ଉତ୍ତର-ପୂର୍ବ ଅଞ୍ଚଳ ସବୁଠାରୁ ଅଧିକ ପ୍ରଭାବିତ ହେବ, ଯେତେବେଳେ ମହିଳାଙ୍କ ମଧ୍ୟରେ ମାମଲା ବୃଦ୍ଧିର ହାର ସବୁଠାରୁ ଦ୍ରୁତ ହେବ। WHO ଅନୁଯାୟୀ, ଫୁସଫୁସ କର୍କଟ ଏକ ଗମ୍ଭୀର ଜନସ୍ୱାସ୍ଥ୍ୟ ସମସ୍ୟା। ୨୦୨୨ ରେ, ସାରା ବିଶ୍ୱରେ ପ୍ରାୟ ୨ କୋଟି ନୂତନ କର୍କଟ ରୋଗୀଙ୍କ ସଂଖ୍ୟା ସାମନାକୁ ଆସିଥିଲା। ଏଥିରେ ୯୭ ଲକ୍ଷ ଲୋକଙ୍କର ମଧ୍ୟ ମୃତ୍ୟୁ ରିପୋର୍ଟ ଦର୍ଶାଉଛି ଯେ, ପ୍ରତି ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ତାଙ୍କ ଜୀବନକାଳର କୌଣସି ସମୟରେ କର୍କଟ ରୋଗରେ ପୀଡିତ ହୋଇପାରନ୍ତି। ଫୁସଫୁସ କର୍କଟ ରୋଗ ସେତେବେଳେ ହୁଏ ଯେତେବେଳେ ଫୁସଫୁସ କୋଷଗୁଡ଼ିକ ଅନିୟନ୍ତ୍ରିତ ଭାବରେ ବୃଦ୍ଧି ପାଇବା ଆରମ୍ଭ କରନ୍ତି। ଏହି କ୍ଷତିଗ୍ରସ୍ତ କୋଷଗୁଡ଼ିକ ମିଶି ଗଣ୍ଠି କିମ୍ବା ଟ୍ୟୁମର ଗଠନ କରନ୍ତି, ଯାହା ଫୁସଫୁସର ସାଧାରଣ କାର୍ଯ୍ୟକୁ ବାଧା ଦିଏ ଏବଂ ଧୀରେ ଧୀରେ ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ। ICMR ଦ୍ୱାରା ଏକ ନୂତନ ଅଧ୍ୟୟନ ଅନୁଯାୟୀ, ଉତ୍ତର-ପୂର୍ବରେ ଫୁସଫୁସ କର୍କଟ ରୋଗର ସର୍ବାଧିକ ସଂଖ୍ୟା ହେବାର ଆଶା କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଠାରେ ମହିଳାମାନଙ୍କ ମଧ୍ୟରେ ଫୁସଫୁସ କର୍କଟ ରୋଗର ଘଟଣା ପୁରୁଷଙ୍କ ସହିତ ପ୍ରାୟ ସମାନ। ଅଧ୍ୟୟନରେ ଦେଶର ଛଅଟି ବିଭିନ୍ନ ଅଞ୍ଚଳର ୫୭ ସ୍ଥାନର ତଥ୍ୟକୁ ନେଇ ପର୍ଯ୍ୟବେକ୍ଷଣ କରାଯାଇଥିଲା। ଆଇଜଲ ତାଲିକାର ଶୀର୍ଷରେ ଥିଲା, ପୁରୁଷଙ୍କ ମଧ୍ୟରେ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୩୫.୯ ଏବଂ ମହିଳାଙ୍କ ମଧ୍ୟରେ ୩୩.୭ ମାମଲା ଏବଂ ସର୍ବୋଚ୍ଚ ମୃତ୍ୟୁହାର ମଧ୍ୟ ରହିଛି। ଏହି କାରଣରୁ ମାମଲା ବୃଦ୍ଧି ପାଉଛି– ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ଏହି ଅଞ୍ଚଳରେ ଅତ୍ୟଧିକ ତମାଖୁ ବ୍ୟବହାର ଏକ ପ୍ରମୁଖ କାରଣ ହୋଇ ରହିଛି। ୬୮ ପ୍ରତିଶତରୁ ଅଧିକ ପୁରୁଷ ଏବଂ ପ୍ରାୟ ୫୪ ପ୍ରତିଶତ ମହିଳା ତମାଖୁ ସେବନ କରନ୍ତି। ତଥାପି, ଡାକ୍ତରମାନେ କୁହନ୍ତି ଯେ ରୋଗର ପ୍ରକୃତି ପରିବର୍ତ୍ତନ ହେଉଛି। ଏମ୍ସର ପଲମ୍ୟୁନୋଲୋଜି ବିଭାଗର ଡାକ୍ତର ସୌରଭ ମିତ୍ତଲଙ୍କ ଅନୁଯାୟୀ, 'ଆମେ ଧୂମପାନ କରୁନଥିବା ମହିଳାଙ୍କ ମଧ୍ୟରେ ମଧ୍ୟ ଫୁସଫୁସ କର୍କଟ ରୋଗ ଦେଖୁଛୁ, ଯାହା ଘର ଭିତରେ ବାୟୁ ପ୍ରଦୂଷଣ, ବାୟୋମାସ ଇନ୍ଧନ, ସେକେଣ୍ଡେ ହାଣ୍ଡ ସ୍ମୋକ୍ ଏବଂ କର୍ମକ୍ଷେତ୍ର-ସମ୍ବନ୍ଧୀୟ ପ୍ରଦୂଷଣ ସହିତ ଜଡିତ।' ଅଧ୍ୟୟନରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଦକ୍ଷିଣ ଭାରତର କନ୍ନୁର, କାସରଗୋଡ ଏବଂ କୋଲ୍ଲମ ଭଳି ଜିଲ୍ଲାଗୁଡ଼ିକରେ, ତୁଳନାତ୍ମକ ଭାବରେ କମ୍ ତମାଖୁ ଏବଂ ମଦ୍ୟପାନ ସତ୍ତ୍ୱେ ପୁରୁଷମାନଙ୍କ ମଧ୍ୟରେ ଫୁସଫୁସ କର୍କଟ ହାର ଅଧିକ। ଦକ୍ଷିଣରେ, ମହିଳାମାନଙ୍କ ମଧ୍ୟରେ ସର୍ବାଧିକ ମାମଲା ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁରେ ରେକର୍ଡ କରାଯାଇଛି। ଉତ୍ତର ଭାରତରେ, ଶ୍ରୀନଗରରେ ପୁରୁଷମାନଙ୍କ ମଧ୍ୟରେ ଅଧିକ ମାମଲା ଦେଖିବାକୁ ମିଳିଥିଲା। ସେଭଳି ଶ୍ରୀନଗର ଏବଂ ପୁଲୱାମାରେ ମଧ୍ୟ ଧୂମପାନ ହାର କମ ଥିବା ସତ୍ତ୍ୱେ ମହିଳାମାନଙ୍କ ମଧ୍ୟରେ ଉଚ୍ଚ ହାର ଦେଖିବାକୁ ମିଳିଥିଲା। ରିପୋର୍ଟ ଅନୁଯାୟୀ, କିଛି ଅଞ୍ଚଳରେ, ମହିଳାମାନଙ୍କ ମଧ୍ୟରେ ପ୍ରତିବର୍ଷ ପ୍ରାୟ ୬.୭ ପ୍ରତିଶତ ଏବଂ ପୁରୁଷମାନଙ୍କ ମଧ୍ୟରେ ୪.୩ ପ୍ରତିଶତ ହାରରେ ଫୁସଫୁସ କର୍କଟ ମାମଲା ବୃଦ୍ଧି ପାଉଛି। ତିରୁବନନ୍ତପୁରମରେ ମହିଳାମାନଙ୍କ ମଧ୍ୟରେ ସର୍ବାଧିକ ବୃଦ୍ଧି ଏବଂ ପୁରୁଷମାନଙ୍କ ମଧ୍ୟରେ ଡିଣ୍ଡିଗୁଲରେ ସର୍ବାଧିକ ବୃଦ୍ଧି ଘଟିଛି।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୫୧)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ବିତି ଗଲାଣି ଦୀର୍ଘ ଅଠର ବର୍ଷ। ବିଶର ମହାନ୍ତିଙ୍କୁ ଲାଗୁଛି କାଲିଭଳି , ସତେ ଯେପରି ଆଖି ପିଛୁଳାକେ ବିତିଗଲାଣି କେତେ ଗ୍ରୀଷ୍ମ, ବର୍ଷା, ଶରତ, ବସନ୍ତର ଦୁଃଖ, ସୁଖ, ସଫଳତା, ବିଫଳତାର ବିଭିନ୍ନ ଅନୁଭବର ଅବଲମ୍ବନରେ ଉତ୍ଥାନ ଓ ପତନର ସମ୍ମିଳିତ ପ୍ରତିଫଳନ । କୁଜଙ୍ଗ ଗଡର ମାଟି ଉପରେ ସେ କେତେ ରୂପରେ, କେତେ ଛଳରେ ଦେଖୁଛନ୍ତି ମଣିଷମାନଙ୍କର ସରଳ ଆତ୍ମ ବିଶ୍ୱାସର ଦିବ୍ୟ ଭାବପ୍ରବଣତା । କେତେ କେତେ ବର୍ଷା, ବସନ୍ତ, ବୈଶାଖର ଅନୁଭୂତି ପରିବେଶରେ ବିଶର ମହାନ୍ତିଙ୍କ ଅଙ୍ଗେନିଭା ଘଟଣାର ମୂକସାକ୍ଷୀ ହେଉଛି ଏ କୁଜଙ୍ଗ ମାଟିର ପ୍ରତିଟି ଧୂଳିକଣା । ତେବେ ଯାହା ହେଉ ରାଜା ଗୋପୀନାଥ ନରେନ୍ଦ୍ରଙ୍କ ଅକୁଣ୍ଠ ସହଯୋଗରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ମନ୍ଦିରରେ ନିୟମିତ ପୂଜା ପାଉଛନ୍ତି ଜଗନ୍ନାଥ । ଦୀର୍ଘ ଅଠର ବର୍ଷର ଅନେକ ରାତିରେ ବିଶର ମହାବାହୁଙ୍କୁ ସ୍ୱପ୍ନରେ ଦେଖିଛନ୍ତି । କେତେବେଳେ ଉଲ୍ଲସିତ ହସଟିଏ ହସିଦେଇ ବିଶରଙ୍କୁ ପାଗଳ କରିଦେଇଛନ୍ତି ତ ଆଉ କେତେବେଳେ ବିଷର୍ଣ୍ଣତାର ମୁଖମଣ୍ଡଳରେ ବିଶରଙ୍କ ସମ୍ମୁଖରେ ଉଭା ହୋଇ ବିଶରଙ୍କ ଆଖିରୁ ଗଡି ଯାଉଥିବା ଲୁହ ଧାରକୁ ପୋଛି ଦେଇ ସାନ୍ତ୍ୱନା ଦେଇଛନ୍ତି । ଏହିପରି ଅନେକ ଅବିସ୍ମରଣୀୟ ସ୍ୱପ୍ନର ପ୍ରତିଭୂ ହେଉଛନ୍ତି ଏଇ ଜଗନ୍ନାଥ । ସେହି ଅଭୁଲା ସ୍ୱପ୍ନର ଅନୁଭବକୁ କୁଜଙ୍ଗର ଆଉ କାହା ଆଗରେ ପ୍ରକାଶ ନ କରି କେବଳ ତାଙ୍କର ପ୍ରତିଟି ଅନୁଭବକୁ କହିଥାନ୍ତି କଳ୍ପନା ନିକଟରେ। ଜଗନ୍ନାଥଙ୍କ ଅପାର ମହିମାକୁ କଳ୍ପନା ସମ୍ମୁଖରେ କହିବା ବେଳେ ଦିନେ ଦିନେ ବିଶର ମହାନ୍ତିଙ୍କ ଚକ୍ଷୁରୁ ଅନେକ ଲୁହଧାର ବହିଯାଏ । ସେହି ଲୁହକୁ କଳ୍ପନା ନିଜ ପଣତକାନିରେ ପୋଛି ଦେଇ ଅନେକ ଆଶ୍ୱାସନାବାଣୀ ଶୁଣାଇଥାଏ । ଗୋଟିଏ ମା' ଯେପରି ଅବୋଧ ଶିଶୁଙ୍କର ଆଖିରୁ ଲୁହଧାର ପୋଛି ଦେଇ ଶାନ୍ତ କରାଇଥାଏ, ପ୍ରବୋଧନା ଦେଇଥାଏ । ଏହିଭଳି ଅନେକ ବର୍ଷର ଅଭିଜ୍ଞତାକୁ ଆଶ୍ରୟ କରି ବଞ୍ଚି ରହିଛି ବିଶର



କୁଜଙ୍ଗଗଡରେ। ଏହିପରି ସୁଦୀର୍ଘ ଅଭିଜ୍ଞତାକୁ ସ୍ମରଣ କରି କରି ଦିନେ ରାତିରେ ଶୟନ କରିଛନ୍ତି ମହାବୀର ବାଟିକାରେ । ସମୟ ଥାଏ ସେ ଦିନ ଫଗୁଣ ମାସର ଶୁକ୍ଳ ପକ୍ଷ ଦଶମୀ ତିଥି । ଚନ୍ଦ୍ରମାର ଶାନ୍ତ, ଶୀତଳ , କମନୀୟ ଆଲୋକ ରଶ୍ମିଗୁଡିକ ବିଛାଇ ହୋଇପଡିଛି ଧରଣୀ ଉପରେ। ଆକାଶରେ ତାରାଗୁଡାକ ଆଖି ମିଟିକା ମାରୁଥାନ୍ତି । ଆମ୍ବ ବଉଳର ମଧୁର ବାସ୍ନାରେ କୁଜଙ୍ଗଗଡର ମାଟିଟା ମନଲୋଭା ବାସ୍ନାରେ ମହକି ଉଠୁଥାଏ । ଚତୁର୍ଦ୍ଦିଗରେ କେତକୀ, କିଆ ଫୁଲର ମହକରେ ନାଚୁଥାଏ ପ୍ରକୃତିରାଣୀ । ଦୂରରୁ ଶୁଭୁଥାଏ ଶ୍ରୀମଦ ଭାଗବତ ମହାପୁରାଣର ଅବିସ୍ମରଣୀୟ ନବାକ୍ଷରୀ ଛାନ୍ଦ 'ହସି କହନ୍ତି ଦାମୋଦର, ଶୁଣ ଉଦ୍ଧବ ଜ୍ଞାନସାର। ମୁଁ ଯେ ବୋଲୁଛି ମତେ ଭଜ , ସଂସାରୁ ସର୍ବକର୍ମ ତେଜ' । ଏହିଭଳି ଅନେକ ନବାକ୍ଷରୀ ଛାନ୍ଦର ଲହରୀ ଭାସି ଆସୁଥାଏ ଦକ୍ଷିଣା ପବନର ଶୀତଳ ଲହରୀରେ । ଆନନ୍ଦାଶ୍ରୁଗୁଡିକ ଝରି ପଡୁଥାଏ ବିଶରଙ୍କ ଚକ୍ଷୁଦ୍ୱୟରୁ । ଭାଗବତର ନବାକ୍ଷରୀ ଛାନ୍ଦଗୁଡିକ ଅନେକ ସମୟରେ ତାଙ୍କର କର୍ଣ୍ଣଗୋଚର ହେଉନଥାଏ । ପବନର ବେଗ ଯେତେବେଳେ କ୍ଷୀଣ ହୋଇଯାଏ ସେତେବେଳେ ପଢାଯାଉଥିବା ପଦ୍ୟାବଳୀଗୁଡିକ ସେ ଶୁଣିପାରୁଥାନ୍ତି । ରାତିରେ ବିଛଣା ଉପରେ ଶୟନ କରିଥିଲେ ମଧ୍ୟ ମନଟା ଭାରି ଛଟପଟ ହେଉଥାଏ ।

ମନର ଏ ଅସ୍ଥିରତ୍ୱ ଅବସ୍ଥା କାହିଁକି ହେଉଛି, ତାହା ସେ ଜାଣିପାରୁ ନାହାଁନ୍ତି। ବଶର ମହାନ୍ତିଙ୍କର ଆଖିକୁ ଯେତେବେଳେ ନିଦ ନ ଆସେ ସେତେବେଳେ ଅତୀତର ସ୍ମୃତି ଗୁଡିକ ତାଙ୍କ ମାନସ ପଟରେ ଭାସି ଆସେ । ଆଜି ବି ଠିକ ସେହି ଭଳି ଅବସ୍ଥାରେ, ଖାଲି ବିଛଣାଟା ଉପରେ ଶୋଇ ଭାବୁଛନ୍ତି । ଜଗନ୍ନାଥଙ୍କୁ କେନ୍ଦ୍ର କରି ଘଟିଯାଇଥିବା ଅତୀତର ଅନେକ ଦୁଃଖ ସୁଖ ଭରା ଅଲିଭା ଅଧ୍ୟାୟ । ଆଜି ହେଉଛି ଦୋଳ ଦଶମୀ । ମହାପ୍ରଭୁ ନୀଳାଚଳ ଧାମରେ ଥିଲେ ଦୋଳ ମଣ୍ଡପରେ ବିରାଜମାନ ହୋଇଥାନ୍ତେ । କେତେ କେତେ ସୁଗନ୍ଧ ପୁଷ୍ପ ମହାପ୍ରଭୁଙ୍କ ଅଙ୍ଗରେ ଶୋଭା ପାଉଥାନ୍ତା । ଚତୁଃର୍ଦ୍ଦିଗରେ ଆଜି ବସନ୍ତ ବିଳାସର ସ୍ୱର୍ଣ୍ଣିମ ମହୋତ୍ସବରେ ଶ୍ରୀକ୍ଷେତ୍ରର ବଡଦାଣ୍ଡ ପ୍ରକମ୍ପିତ ହେଉଥାନ୍ତା । ମଣିମା ମଣିମା ଶବ୍ଦରେ ଶ୍ରୀମନ୍ଦିର ଉଛୁଳି ପଡୁଥାନ୍ତା। ମହାପ୍ରଭୁଙ୍କ ସମ୍ମୁଖ ଭାଗ କେତେ କେତେ ଆଲଟ ଚାମରର ପଟୁଆର ମଧ୍ୟରେ ହଜାର ହଜାର ଭକ୍ତ ମହାପ୍ରଭୁଙ୍କର ସାନିଧ ପାଇବା ପାଇଁ ଆନନ୍ଦରେ ନାଚୁଥାନ୍ତେ । କେଉଁ ଦୂରଦୂରାନ୍ତରୁ ଶହ ଶହ ସାଧୁସନ୍ଥମାନେ ଆସି ଶ୍ରୀକ୍ଷେତ୍ରର ଶୋଭାକୁ ଅମର ପୁରୀଠାରୁ ଆହୁରି ମନୋରମ ପରିବେଶ ସୃଷ୍ଟି କରିଦେଇଥାନ୍ତେ, ସେ କଥାକୁ ସ୍ମରଣ କରି ବିଶର ମହାନ୍ତିଙ୍କ ମୁଣ୍ଡକୁ ବିଚଳିତ କରି ଦେଉଛି । ଆଜି ହୋଇଛି କ'ଣ? ମହାପ୍ରଭୁ ରହିଛନ୍ତି ନିର୍ଘଞ୍ଚ ଜଙ୍ଗଲରେ। ଛାତି ଫାଟି ଗଲା ଭଳି ଲାଗୁଛି ବିଶରଙ୍କର । ଆଖିରୁ ଲୁହ ଗୁଡାକ ବହି ଆସି ତାଙ୍କର ବକ୍ଷସ୍ଥଳକୁ ଓଦା କରିସାରିଲାଣି । ଯେତେ ଚେଷ୍ଟା କଲେ ବି ଛାତି ଭିତରୁ ଉଛୁଳା କୋହକୁ ସମ୍ଭାଳି ପାରୁନଥାନ୍ତି। ମନେ ପଡୁଥାଏ ଗୋବିନ୍ଦ ଦ୍ୱାଦଶୀର କଥା । ଆଉ ମାତ୍ର ଦୁଇ ଦିନ ପରେ ଗୋବିନ୍ଦ ଦ୍ୱାଦଶୀ । ସେ ଦିନ ମଣିମା ଯିବେ ସମୁଦ୍ରରେ ସ୍ନାନ କରିବାପାଇଁ । କି ଅପୂର୍ବ ସେ ଦୃଶ୍ୟ ମଣିମାଙ୍କର । ହରିବୋଲ ଆଉ ଜୟ ଜଗନ୍ନାଥ ଶବ୍ଦରେ ଉଛୁଳି ପଡୁଥିବ ବଡ ଦାଣ୍ଡ । ହଜାର ହଜାର ଭକ୍ତ ମାନଙ୍କର କଣ୍ଠରୁ ଝରି ପଡୁଥିବ ମହାପ୍ରଭୁଙ୍କ ଲୀଳାର ଭକ୍ତି ସଙ୍ଗୀତ। ସାରା ବଡଦାଣ୍ଡରୁ ପଟୁଆର ବାହାରି ସଫଳ ଭଙ୍ଗୀର ଲମ୍ବି ଯାଇଥିବ ଭକ୍ତମାନଙ୍କର ଧାଡି ସମୁଦ୍ର ପର୍ଯ୍ୟନ୍ତ । ସେ ଅବର୍ଣ୍ଣନୀୟ ମନମୁଗ୍ଧକର ଶୋଭାକୁ କିଏ ଅବା ଅଛି ବର୍ଣ୍ଣନା କରିବ ଏ ଜଗତରେ । ଏହିଭଳି ଚିନ୍ତାରେ ଭାବ ବିହ୍ୱାଳ ଭାବେ କାନ୍ଦି କାନ୍ଦି ବିଛଣା ଉପରେ ନିସ୍ତେଜ ହୋଇପଡିଲେଣି ବିଶର। ରାତ୍ରୀର ପ୍ରଥମ ପ୍ରହର ସମାପ୍ତ ହୋଇ ଦ୍ୱିତୀୟ ପ୍ରହରକୁ ଆଗମନ କଲାଣି। ଆଖି ଦୁଇଟା ମୁଦ୍ରିତ ହୋଇଗଲାଣି । ଦୂର ଦିଗବଳୟରୁ ଭାସି ଆସୁଛି ଦୋଳ ଦଶମୀରେ ପଟୁଆରରେ ବାହାରୁଥିବା ବିମାନମାନଙ୍କ ନିକଟରୁ ଘଣ୍ଟା ଘଣ୍ଟା, କାହାଳି, ମୃଦଙ୍ଗର ବାଦ୍ୟଧ୍ୱନି । ନିସ୍ତେଜ ହୋଇ ଶୋଇ ପଡିଲେଣି ବିଶର ଧୀରେ ଧୀରେ ବିଶରଙ୍କ ନିଦ୍ରା ଗଭୀରରୁ ଗଭୀରତର ହୋଇଯାଉଥାଏ । (କ୍ରମଶଃ....)

# ଫଟୋ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଫଟୋ କାହାର ଭଲ ଉଠେ, କାହାରି ଭଲ ହୁଏନି । ପେଚା ଭଳି ଦିଶୁଥିବ ଲୋକ ତାର କାର୍ତ୍ତିକ ମାର୍କା ଫଟୋ ଉଠେ, ପୁଣି ଏମିତି ଖାଲି ଆଖିରେ ମୋଟାମୋଟି ଭଲ ଦିଶୁଥିବା ଲୋକର ପେଚା ମାର୍କା ଫଟୋ ଉଠେ। କ୍ୟାମେରାମ୍ୟାନ୍‌ମାନେ ଭଲ ଫଟୋ ଉଠୁଥିବା ଚେହେରାକୁ ଫଟୋଜେନିକ୍ ବୋଲି କହନ୍ତି । ଏମିତି କାହିଁକି ହୁଏ, ମୁଁ କହି ପାରିବିନି । ଈଶ୍ୱରଙ୍କ ଦୁନିଆରେ ଏମିତି ବହୁ କଥା ହୁଏ, ଯାହାର କିଛି କାହିଁକି ନାହିଁ । ଫଟୋଜେନିକ ଚେହେରା ହେଉ କି ନହେଉ, ଫଟୋ ଉଠେଇବା ଆଜିକାଲି ଅନେକ ସମୟରେ ଆବଶ୍ୟକତା । ସ୍କୁଲ କଲେଜରେ ଭର୍ତ୍ତି ହେଲା ବେଳେ ହେଉ, କି ଡ୍ରାଇଭିଂ ଲାଇସେନ୍ସ ବା ପାସ୍‌ପୋର୍ଟ କରେଇଲାବେଳେ– ଫଟୋ ଦରକାର। ଏବେ ତ ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲିଲାବେଳେବି ଫଟୋ ଦରକାର ପଡୁଛି । ଏମିତି ଆବଶ୍ୟକତାର ଫଟୋ କଥା କହୁନି ମୁଁ ଏବେ, କହୁଛି ଖୁସିବାସିଆରେ ଉଠା ହେଉଥିବା ଫଟୋ କଥା । ଆଗରୁ ଫଟୋ ଉଠେଇବାଟା ବଡ଼ କଷ୍ଟ, ଖର୍ଚ୍ଚ ଆଉ ସମୟସାପେକ୍ଷ ବ୍ୟାପାର ଥିଲା । ସଜବାଜ ହୋଇ ଷ୍ଟୁଡିଓକୁ ଗଲେ ଯାଇ ଫଟୋ ଉଠେଇ ହେଉଥିଲା । ସାଧାରଣ ଲୋକଙ୍କ ଘରେ କ୍ୟାମେରା ନଥିଲା । ଫଟୋ ଉଠା ପରେ ପ୍ରିଣ୍ଟ୍ ପାଇବାକୁ ଅନ୍ତତଃ ସପ୍ତାହେ ଲାଗୁଥିଲା । ଏବେ ଛୋଟ ଛୋଟ ଶସ୍ତା କ୍ୟାମେରା ବାହାରିଯିବା ପରେ ଫଟୋ ଉଠା ବଡ଼ ସହଜ ହୋଇଯାଇଛି । ଆଉ ଫଟୋ ଉଠେଇଲେ ଘଣ୍ଟେ ଭିତରେ ପ୍ରିଣ୍ଟ ମିଳିଯାଉଛି । ତେଣୁ ଅନେକେ ଏବେ ବେଶି ଫଟୋ ଉଠଉଛନ୍ତି । କୁଆଡ଼େ ବୁଲି ଗଲେ ଫଟୋ, ପୁଅ ଜନ୍ମଦିନରେ ଫଟୋ, ବିବାହବାର୍ଷିକୀରେ ଫଟୋ, ଝିଅ ବାହାଘରେ ଫଟୋ । ପ୍ରତ୍ୟେକ ଘରେ ଫଟୋର ପାହାଡ଼ ।

ଅନେକ ଲୋକ ଦେଖିଛି ଯେଉଁମାନେ ଫଟୋ ଉଠେଇବାକୁ ଭାରି ଆତୁର । କାହିଁକି କେଜାଣି, ନିଜ ଫଟୋ ଉଠେଇବାକୁ ସେମାନେ ଅତି ମାତ୍ରାରେ ଆଗ୍ରହୀ । ପକେଟରୁ ଧନ ଖର୍ଚ୍ଚ କରି ନିଜର ମୋଞ୍ଚାଏ ଲେଖା ଫଟୋ ଉଠାଇ ଆଲବମ ଭର୍ତ୍ତି କରି ରଖନ୍ତି । ସେ ଫଟୋଗୁଡ଼ାକ ପୁଣି ଘରକୁ ବୁଲି ଆସୁଥିବା ଲୋକଙ୍କୁ ଦେଖାଇ ବୋର କରନ୍ତି । ମୋ ସ୍ତ୍ରୀ ଏମିତି ଜଣେ ପ୍ରାଣୀ । ଆମ ଘରେ ଯିଏ ଆସିଲେ, ସେ ତାଙ୍କୁ ଦଶଟା ମୋଟା ମୋଟା ଆଲ୍‌ବମ୍ ଧରେଇ ଦେଇ କହନ୍ତି, ଆପଣ ଆମ ଫ୍ୟାମିଲି ଆଲ୍‌ବମ୍‌ଟା ଦେଖୁଥାନ୍ତୁ, ମୁଁ ଟିକେ ରୋଷେଇ ସାରିଦିଏ, ତାପରେ ଆପଣଙ୍କ ସହିତ କଥା ହେବି । ଆମ ଘରକୁ ତେଣୁ ଯିଏ ଥରେ ଆସିଛନ୍ତି, ସେ ଆଉ ଦ୍ୱିତୀୟ ଥର ଆସନ୍ତିନି । ଯାହାକୁ ସେ ପସନ୍ଦ କରନ୍ତିନି, ସେ ଯେମିତି ଆମ ଘରକୁ ଆଉ ନ ଆସିବେ– ସେଥିପାଇଁ ସେ ଏହା କରନ୍ତି କି ନାହିଁ– ମୁଁ କହିପାରିବିନି ।

ପକେଟରୁ ଧନ ଖର୍ଚ୍ଚ ଜିନିଷଟା ବାଦ୍ ଦେଲେ ରାଜନୈତିକ ନେତାମାନଙ୍କ ଭିତରୁ ଅଧିକାଂଶ ନିଜ ଫଟୋ ଉଠେଇବାକୁ ଭାରି ଭଲ ପାଆନ୍ତି। ତେହେଲକା ଫେହେଲକା ହେଲା ପରେ ଏବେ ନେତାମାନେ କ୍ୟାମେରା ଦେଖିଲେ ଟିକେ ଶଙ୍କି ଯାଉଛନ୍ତି, ଆଗରୁ ଏମିତି ନଥିଲା । ଅଧିକାଂଶ ନେତା କ୍ୟାମେରା ଦେଖିଲେ ଭାରି ଖୁସି ହେଉଥିଲେ । କ୍ୟାମେରାଟିଏ ହାତରେ ଧରିଥିଲେ ଯେ କୌଣସି ନେତାଙ୍କ ପାଖକୁ ଯିବାର ପାସ୍‌ପୋର୍ଟ ମିଳିଯାଉଥିଲା ।

କିଛି ଲୋକଙ୍କୁ ଦେଖିଛି ବଡ଼ ଲୋକଙ୍କ ପାଖରେ ଠିଆ ହୋଇ ଫଟୋ ଉଠେଇବାକୁ ସେମାନଙ୍କର ଭାରି ଆଗ୍ରହ। ଏମିତି ବହୁ ଲୋକଙ୍କୁ ଆପଣ ଭେଟିଥିବେ । ଯେ କୌଣସି ଜାଗାରେ କେହି ବଡ଼ ଲୋକ ଆସିଲେ ଏମାନେ ତାଙ୍କ ପାଖେ ପାଖେ ଥାନ୍ତି । କ୍ୟାମେରାମ୍ୟାନ୍ କ୍ୟାମେରା ଟେକିଲା ମାତ୍ରେ ଏମାନେ ଗୁଡ଼ ପାଖକୁ ଜନ୍ଦା ଲାଗିଯିବା ଭଳି ବଡ଼ ଲୋକଙ୍କ ପାଖକୁ ଗୋଞ୍ଜିଯାଆନ୍ତି । ବେଶି ଭିଡ଼ ଥିଲେ ନିଜ ବେକ ଷଣ୍ଢଟିକୁ ଜିରାଫ ଭଳି ଲମ୍ବେଇ ଥୋମଣାଟିକୁ ଦେଖାଇଥିବେ । ଏହାର ଅବଶ୍ୟ ଗୋଟେ ଉଦ୍ଦେଶ୍ୟ ଅଛି। ତାକୁ ଦେଖାଇ ପରେ କହନ୍ତି ଅମକ ସହିତ ମୋର ଭାରି ଦୋସ୍ତି । ଦେଖ ତାଙ୍କର ମୋର ଏକାଠି ଫଟୋ । ଦେଖୁନ ଆମେ କେମିତି ପାଖାପାଖି ରହିଛୁ । ମନ୍ତ୍ରୀ ପରା ନିଜେ ମୋତେ ଡାକି କହିଲେ, ଆପଣ ଦୂରେଇ ଦୂରେଇ କୁଆଡ଼େ ରହୁଛନ୍ତି, ମୋ ପାଖେ ପାଖେ ରହନ୍ତୁ ।

ବାହାହେଲା ପରେ ପରେ ସ୍ୱାମୀସ୍ତ୍ରୀ ଯୁଗଳ ଫଟୋ ଉଠେଇବା ଗୋଟେ ବିଧି ଭଳିଆ । ଅଧିକାଂଶ ଦମ୍ପତି ଉଠାନ୍ତି । ଅନେକେ ତାକୁ ପୁଣି ଫ୍ରେମ କରି ଘରେ ଟାଙ୍ଗିଥାନ୍ତି । ଆମ ଘରେ ବି ମୋର ଆଉ ମୋ ପତ୍ନୀଙ୍କର ଯୁଗଳ ଫଟୋ ଅଛି । ବାହାଘରର ଦଶଦିନ ପରେ ଘରପାଖ ଷ୍ଟୁଡିଓକୁ ଯାଇ ଉଠେଇଥିଲୁ । ସେତେବେଳେ କଳାଧଳା ଫଟୋର ଜମାନା । ଏବେ ସେ ଫଟୋକୁ ଚାହେଁ, ଆଉ ଦୀର୍ଘଶ୍ୱାସ ପକାଏ : ହାୟ, ଫଟୋରେ ଦିଶୁଥିବା ଲାଜକୁଳି, ତନୁପାତଳୀ ସୁନ୍ଦରୀ ବିଧୁମୁଖୀଟି କୁଆଡ଼େ ଗଲା ? ଏବେ ଯେଉଁ ମଧ୍ୟବୟସ୍କା ମୋଟିଟି ଘରେ ରହିଛି– ସେ କଣ ଏଇ ? ସେମିତି ମୋ ସ୍ତ୍ରୀ ବି ହୁଏତ ଭାବୁଥିବେ, ଫଟୋର ଲିକ୍‌ପିକ୍, ପେଣାପେଣା ଚେହେରାର ଟୋକାଟି କୁଆଡ଼େ ଗଲା ? ମୋର ଏବକାର ମୋଟା, ପେଟା ଓ ଚନ୍ଦା ଚେହେରା ସହିତ ପନ୍ଦର ବର୍ଷ ତଳର ଚେହେରା ମେଳେଇବା ଭାରି କଷ୍ଟ । ଫ୍ରେମ୍‌ରେ ବନ୍ଦୀ ସମୟ ଫଟୋ ହୋଇ କାନ୍ଥରୁ ମୁଚ୍‌କି ମୁଚ୍‌କି ହସୁଥାଏ ।

# ସାମାଜିକ ନ୍ୟାୟ ପ୍ରତିଷ୍ଠା ଜରୁରୀ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସାମାଜିକ ନ୍ୟାୟ ଭାରତୀୟ ରାଜନୀତିର ଏକ ବହୁଚର୍ଚ୍ଚିତ ବିଷୟ। ସାମାଜିକ ନ୍ୟାୟ କଣ ? ଏହାର ଆବଶ୍ୟକତା କାହିଁକି ରହିଛି ? ଏ ବିଷୟରେ ଅନେକେ ନାନବିଧ ମତ ଉପସ୍ଥାପନ କରନ୍ତି। ଏ ବିଷୟକୁ ନେଇ ବିଭିନ୍ନ ରାଜନୈତିକ ଦଳ ରୁଟି ସେକିବା କଥାତ ସମସ୍ତେ ଜାଣନ୍ତି। କିନ୍ତୁ ବାସ୍ତବ ପକ୍ଷେ ଏଦିଗରେ କେତେ ଆନ୍ତରିକତା ରହିଛି ତାହା ଅନୁଧ୍ୟାନର ବିଷୟ। ସାମାଜିକ ନ୍ୟାୟ କହିଲେ ସାଧାରଣତଃ ସମାଜର ସମସ୍ତ ବର୍ଗର, ସମସ୍ତ ସମ୍ପ୍ରଦାୟର, ସମସ୍ତ ଜାତିର ତଥା ନାରୀମାନଙ୍କ ପୁରୁଷମାନଙ୍କ ସହିତ ସମାନ ସାମାଜିକ ସ୍ଥିତି, ସମାନ ରାଜନୈତିକ ଓ ଆର୍ଥିକ ଅଧିକାର ଏବଂ ସମାନ ସାମାଜିକ ସମ୍ମାନକୁ ବୁଝାଏ। କେବଳ ଆର୍ଥିକ ଅବସ୍ଥାକୁ ଛାଡି ଅନ୍ୟ ସମସ୍ତ ଦୃଷ୍ଟିକୋଣରୁ ସମସ୍ତେ ସମାନ ହେବାହିଁ ସାମାଜିକ ନ୍ୟାୟର ପରିଭାଷା। ଆର୍ଥିକ ଦୃଷ୍ଟିରୁ ସମସ୍ତେ ଆପାତତଃ ସ୍ୱାବଲମ୍ବନଶୀଳ ହେବା ମଧ୍ୟ ସାମାଜିକ ନ୍ୟାୟର ଅନ୍ତର୍ଗତ ଅଟେ। ଏକ ବିଭେଦ ମୁକ୍ତ ସମାଜ ଗଠନ କରିବା ହିଁ ସାମାଜିକ ନ୍ୟାୟ ଅଟେ। ବିଗତ କେଇ ଦଶନ୍ଧିଧରି ଦେଖାଯାଉଛି ଜାତି ଜାତି ମଧ୍ୟରେ ସମାନତା ସ୍ଥାପନକୁ ସାମାଜିକ ନ୍ୟାୟ ଉଦ୍ଦେଶ୍ୟରେ ବହୁଳଭାବେ ବ୍ୟବହାର କରାଯାଉଛି। ସାମାଜିକ ନ୍ୟାୟ କେବଳ ଏକ ରାଜନୈତିକ ସ୍ଲୋଗାନ ନୁହେଁ, ଏହା ଏକ ସାମାଜିକ ସଂସ୍କାର ଆନ୍ଦୋଳନ ମଧ୍ୟ। ବୈଷ୍ୟମତା ପୂର୍ଣ୍ଣ ସମାଜରେ ସମାନତା ଆଣିବାର ଏହା ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ। ସାମାଜିକ ନ୍ୟାୟ ସ୍ଥାପନ କଥା ଯେତେବେଳେ ରାଜନୈତିକ ଇସ୍ୟୁର ରୂପ ନିଏ ସେତେବେଳେ ଏହା ସାମାଜିକ ବିତର୍କରେ ପରିଣତ ହୁଏ। ସୁବିଧାଭୋଗୀ ଓ ସୁବିଧାବଞ୍ଚିତ ମଧ୍ୟରେ ବିତର୍କ ଆରମ୍ଭ ହୁଏ। ବିତର୍କ ସାମାଜିକ ଅନ୍ୟାୟର ଶୀକାର ହୋଇଥିବା ଲୋକମାନଙ୍କ ଭିତରେ ସଚେତନତା ଆଣେ। ଲୋକମାନେ ସାମାଜିକ ଅନ୍ୟାୟ କଣ ବୁଝିପାରନ୍ତି। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟିଏ ଅଙ୍ଗୀକାରବଦ୍ଧ ସରକାର ନିୟମ ମାଧ୍ୟମରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିଥାଏ। ଏହା ସେତିକି ବେଳେ ସମ୍ଭବ ହୁଏ, ଯେତେବେଳେ ସାମାଜିକ ନ୍ୟାୟ ପାଇଁ ଏକ ପ୍ରତିଜ୍ଞାବଦ୍ଧ ସରକାର କ୍ଷମତାକୁ ଆସେ। ଅନ୍ୟପକ୍ଷରେ ସାମାଜିକ ନ୍ୟାୟ ଆନ୍ଦୋଳନ ତୀବ୍ରତର ହେଲେ ଯେକୌଣସି ସରକାର ଏଦିଗରେ କାର୍ଯ୍ୟ କରିବାକୁ ବାଧ୍ୟ ହୁଅନ୍ତି। ସାମାଜିକ ନ୍ୟାୟ ରାଜନୈତିକ ସଦିଚ୍ଛା ଓ ପୃଷ୍ଠପୋଷକ ବିନା ପ୍ରତିଷ୍ଠା ସମ୍ଭବପର ନୁହେଁ। ଭାରତୀୟ ସମାଜ ବ୍ୟବସ୍ଥାର ସଂରଚନା ଅତ୍ୟନ୍ତ ଜଟିଳ। ସମାଜର ଗୋଟିଏ କ୍ଷୁଦ୍ର ଅଂଶ ହାଜର ହଜାର ବର୍ଷଧରି ବ୍ୟବସ୍ଥାଗତ ସୁବିଧା ସୁଯୋଗ ପାଉଥିବା ବେଳେ ଆଉ ଗୋଟିଏ ବୃହତ ଅଂଶ ଏହି ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଆସିଛି। ଫଳରେ କେତେକ ଜାତି, ଗୋଷ୍ଠୀ ଓ ସମ୍ପ୍ରଦାୟ ବହୁ ଆଗକୁ ଆଗେଇ ଯାଇଥିବା ବେଳେ ଅନ୍ୟମାନେ ପଛରେ ପଡି ଯାଇଛନ୍ତି। ଆମ ସମ୍ବିଧାନର ପ୍ରଣେତାମାନେ ଏହାର ଅନୁଧ୍ୟାନ ପୂର୍ବକ ବିଭିନ୍ନ ଜାତି ଓ ଗୋଷ୍ଠୀର ବର୍ଗୀକରଣ କରିଛନ୍ତି। ଏହି ବର୍ଗୀକରଣ ମୁଖ୍ୟତଃ ବିକାଶର ତାରତମ୍ୟ ଓ ସାମାଜିକ ସ୍ଥିତିକୁ ନେଇ କରାଯାଇଛି। ସାମାଜିକ ନ୍ୟାୟର ଲକ୍ଷ୍ୟ ହୁଏ ଅନଗ୍ରସର ବର୍ଗ ଗୁଡିକର ବିକାଶ ସାଧନ କରି ଅଗ୍ରସର ବର୍ଗ ସହିତ ସମକକ୍ଷ କରାଇବା। ଫଳରେ ଦେଶରେ ଏକ ସମତାଭିତ୍ତିକ ସମାଜ ଗଠିତ ହେବ। ସମାଜରୁ ବୈଷ୍ୟମ ଦୂରହେବ। ସେହିପରି ବିଭିନ୍ନ ଧର୍ମର ସାମାଜିକ ବ୍ୟବସ୍ଥା କ୍ଷେତ୍ରରେ ଦେଖାଯାଇଛି ପୁରୁଷ ଓ ନାରୀ ମଧ୍ୟରେ ବିଭିନ୍ନ ଅଧିକାରକୁ ନେଇ ବହୁ ତାରତମ୍ୟ ରହିଛି। ଏ କ୍ଷେତ୍ରରେ ମଧ୍ୟ ସମାନତା ଆଣିବା ସାମାଜିକ ନ୍ୟାୟର ଅନ୍ତର୍ଗତ ଅଟେ। ସାମାଜିକ ବିଷମତା ସୃଷ୍ଟିହେବା ପଛରେ ଅନେକ କାରଣ ରହିଛି। ଏହି କାରଣଗୁଡ଼ିକ ମଧ୍ୟରୁ ସର୍ବାଗ୍ରେ ରହିଛି ଭ୍ରାନ୍ତ ସାମାଜିକ ଚିନ୍ତନ। ସମାଜରେ କିଛିଲୋକ ଭାବନ୍ତି ସେମାନେ ଉନ୍ନତ ଓ ଅନ୍ୟମାନେ ଅନୁନ୍ନତ। ଏମାନେ ଶାସକ ଓ ଅନ୍ୟମାନେ ଶାସିତ। ଶାସକ ଗୋଷ୍ଠୀ ସମୟକ୍ରମେ ସମସ୍ତ ସୁବିଧା ସୁଯୋଗ ନେଇ ବିକଶିତ ହୋଇଯାଇଛନ୍ତି। ଏମାନଙ୍କ ସହିତ ଅନ୍ୟ ଯେଉଁମାନେ ଥିଲେ ସେମାନେ ମଧ୍ୟ ବିକଶିତ ହୋଇଛନ୍ତି। ଯେଉଁମାନେ ପିଢି ପରେ ପିଢି ବଞ୍ଚିତ ହୋଇଛନ୍ତି ସେମାନେ ପଛୁଆ ହୋଇ ରହିଯାଇଛନ୍ତି। ସମାଜରେ ଗୋଟିଏ ପ୍ରକାର ସାମାଜିକ ଭାବନା ତିଆରି ହୋଇଛି ଯେ ଶୂଦ୍ରମାନେ (ଉଭୟ ଛୁଆଁ ଶୂଦ୍ର ଓ ଅଛୁଆଁ ଶୂଦ୍ର), ଆଦିବାସୀ ଓ ମହିଳାମାନେ ମାନସିକଭାବେ ଅନ୍ୟମାନଙ୍କ ସହିତ ସମକକ୍ଷ ନୁହଁନ୍ତି। ତେଣୁ ଏମାନଙ୍କୁ ହଜାର ହଜାର ବର୍ଷଧରି ମୁଖ୍ୟସ୍ରୋତରୁ ଦୂରେଇ ରଖା ଯାଇଥିଲା। ଏପରି ସାମାଜିକ ଚିନ୍ତନକୁ ମଜଭୁତ କରିବାରେ ଧର୍ମ, ସଂସ୍କୃତି ଓ ପରମ୍ପରାର ହାତ କିଛି କମ୍ ନୁହେଁ। ତେଣୁ ଯେତେବେଳେ ସମାନତାର କଥା ଉଠେ ସେତେବେଳେ ଏହି ତଥାକଥିତ ଧାର୍ମିକ ଓ ପରମ୍ପରାବାଦୀ ଉତକ୍ଷିପ୍ତ ହୋଇପଡନ୍ତି। ସେମାନେ ଭାବନ୍ତି ଏହା ତାଙ୍କ ଧର୍ମ ଓ ପରମ୍ପରାର ବିରୋଧୀ। ସାମାଜିକ ନ୍ୟାୟ ଆନ୍ଦୋଳନ ଜଟିଳ ଅବସ୍ଥାରେ ପହଁଚେ ଯେତେବେଳେ ଅସମାନତାକୁ ଧାର୍ମିକ ଓ ପାରମ୍ପରିକ ଚିନ୍ତନର ସମର୍ଥନ ମିଳେ।

ସମ୍ବିଧାନର ପ୍ରଣେତାମାନେ ଭଲଭାବେ ଉପଲବ୍ଧି କରିଥିଲେ ସମସ୍ତ ବର୍ଗର ଆର୍ଥିକ ବିକାଶ ସହିତ ଶାସନ ପ୍ରକ୍ରିୟାରେ ସମାନୁପାତିକ ଭାଗୀଦାରୀ ସାମାଜିକ ବୈଷମ୍ୟତାକୁ ଦୂରକରି ପାରିବ। ତେଣୁ ବିଭିନ୍ନ ଅନଗ୍ରସର ବର୍ଗର ଲୋକମାନଙ୍କ ଆର୍ଥିକ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ସାମ୍ବିଧାନିକ ବର୍ଗଗୁଡିକ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗ। ମହିଳାମାନଙ୍କୁ ମଧ୍ୟ ବିଶେଷ ବର୍ଗର ମାନ୍ୟତା ରହିଛି। ଏପରିକି ଶାସନ ବ୍ୟବସ୍ଥାରେ ଏହି ବର୍ଗମାନଙ୍କର ଭାଗୀଦାରୀକୁ ମଧ୍ୟ ସ୍ଥଳ ବିଶେଷରେ ନିଶ୍ଚିତକରି ଯାଇଛନ୍ତି। ସମ୍ବିଧାନର ପ୍ରଣେତାମାନେ ସର୍ବନିମ୍ନ ସୁବିଧା ସୁଯୋଗର ବ୍ୟବସ୍ଥା କରିଯାଇଛନ୍ତି ସମାନତା ହାସଲ ଦିଗରେ। ଏହାରି ଆଧାରରେ ସମ୍ପୂର୍ଣ୍ଣ ସମାନତା ହାସଲ ପାଇଁ ପ୍ରେରଣା ଦେଇ ଯାଇଛନ୍ତି। ତେଣୁ ସମ୍ପୂର୍ଣ୍ଣ ସାମାଜିକ ନ୍ୟାୟ ପ୍ରାପ୍ତିପାଇଁ କେବଳ ସରକାର ଉପରେ ନିର୍ଭର କରିବା ଅସମୀଚିନ। ଏଥିପାଇଁ ସାମାଜିକ ନ୍ୟାୟ ଆନ୍ଦୋଳନର ନିର୍ମାଣ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏଦିଗରେ ପ୍ରାଥମିକତା ହେଉଛି ସାମାଜିକ ଅନ୍ୟାୟର ଶୀକାର ହେଉଥିବା ଜାତିସମୂହ ଓ ଗୋଷ୍ଠୀସମୂହକୁ ଉପଲବ୍ଧି କରାଇବା ଯେ ସେମାନେ ଶୋଷିତ ଓ ବଞ୍ଚିତ ବୋଲି। ଏହି ଉପଲବ୍ଧି ତାଙ୍କୁ ସଙ୍ଗଠିତ ହେବାରେ ସହାୟକ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଅନଗ୍ରସର ଗୋଷ୍ଠୀ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ଗୋଟିଏ ବୃହତ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଆନ୍ଦୋଳନ ତିଆରି କରିବା ପାଇଁ ପ୍ରେରିତ କରିବ।

ଭାରତବର୍ଷରେ ସାମାଜିକ ନ୍ୟାୟ ଆନ୍ଦୋଳନର ଇତିହାସ ବହୁ ପୁରାତନ। ଏହା ଉତଥାନ ପତନ ମଧ୍ୟଦେଇ ଚାଲିଆସିଛି। ସ୍ୱାଧୀନତା ପୂର୍ବର ସାମାଜିକ ଆନ୍ଦୋଳନର ପ୍ରଖରତା ସ୍ୱାଧୀନତା ପରେ ମନ୍ଥର ହୋଇ ଯାଇଥିଲା। କାରଣ ସାମାଜିକ କର୍ମୀମାନେ ଭାବିଥିଲେ ଯେ ସମ୍ବିଧାନରେ ସାମାଜିକ ନ୍ୟାୟପାଇଁ ଲିପିବଦ୍ଧ ନିୟମ ଏହା ହାସଲ କରିବାରେ ସହାୟକ ହେବ। କିନ୍ତୁ ପରେ ଉପଲବ୍ଧି ହେଲା ଯେ ସମ୍ବିଧାନରେ ସାମାଜିକ ନ୍ୟାୟର ଗ୍ୟାରେଣ୍ଟି ଯଥେଷ୍ଟ ନୁହେଁ। ଏଥିପାଇଁ ଲୋଡ଼ା ସାମାଜିକ ଆନ୍ଦୋଳନ, ଯାହା ସଚେତନତା ତିଆରି କରିବ। ଏହା ନହେଲେ ସମ୍ବିଧାନର ଲିପିବଦ୍ଧ ଗ୍ୟାରେଣ୍ଟିକୁ ସଙ୍କୁଚିତ କରିବାର ପ୍ରୟାସ ହେବ। ଏହାକୁ ଅକାମୀ କରିବାର ଉଦ୍ୟମ ହେବ। କେବଳ ସାମାଜିକ ଆନ୍ଦୋଳନ ଜରିଆରେ ଏହାକୁ ରୋକାଯାଇ ପାରିବ। ୧୯୯୦ ମସିହାରେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ପୁଣି ସାମାଜିକ ନ୍ୟାୟ ଆନ୍ଦୋଳନକୁ ଉଦଜିବୀତ କରିଛି। ସମାନ ଅଧିକାରରୁ ସମସ୍ତ ବଞ୍ଚିତ ବର୍ଗ ଉପଲବ୍ଧି କଲେଣି ସେମାନେ ଅନ୍ୟାୟର ଶୀକାର ହୋଇଛନ୍ତି। ଏଥିପାଇଁ ଦୋଷୀ ଏମାନେ ନିଜେ। ନିଜ ଭିତରେ ଲୁଚି ରହିଥିବା ନିମ୍ନ ହେବାର ମାନସିକତା ଏଥିପାଇଁ ଦାୟୀ। ଏମାନେ ସଙ୍ଗଠିତ ହୋଇ ସମାନତା ପାଇଁ ଲଢ଼ିବାରେ ବିଫଳ ହୋଇଛନ୍ତି। ଫଳରେ ସ୍ୱାଧୀନତାର ଦୀର୍ଘବର୍ଷ ପରେବି ସମସ୍ତ କ୍ଷେତ୍ରରେ ସାମାଜିକ ଅସନ୍ତୁଳନ ବଳବତ୍ତର ରହିଛି। ସାମାଜିକ ନ୍ୟାୟର ପ୍ରତିଷ୍ଠା ପାଇଁ ସାମାଜିକ ଆନ୍ଦୋଳନର ଯେଉଁପରି ଆବଶ୍ୟକତା ରହିଛି, ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଅନୁକୂଳ ସରକାରର ମଧ୍ୟ ସେହିପରି ଆବଶ୍ୟକତା ରହିଛି। ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡିବ ଯେ ୧୯୯୦ର ମଣ୍ଡଳ ତରଙ୍ଗ ଦେଶର ରାଜନୈତିକ ବାତାବରଣକୁ ବଦଳାଇ ଦେଇଛି। ସେ ସମୟରେ ଯେଉଁମାନେ ସାମାଜିକ ନ୍ୟାୟ ଆନ୍ଦୋଳନର ମଙ୍ଗ ଧରିଥିଲେ ସେମାନେ ପରେ ତୁଙ୍ଗ ରାଜନୈତିକ ବ୍ୟକ୍ତିତ୍ୱରେ ପରିଣତ ହୋଇଛନ୍ତି। କ୍ଷମତାରୁ ବଞ୍ଚିତ ଗୋଷ୍ଠୀମାନେ କ୍ଷମତାର ବଳୟ ମଧ୍ୟକୁ ପଶିବାରେ ସକ୍ଷମ ହୋଇଛନ୍ତି। ସାମାଜିକ ସ୍ତରରେ କିଛି ମାତ୍ରାରେ ନିଜର ଅଧିକାର ଓ ସମ୍ମାନକୁ ସ୍ଥାପିତ କରିବାକୁ ସଫଳ ହୋଇଛନ୍ତି। ମଣ୍ଡଳ ତରଙ୍ଗର ପ୍ରସାରଣ ଏବେବି ଅବ୍ୟାହତ ରହିଛି। ଅବୁଝା ଲୋକମାନେ ସାମାଜିକ ନ୍ୟାୟର ଗତି ଓ ଲକ୍ଷ୍ୟ ବିଷୟରେ ବୁଝିବା ଆରମ୍ଭ କଲେଣି। ଯେଉଁଦିନ ସାମାଜିକ ଅନ୍ୟାୟର ଶୀକାର ଗୋଷ୍ଠୀଗୁଡିକ ସଚେତନ ହୋଇ ନିଜ ମଧ୍ୟରେ ଯୋଗସୂତ୍ରର କଡି ତିଆରି କରିନେବେ ସେହିଦିନ ପ୍ରତ୍ୟେକ ବ୍ୟବସ୍ଥା କ୍ଷେତ୍ରରେ ଭୂଚଳନ ଦେଖାଦେବ। ସାମାଜିକ ନ୍ୟାୟର ବ୍ୟବସ୍ଥାଗତ ଢାଞ୍ଚା ତିଆରି ହୋଇଯିବ। ଯେକୌଣସି ସରକାର ପାଇଁ ସହଜ ଓ ପ୍ରେରଣା ଦାୟକ ହୋଇଯିବ ସମତାଭିତ୍ତିକ ସମାଜ ଗଠନ ଉଦ୍ଦେଶ୍ୟରେ ପଦକ୍ଷେପ ନେବାପାଇଁ। ସାମାଜିକ ନ୍ୟାୟ ଆନ୍ଦୋଳନ ସମଗ୍ର ଭାରତବର୍ଷରେ ଊଣାଅଧିକେ ଚାଲିଛି। କିଛି ସଫଳତା ମଧ୍ୟ ମିଳିଛି। ଆମ ରାଜ୍ୟ ଓଡ଼ିଶାରେ ସାମାଜିକ ସଚେତନତା କିଛି ମାତ୍ରାରେ ରହିଛି, କିନ୍ତୁ ଏହା ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଆନ୍ଦୋଳନର ରୂପ ନେଇନାହିଁ। ତେଣୁ ସ୍ୱଚ୍ଛ ଅନୁଭୂତ ହେଉଛି। ଓଡିଶାରେ ବୈଷ୍ୟମର ଶୀକାର ହୋଇଥିବା ବିଭିନ୍ନ ଗୋଷ୍ଠୀର ସାମୂହିକ ଜନସଂଖ୍ୟା ସର୍ବାଧିକ। ତଥାପି ରାଜ୍ୟରେ ସାମାଜିକ ନ୍ୟାୟ ଆନ୍ଦୋଳନ ଦାନା ବାନ୍ଧି ପାରିନାହିଁ। କାରଣ ଲୋକମାନଙ୍କ ଧାରଣା ଯେ ଏହା ସରକାରଙ୍କ ଦାୟିତ୍ୱ। ଅନ୍ୟାୟର ଶୀକାର ହେଉଥିବା ଲୋକମାନଙ୍କ ଭୂମିକା ଏଥିରେ କିଛି ନାହିଁ। ଏହି ଭାବନା ଯୋଗୁଁ ଏ ଆନ୍ଦୋଳନ ଆଗକୁ ଯାଇପାରୁ ନାହିଁ। ଭାରତୀୟ ସମାଜକୁ ସଜାଡ଼ିବା ପାଇଁ ଓ ପ୍ରଗତିର ମାର୍ଗରେ ପରିଚାଳିତ କରିବା ପାଇଁ ସାମାଜିକ ନ୍ୟାୟ ଜନିତ ସଚେତନତା ଜରୁରୀ। ସାମାଜିକ ସମାନତା ସମସ୍ତଙ୍କ ଜନ୍ମଗତ ଅଧିକାର। ଏହା ମାନବିକତାର ପ୍ରଶ୍ନ ମଧ୍ୟ। ଓଡ଼ିଶାରେ ଏହି ଆନ୍ଦୋଳନର ଆବଶ୍ୟକତା ରହିଛି। ଏଦିଗରେ ସାମାଜିକ ପ୍ରସ୍ତୁତି ଜରୁରୀ ଓ ସାମୂହିକ ସହଯୋଗ ଲୋଡ଼ା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଶୀର୍ଷକ - ହଁ... ମୁଁ ଟିକିଏ ଭିନ୍ନ

*ରେଣୁବାଳା ମହାପାତ୍ର*

ହଁ,
ମୁଁ ଟିକିଏ ଭିନ୍ନ,
ଆଉ ସେଇ ଭିନ୍ନତା ହିଁ
ମୋର ପରିଚୟ।

ଦୁନିଆ ଭିଡ଼ରେ ବି
ଖୋଜି ଚାଲେ ନିଜର ପଥ,
ଅନ୍ୟର ଥକାପଣ ଦେଖି ମଧ
ନିଜକୁ ଦୃଢ଼ କରି
ମୋ ସ୍ୱପ୍ନରେ ଆଗକୁ ବଢ଼େ।

ହିଁ,
ମୁଁ ଟିକିଏ ଭିନ୍ନ,
କେମିତି କେଜାଣି...
ନୀରବତାକୁ ଶୁଣିପାରେ,
ନିରାଶା ମଧ୍ୟରେ ଆଶାର
କ୍ଷୀଣ ଜ୍ୟୋତିଟିଏ ଦେଖି
ସେଥିରେ ନିଜକୁ ପରଖି ପାରେ ।

କଷ୍ଟ ପଥରେ ସହଜକୁ ସନ୍ଧାନ କରେ
କାରଣ ମୁଁ ଜାଣେ...
ସଂଘର୍ଷ ହିଁ ସଫଳତାକୁ
ଜନ୍ମ ଦିଏ।

ହଁ,
ମୁଁ ଟିକିଏ ଭିନ୍ନ
ଆଉ ସେ ଭିନ୍ନତା ହିଁ ମୋ ପରିଭାଷା।
ଯୁକ୍ତି, ତର୍କ ବିତର୍କ ସହିତ
ଶାଳୀନତାର ସହ ଯୁଦ୍ଧ କରେ
ସତ୍ୟର ସାହାରା ନେଇ
ମୁଁ ଭିନ୍ନତା ଭିତରେ
ବଞ୍ଚିବାକୁ ଚାହେଁ।

ବ୍ରାହ୍ମ ମୁହୂର୍ତ୍ତରେ ...
ଯୋଗ ଦ୍ୱାରା ଶରୀର ନୁହେଁ,
ମୁଁ ଚେତନାକୁ ଜାଗ୍ରତ କରେ
ପ୍ରାଣାୟମର ପବିତ୍ର ଶ୍ୱାସରେ
ଅହଂକାରକୁ ତ୍ୟାଗକରେ
ଧ୍ୟାନର ନୀରବ ଆଲୋକରେ
ବ୍ରହ୍ମର ନିର୍ମଳ ସ୍ପର୍ଶ ମୁଁ ପାଏ

ହଁ
ମୁଁ ଟିକିଏ ଭିନ୍ନ
ଲେଖନୀ ମୋର ସାଧନା
ଶବ୍ଦ ମୋର ମନ୍ତ୍ର
ନିଜ ପଥର ଯାତ୍ରୀଟିଏ ହୋଇ
ପରିବର୍ତ୍ତନକୁ ସ୍ୱାଗତ କରେ

କିଛି ଅନୁଭୂତିକୁ ଅଭିଜ୍ଞତା କରି
କିଛି ସ୍ମୃତିକୁ ସ୍ମରଣୀୟ କରି
କିଛି ଦୁର୍ବଳତାକୁ ଶକ୍ତି କରି
ନୂଆ ଆଶା, ନୂଆ ଉଦ୍ଦୀପନା
ସାଥିରେ ଖେଳି

ତାରି ଭିତରେ....
ଭିନ୍ନ ଚିନ୍ତା, ଭିନ୍ନ ସ୍ୱପ୍ନ
ଭିନ୍ନ ଆତ୍ମବିଶ୍ୱାସ
ଅନନ୍ୟା, ଅନୁପମା ରୂପରେ
ସାଧାରଣ ହେଉ କି ଅସାଧାରଣ
ସେ ଭିନ୍ନତାରେ ମୁଁ ନିଃଶ୍ୱାସ ନିଏ
ମୋ ଭିନ୍ନତା ହିଁ ମୋ ଅସ୍ତିତ୍ୱ।

ଅନୁଗୋଳ

## ନୂଆବର୍ଷର ପ୍ରତିଜ୍ଞା

*ପ୍ରଣୀତା ମିଶ୍ର*

ଚାହୁଁ ଚାହୁଁ ଆୟୁଷରୁ ଫର୍ଦଟିଏ ନେଇ
ବର୍ଷଟିଏ ଫେରିଗଲା
ସାଥିରେ ନେଇଗଲା କେତେଯେ
ସୁଖଦୁଃଖର ଅନୁଭୂତି ।
ଆସିଗଲା ଦୁଇ ହଜାର ଛବିଶି
କେତେ ଜାକଜମକରେ
ଆତସବାଜି ଓ ରୋଶଣିର ଝଲକରେ
ବଣ ଭୋଜିର ମହମହ ବାସ୍ନାରେ
ବନ୍ଧୁମିଳନ ଓ ମଜାମଉଜରେ ।
ଏମିତି ଚାଲିଥାଉ ଏ ଦିନସବୁ
ସୁଖର ତରଙ୍ଗ ଛୁଉଁଥାଉ ଆକାଶ
ବନ୍ଧୁମିଳନ ଯୋଡ଼ି ରହୁଥାଉ
ପୁରୁଣା ଓ ନୂତନ ପିଢ଼ିର ।
ନୂଆବର୍ଷରେ କିଛି ନୂଆ ହେଉ
ପୁରୁଣା ବି ରହିଥାଉ
ହେଲେ ପଛେ ସ୍ମୃତିର ଫରୁଆରେ
ହୃଦୟର କେଉଁ ନିଭୃତ କୋଣରେ ।
କଥାରେ ଅଛି
'ନୂଆ ନୂଆ ଭାରି ଆଦର'
ଆମେ କିନ୍ତୁ କରିବାନି
ପୁରୁଣାର ଏଠି ହତାଦର ।

ଆହୁରି ଆଗେଇନେବା
ପୁରୁଣା ସମ୍ପର୍କକୁ ସଂସ୍କୃତିକୁ
ସଭ୍ୟତାକୁ ଭାଷାକୁ
ସର୍ବୋପରି ସେହି ପୁରୁଣା
ଦିଗ୍ଗଜ ଚରିତ୍ରମାନଙ୍କର ଚିନ୍ତାଧାରାକୁ ।
ସେମାନଙ୍କ ଭିତରେ ମୁଁ ଦେଖେ
ଓଡ଼ିଶାର ଗୌରବକୁ ବୈଭବକୁ
ଐତିହ୍ୟକୁ ଭାଷାକୁ
ଅସ୍ମିତାକୁ ଓ ବିସ୍ମିତାକୁ ।
ବେଳେବେଳେ ମୁଁ ଦେଖେ
ମୋ ସମ୍ମୁଖରେ ମୋ ଭୂମିକୁ
ମୋ ଜନ୍ମଦାତାଙ୍କୁ ମୋ ଗୁରୁଙ୍କୁ
ମୋ ସାଥି ସହୋଦରଙ୍କୁ
ଯେ କି ଆଲୋକବର୍ତ୍ତିକା ଧରି
ଦିଅନ୍ତି ପ୍ରେରଣା ପ୍ରତିଜ୍ଞା ନେଇ
ଆଗକୁ ବଢ଼ିବାକୁ।

ଭୁବନେଶ୍ୱର



## ଶୈଳ ଶିଖରରେ

*ସୁଶୀଲ କୁମାର ପାଣିଗ୍ରାହୀ*



ବସ୍ ଝର୍କାରୁ
ତଳକୁ ଚାହିଁଲେ
ତଳ ବି ଦିଶୁନି
ଯେମିତି ଜୀବନର ଗହିରତା
ଉପରକୁ ଚାହିଁଲେ
ଆକାଶ ବି
ଏତେ ବଡ ପାହାଡରୁ
ଅମାପ ଦୂର
ପହଞ୍ଚି ହେବନି ବୋଧେ
ତମାମ୍ ଶ୍ୱାସ ଯୋଡି ଦେଲେ ବି।

ରାସ୍ତା ସାମ୍ନାରେ
ମୋଡ ପରେ ମୋଡ
ଆଖି ଡୋଳାଠୁ ବେଶି ଘୂରୁଛି
ଷ୍ଟିୟରିଂ
ଜୀବନ ଏମିତି
କାହାର ବି ସିଧା ହେଇ ନ ଥିବ
ପ୍ରତି ମୋଡରେ
ଦୃଶ୍ୟ ବଦଳି ଚାଲିଛି।

ଏ ପାହାଡି ରାସ୍ତାରେ
ଧଳା ମେଘ ଚାଦର ହେଇ
ଘୋଡାଇ ଦେବାକୁ ଆସୁଛନ୍ତି ଯେମିତି
ବିଶ୍ୱାସ କରିପାରୁନି

ପ୍ରତିଟି ରୋମାଞ୍ଚିତ ବିନ୍ଦୁରେ
ଶୀତଳତାର ସ୍ପର୍ଶ
ମୃତ୍ୟୁ କେତେ ପାଖରେ
ବସିଛି

ନିଜ ଭିତରେ
ଏଭେରେଷ୍ଟ ଶିଖରରେ
ପାଦ ଥାପିଥିବା ଜୀବନ
ଉପରେ
ପୁରା ବିଶ୍ୱାସ ଅଛି।

କଲ୍ୟାଣୀ ରେସିଡେ଼ନ୍ସି
ଫ୍ଲାଟ-୨୦୩
ଜଲାନ ଗଳି
ସମ୍ବଲପୁର-୨
ଫୋନ:୮୧୪୪୨୨୮୨୦୨

## ତୁମେ ହିଁ ସେ...

*ରମାକାନ୍ତ ଦାସ*

ଯାହାଙ୍କ ବାହୁଛାୟାରେ ମୋ ହୃଦୟ ପାଏ ସୁରକ୍ଷାର ସ୍ପର୍ଶ,
ଯାହାଙ୍କ ଆତ୍ମାରେ ମୋ ଅସ୍ତିତ୍ୱ ନିର୍ଭୟରେ ଆଉଜି ପଡ଼େ।

ତୁମ ପାଖେ ପ୍ରେମ କେବଳ ଏକ ସ୍ୱପ୍ନ ନୁହେଁ,
ଏହା ଏକ ଘରର ଉଷୁମ ଅନୁଭବ—ସ୍ଥିର, ସତେଜ ଓ ନିବିଡ଼।
ତୁମେ କେବଳ ମୋର ପ୍ରିୟ ନୁହଁ,
ତୁମେ ହିଁ ପ୍ରେମ ଉପରେ ମୋ ବିଶ୍ୱାସର ଏକମାତ୍ର ପରିଭାଷା।

ତୁମର ଗୋଟିଏ ହସ...
ମୋ ଭିତରର ଅଜଣା ଅନ୍ଧକାରକୁ ଆଲୋକିତ କରିଦିଏ,
ତୁମର ପ୍ରତିଟି ଶବ୍ଦ ମୋ ଜୀବନ ସାରାର ଅପେକ୍ଷାକୁ ପୂର୍ଣ୍ଣ କରେ।

ଏ ଭିଡ଼ ଭିତରେ ହଜାରେ ମୁହଁ,
କିନ୍ତୁ ମୋ ଆଖି ଖୋଜେ କେବଳ ତୁମକୁ।
ତୁମ ସାଥିରେ ମୁଁ କେବଳ ବଞ୍ଚେନାହିଁ—
ମୁଁ ବିକଶିତ ହୁଏ, ମୁଁ ଫୁଟିଉଠେ।
ତୁମ ସହ ଏହି ଜନ୍ମଟା ବି...
କାହିଁକି କେଜାଣି ଭାରି କମ୍ ମନେହୁଏ।

ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ଶୀତକାଳ

*ରତ୍ନକାନ୍ତି ମିଶ୍ର*

କୁହୁଡି ଦିଶଇ ଏବେ ଘନକୃଷ୍ଣ ବାଦଲ ଯେମିତି
ହିମ ବାଆ ପରଶରେ ଆକ୍ତାମାକ୍ତା ଲାଗଇ ଧରିତ୍ରୀ,
ଅମାନିଆ ଝିଅ ପରି ଶୀତ ବୁଲେ ମନା ମାନେନାହିଁ
ଆକଟିଲେ କାକରର ଲୁହ ଟୋପା ଦିଏ ସେ ବୁହାଇ ॥

ସାପକାତି ପରି ଦିଶେ ଚିକ୍ ଚିକ୍ ସତେ ଶୀତ ରାତି
ହାଇମାରେ ନଇକୂଳ ବାଲୁକାରେ ଜୋଛନାରେ ତିନ୍ତି,
ନିଷ୍ପ୍ରଭ ଆଲୁଅ ବିଛେଇ ଜହ୍ନ ଦିଶେ ଅଳସୀ ଅଳସୀ
ସରାଗର ସୁଖ ଭୋଗେ ଏକାନ୍ତରେ ଏ ଶୀତ ପିଆସୀ ॥

ହସ ତା'ର ଫୁଟି ଦିଶେ ଚିକମିକ ସ୍ନିଗଧ ସକାଳରେ
ସୋରିଷ ଫୁଲରେ ଶୀତ ସଜାଏ ତା ଗଭା ଯତନରେ,
ସୁନା ଜରି ପାଟ ବସ୍ତ୍ରେ ଉଭା ହୁଏ ହୋଇଲେ ପ୍ରଭାତ
ଧାନ କିଆରୀରେ ଦିଶେ ମାଥେ ତା'ର ସୁବର୍ଣ୍ଣ ମୁକୁଟ ।।

ଶୀତ କଣ୍ଠୁ ଝରେ ପୁଣି ସୁମଧୁର ସାଏରି ଗଜଲ
ପ୍ରତିଟି ଛାତି ସ୍ପନ୍ଦନେ ଅନୁଭୂତ ହୁଏ ଶୀତକାଳ ।।

ଆଳି, କେନ୍ଦ୍ରାପଡା

## ।। ଆଲୋକିତ ଆଲିଙ୍ଗନ ।।

*ସୁଜିତ କୁମାର ମିଶ୍ର*

ଅନ୍ତର ମନରେ ଫୁଲ ଫୁଟା ହସ ଆଶାର ସୂରୁଜ ବୁଣି,
ପୂରୁବ ଆକାଶେ ରଙ୍ଗର ଆସରେ ପ୍ରେମ ଗୁଡି ଉଡିଲାଣି ।
ମହାଇଚ୍ଛାର ସେ ପୁଣ୍ୟ ତଟିନୀରେ ଲମ୍ଭୁଛି ମକର ବୁଡ,
ଦିବସ ରଜନୀ ମମତ୍ୱବୋଧରେ ଧରା ଦିବ୍ୟ ପ୍ରୀତିଗଡ ।

ପବନ ଗାଉଛି ଶୀତର ରାଗରେ ମକର ଚାଉଳ ଗୀତ,
ଅମୀୟ ଭାବର ଛୁଆଁରେ ଛୁଟୁଛି ଅତିନ୍ଦ୍ରୀୟ ସୁଖସ୍ରୋତ ।
ଅତିଥି ଦେବତା ପୂଜା ପାଉଛନ୍ତି ଆତ୍ମୀୟତା ଚନ୍ଦନରେ,
ଘର ମନ୍ଦିରରୁ ଶୁଭ ଶଂଙ୍ଖଧ୍ୱନି ଝରୁଛି ଗୀତର ସୁରେ ।

ଏକାନ୍ତ ଅଗଣା ପାଲଟିଛି କ୍ଷଣେ ଐଶ୍ୱର୍ଯ୍ୟର ସ୍ୱର୍ଗ ଭୂଇଁ,
ପୀଡିତ ପ୍ରାଣକୁ ମକର ଦେଉଛି ପୁଲକ ଯେ କେତେ କାହିଁ ।
ବୟସ ଦଉଡି ବାନ୍ଧି ପାରି ନାହିଁ ବୟସ ଯେ ଚିରସ୍ରୋତା,
କବରୀରେ ଫୁଲ ସଜା ହୋଇଅଛି ଭୁଲି ସବୁ କାଲି କଥା ।

ଆଳାପ ରତୁର ଆଶାରୁ ଝରୁଛି ଆଲୋକିତ ଆଲିଙ୍ଗନ,
ମକର ତୁମେ ତ ଅୟୁତ ମେଘର ଆରାଧନା ଦୀପ ଦାନ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

## ଚକା ଚକା ଭଉଁରୀ

*ସୁରଞ୍ଜନ ପଣ୍ଡା*

ଚକା ଚକା ଭଉଁରୀ
ବୁଲୁଚିତ ପୃଥିବୀଟା କେଉଁକାଳୁ
ଏଇମିତି ବୁଲୁଥିଲା ବୁଲୁଥିବ
ହେଲେ ଆମେସବୁ ସାଧାରଣ
ଆମପାଇଁ ସବୁକିଛି ନିଶ୍ଚଳ ନିଶ୍ଚୁପ୍
ପାଦତଳେ ସମୟର ଜୁଆରିଆ ନଈ
ଯନ୍ତ୍ରଣାର କୁମ୍ଭୀରର ମୁହଁ
ତମକୁ ଚାହିଁବା ଛଡ଼ା ବାଟ ଆମ କାହିଁ ?
ତମେ ଆମ ଜୀବନ ନାଉରୀ
ଚକା ଚକା ଭଉଁରୀ। ୧ ।

ତମେ ଆସ କେତେ ରୂପେ
କେତେ ଛଳେ କେତେ କଉଶଳେ
ଭାବୁ ଆମେ ତୁମେ ତ୍ରାଣକର୍ତ୍ତା
ତମେ ଆମ ଦଇବ ବିଧାତା
ଆମେ ସବୁ ଆରତଙ୍କ ଦଳ
ଆଶାକରୁ ପାରିହେବା ପାଇଁ
ଏକୁଳରୁ ସେକୁଳକୁ ଜୀବନ ତରଣୀ
ହେଲେତୁମ ମହତ ଆକାଂକ୍ଷା
ସରଗକୁ ସିଡିବାନ୍ଧିବାର ଅବା
ଶିରେଦେବା ପାଇଁ ଶ୍ରେଷ୍ଠର ମୁକୁଟ
ଆମେ ସାଜୁ ଯଜ୍ଞର ଆହୁତି
ଜଳିଯିବା ସାର କଥା ହୁଏ
ବାଧ୍ୟଆମେ ନାଚିବାକୁ ଯେମିତି ନଚାଅ
ତମେତ କାଣ୍ଡାରି ତମେତ ମଦାରୀ
ଚକା ଚକା ଭଉଁରୀ। ୨ ।

ବୁଲୁଥିବା ପୃଥିବୀ ଆଉ ତା ମହୋଦଧି
ଉପୁଜାଏ ଅମୃତ କଳସ
ଚନ୍ଦ୍ରମାର ରୌପ୍ୟ ଜ୍ୟୋସ୍ନା
ଆଉ ଲକ୍ଷ୍ମୀର ଭଣ୍ଡାର
କେତେ କେତେ ଆଉ କେତେ କଣ
ସବୁକିଛି ତମେ ନିଅ ତାହା ତୁମ ହକ୍
ଆମ ପାଇଁ ସବୁବେଳେ ଜନତାର
ହଳାହଳ ଶେଷହୀନ ଯନ୍ତ୍ରଣାର ସ୍ୱର
ନିରୀମାଖି ଲଙ୍ଗଳା ଜୀବନ
ଆମେ ସବୁ ଛାଗଳର ଯୂଥ
ଜୀବନଟା ତମ ପାଖେ ବନ୍ଧା
କାମ ଆମ ବେଠି ଓ ବେଗାରୀ
ଚକା ଚକା ଭଉଁରୀ ।୩।

ସବୁକିଛି କାଳ କବଳିତ
ଉଠାପକା ପକାଉଠା ଭଙ୍ଗାଗଢ଼ା
ଗଢ଼ାଭଙ୍ଗା ଜୀବନର ଧାରା
ଅଙ୍କାବଙ୍କା ତାର ସେ ଗତି
ସବୁକିଛି କାଳ କବଳିତ
ହେଲେ କାଳର ବଳରେ
ଖାଲିସିନା ରୂପାନ୍ତର ହୁଅ ତୁମେ
କେବେ ଆଶା ମଙ୍ଗୋଲରୁ
ଅବାକେବେ ଦରିଆପାରିରୁ
କେବେପୁଣି ନିଜମାଟି ନିଜଇଲାକାରୁ
ହେଲେ ସେଇ ଏକା କଥା

ଆମେ ସବୁ ଭାରବାହୀ ଦଳ
ଆମ କାନ୍ଧେ ଥାଏ ସଦା
ହାତୀଦାନ୍ତ ରୂପାଦିଆ
ତୁମର ସେ ସୁରମ୍ୟ ଶବାରୀ
ଚକା ଚକା ଭଉଁରୀ। ୪ ।

ସଭ୍ୟତାର ରଥ ଗଡ଼େ ଆଗକୁ ଆଗକୁ
ଚକ ତଳେ ଚାପିଯାଏ ଯନ୍ତ୍ରଣାର ସ୍ୱର
ବହିଯାଏ ଆମଠୁ ରୁଧିର
ରଥାରୁଢ଼ ତୁମେ ତମ ପାଇଁ
କେତେ କୋଳାହଳ
ତୁମପାଇଁ ଆଲୁଅ ରୋଷଣୀ
ତମପାଇଁ ପ୍ରସ୍ଫୁଟିତ ଫୁଲ
କେତେକାଳ ସହୁଥିବୁ ଆମେ
ଯନ୍ତ୍ରଣାକୁ ଜୀବନର ନାମେ
କ୍ଷୁଧା ତୃଷ୍ଣା ଲଙ୍ଗଳା ଦେହରେ
ଅପେକ୍ଷା କରିଛୁ ଆମେ
କେବେହେବ ସମାନ ସୁଯୋଗ ଥିବା
ସମାନ ଜୀବନ ଥିବା ପୃଥିବୀ ଆମରି
ଚକା ଚକା ଭଉଁରୀ। ୫ ।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ଧାମନଗର ମହାବିଦ୍ୟାଳୟ, ଭଦ୍ରକ

## ସୋରିଷ ଫୁଲର ସୁନା ଅଗଣାରେ

*ହରିଶ୍ଚନ୍ଦ୍ର ବେହେରା*



ସୋରିଷ ଫୁଲର ସୁନା ଅଗଣାରେ
ଖେଳୁଛି କଅଁଳ ଖରା
ସକାଳ ପକ୍ଷୀର ମିଠା କାକଳିରେ
କେତେଯେ ଆବେଗ ଭରା ।।

କ୍ଷେତ ସବୁ ଦିଶେ ପୂରିଲା ପୂରିଲା
ଚାଷୀର ଭରା ଆନନ୍ଦ
ମାର୍ଗଶିର ଝୋଟି ଚିତା ମୁରୁଜରେ
ଲକ୍ଷ୍ମୀଙ୍କର ପଦ୍ମ ପାଦ
ଗେଣ୍ଡୁ ଫୁଲ ଆଉ ଚାମେଲି ଫୁଲରେ
ସବୁଠି ଦିଶୁଛି ତୋରା ।।

କେତେ ଯେ ସରାଗ ସବୁରି ମନରେ
ଲକ୍ଷ୍ମୀ ଯେ ଆସିବେ ଘରେ
ପିଲା ଠାରୁ ବୁଢ଼ା ଧାନ କାଟିଯିବେ
ସବୁଠି ଆନନ୍ଦ ଝରେ
କାକରର ମୋତି ପିନ୍ଧି ଲାଜକୁଳି
ସକାଳୁ ପଉଁଚି ଖରା ।।

କଳେଇ ଗଦାରେ ପୂରି ଯିବ ଖଳା
ବିଲ ଦିଶିବ ଲଙ୍ଗଳା
କ୍ଷେତ ଜଗୁଥିବା ପାଳ ଭୂତମାନେ
ଅଚିରେ ହେବେ ବାଉଳା
ଘରେ ଘରେ ହେବ ନୂଆଖିଆ ପର୍ବ
ପ୍ରୀତିର ମାଧୁରୀ ଝରା ।।

*କଲ୍ୟାଣ ନଗର, ବାଲେଶ୍ୱର -୧*
*ମୋ-୯୪୩୭୮୧୩୭୦୮*

# ଇଣ୍ଡିଆ ଓପନ୍ : କୋର୍ଟରେ ପଡ଼ିଲା ପାରା ମଳ, ଦୁଇଥର ଅଟକିଲା ମ୍ୟାଚ୍



**ନୂଆଦିଲ୍ଲୀ**

ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମରେ ଚାଲିଥିବା 'ଇଣ୍ଡିଆ ଓପନ୍ ସୁପର ୭୫୦' ରେ ଭାରତର ମୁଣ୍ଡ ତଳକୁ ନଇଁଯାଇଛି । ବିଶ୍ୱସ୍ତରୀୟ ଏହି ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି । ବିଶ୍ୱ ଚାମ୍ପିୟନସିପ୍ ପଦକ ବିଜେତା ଏଚ୍.ଏସ୍ ପ୍ରଣୟ ଏବଂ ସିଙ୍ଗାପୁରର ଲୋ କିନ୍ ୟୁଙ୍କ ମଧ୍ୟରେ ଚାଲିଥିବା ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ସମୟରେ କୋର୍ଟ ଉପରେ ପାରା ମଳ ପଡ଼ିବାରୁ ଖେଳକୁ ଦୁଇଥର ବନ୍ଦ କରିବାକୁ ପଡ଼ିଛି । ପ୍ରଣୟ ଏବଂ ଲୋ କିନ୍ ୟୁଙ୍କ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଚାଲିଥିବା ବେଳେ ଉପରୁ ପାରା ମଳ ପଡ଼ିଥିଲା । ସୁରକ୍ଷା ଓ ସ୍ୱଚ୍ଛତା ଦୃଷ୍ଟିରୁ ରେଫରି ଖେଳ ଅଟକାଇ କୋର୍ଟ ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର କିଛି ଦିନ ପୂର୍ବରୁ ବ୍ୟାଡମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର କହିଥିଲେ ଯେ ଷ୍ଟାଡିୟମ ସମ୍ପୂର୍ଣ୍ଣ ରୂପେ "ପାରା ମୁକ୍ତ" । ଡେନମାର୍କ ଖେଳାଳି ମିଆ ବ୍ଲିଚଫେଲ୍ଟଙ୍କ ସ୍ୱଚ୍ଛତା ଅଭିଯୋଗର ଜବାବ ଦେଇ ସେ ଏହି ଦାବି କରିଥିଲେ, ଯାହା ଏବେ ଭୁଲ୍ ପ୍ରମାଣିତ ହୋଇଛି । ଦିଲ୍ଲୀର ପ୍ରଦୂଷଣ ଓ ପ୍ରବଳ ଶୀତକୁ ନେଇ ପୂର୍ବରୁ ଅନେକ ଖେଳାଳି ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଶ୍ୱର ଦ୍ୱିତୀୟ ମାନ୍ୟତା ପ୍ରାପ୍ତ ଆଣ୍ଡର୍ସ ଆଣ୍ଟୋନସେନ ପ୍ରଦୂଷଣ କାରଣରୁ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଥିବା ବେଳେ ଲୋ କିନ୍ ୟୁ ମଧ୍ୟ ଶ୍ୱାସକ୍ରିୟାରେ ସମସ୍ୟା ହେଉଥିବା କହିଛନ୍ତି । ଏହି ମ୍ୟାଚରେ ପ୍ରଣୟ ତିନୋଟି ଗେମ୍‌ରେ ପରାଜିତ ହୋଇଥିଲେ । ମ୍ୟାଚ୍ ପରେ ସେ କହିଛନ୍ତି, "ପକ୍ଷୀ ଝାଡ଼ା ଯୋଗୁଁ ଖେଳ ଅଟକିଥିଲା, କିନ୍ତୁ ମୁଁ ପରିବେଶକୁ ଦୋଷ ଦେବାକୁ ଚାହୁଁନାହିଁ । ସବୁ ଖେଳାଳିଙ୍କ ପାଇଁ ପରିସ୍ଥିତି ସମାନ ।" ସୂଚନାଯୋଗ୍ୟ ଯେ, ବୁଧବାର ଷ୍ଟାଡିୟମର ଦର୍ଶକ ଗ୍ୟାଲେରୀରେ ଏକ ମାଙ୍କଡ଼ ମଧ୍ୟ ଦେଖାଯାଇଥିଲା । ଆଗାମୀ ଅଗଷ୍ଟରେ ଏହି ଭେନ୍ୟୁରେ ବିଶ୍ୱ ଚାମ୍ପିୟନସିପ୍ ଆୟୋଜିତ ହେବାକୁ ଥିବାବେଳେ, ବାରମ୍ବାର ଏଭଳି ସ୍ୱଚ୍ଛତା ଓ ପରିଚାଳନାଗତ ତ୍ରୁଟି ଭାରତର ଆୟୋଜନ କ୍ଷମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ୧୯ ବର୍ଷରୁ କମ୍ ବିଶ୍ୱକପ୍

# ଆମେରିକାକୁ ୬ ୱିକେଟରେ ହରାଇଲା ଭାରତ

**ଆମେରିକା**




୨୦୨୬ ଅଣ୍ଡର-୧୯ ବିଶ୍ୱକପର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି । ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆମେରିକାକୁ ୬ ୱିକେଟରେ ପରାସ୍ତ କରିଛି । ବୋଲିଂରେ ହେନିଲ ପଟେଲଙ୍କ ଘାତକ ପ୍ରଦର୍ଶନ ଏବଂ ବ୍ୟାଟିଂରେ ଅଭିଜ୍ଞାନ ଅଭିଷେକ କୁଣ୍ଡୁଙ୍କ ପରିପକ୍ୱ ଇନିଂସ ବଳରେ ଭାରତ ଏହି ସହଜ ବିଜୟ ହାସଲ କରିଛି ।

କ୍ୱିନ୍ସ ସ୍ପୋର୍ଟସ କ୍ଲବରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ହେନିଲ ପଟେଲ ପ୍ରଭାବଶାଳୀ ବୋଲିଂ କରି ୫ଟି ୱିକେଟ୍ ଅକ୍ତିଆର କରିଥିଲେ, ଯାହାଫଳରେ ଆମେରିକା ମାତ୍ର ୧୦୭ ରନରେ ଅଲଆଉଟ୍ ହୋଇଯାଇଥିଲା ।

ଅଳ୍ପ ରନର ପିଛା କରୁଥିବା ଭାରତୀୟ ଦଳର ଆରମ୍ଭ ଭଲ ହୋଇନଥିଲା । ତାରକା ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିଲେ । ଭାରତର ସ୍କୋର ୪ ଓଭରରେ ୧ ୱିକେଟ୍ ହରାଇ ୨୧ ରନ୍ ହୋଇଥିବା ବେଳେ ବର୍ଷା ଯୋଗୁଁ ଖେଳ କିଛି ସମୟ ବନ୍ଦ ରହିଥିଲା । ପରେ ଡିଏଲଏସ୍ ନିୟମ ଅନୁସାରେ ଭାରତକୁ ୩୭ ଓଭରରେ ୯୬ ରନର ସଂଶୋଧିତ ଲକ୍ଷ୍ୟ ମିଳିଥିଲା ।

ଦଳ ମଧ୍ୟଭାଗରେ ୨୫ ରନରେ ୩ଟି ୱିକେଟ୍ ହରାଇ ସାମାନ୍ୟ ଚାପରେ ରହିଥିଲା । ଅଧିନାୟକ ଆୟୁଷ ମହାତ୍ରେ (୧୯) ଏବଂ ବେଦାନ୍ତ ତ୍ରିବେଦୀ (୨) ଶସ୍ତାରେ ଆଉଟ୍ ହୋଇଥିଲେ । ଏହି ସମୟରେ ଅଭିଜ୍ଞାନ ଅଭିଷେକ କୁଣ୍ଡୁ ଧୈର୍ଯ୍ୟର ସହ ବ୍ୟାଟିଂ କରି ୪୧ଟି ବଲରୁ ୪୨ ରନ୍ (୫ ଚୌକା ଓ ୧ ଛକା) କରି ଅପରାଜିତ ରହିଥିଲେ । ସେ ବିହାନ ମାଲହୋତ୍ରା (୧୮)ଙ୍କ ସହ ମିଶି ୪୫ ରନର ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଗଢ଼ିଥିଲେ । ଭାରତ ୧୮ତମ ଓଭରରେ ହିଁ ୪ଟି ୱିକେଟ୍ ହରାଇ ଏହି ଲକ୍ଷ୍ୟ ହାସଲ କରିନେଇଥିଲା ।

# ପୁଣେ ଗ୍ରାଣ୍ଡ ଟୁର୍ ରୋଡ୍ ରେସ୍ : ଧୋନୀ ହେଲେ ବ୍ରାଣ୍ଡ ଆମ୍ବାସାଡ଼ର

**ପୁଣେ**



ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଗୁରୁବାର ବଜାଜ ପୁଣେ ଗ୍ରାଣ୍ଡ ଟୁରର ବ୍ରାଣ୍ଡ ଆମ୍ବାସାଡର କରାଯାଇଛି । ଦେଶରେ ପ୍ରଥମ ଥର ଏହି ୟୁସିଆଇ (ୟୁନିୟନ ସାଇକ୍ଲିଷ୍ଟ ଇଣ୍ଟରନ୍ୟାସନାଲ) ୨.୨ କାଟେଗୋରୀ ମଲ୍‌ଟି ଷ୍ଟେଜ୍ ରୋଡ୍ ରେସ୍ ସାଇକ୍ଲିଂ ଇଭେଣ୍ଟ ଆୟୋଜନ କରାଯାଇଛି । ଏହା ଜାନୁଆରୀ ୧୯ରୁ ୨୩ ପର୍ଯ୍ୟନ୍ତ ହେବ । ପୁରୁଷମାନଙ୍କ ପାଇଁ ଏହି ରୋଡ୍ ସାଇକ୍ଲିଂ ଇଭେଣ୍ଟରେ ୪୩୭ କି.ମି. ବିଶିଷ୍ଟ ରେସ୍ ଡେକାନ ପ୍ଲାଟ୍ୟୁରୁ ସାୟଦ୍ରି ରେଞ୍ଜ ମଧ୍ୟ ଦେଇ ଅନୁଷ୍ଠିତ ହେବ । ଇଭେଣ୍ଟରେ ୩୫ଟି ଦେଶର ୨୯ଟି ଦଳରେ ୧୭୧ ରାଇଡର ଅଂଶଗ୍ରହଣ କରିବେ ।

# ଟିମ୍ ଇଣ୍ଡିଆ ପାଇଁ ଚିନ୍ତା ବଢାଇଲେ ୱାଶିଂଟନ ସୁନ୍ଦର



**ନୂଆଦିଲ୍ଲୀ**

ସୂତ୍ର ଅନୁଯାୟୀ, ୨୬ ବର୍ଷୀୟ ୱାଶିଂଟନ ଆସନ୍ତା ମାସ ନାଗପୁରରେ ଆରମ୍ଭ ହେଉଥିବା ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ପାଇଁ ସମୟ ମଧ୍ୟରେ ସୁସ୍ଥ ହୋଇପାରିବେ ନାହିଁ । ବିସିସିଆଇର ଜଣେ ଅଧିକାରୀ ପିଟିଆଇକୁ କହିଛନ୍ତି, "ସାଇଡ ଷ୍ଟ୍ରେନ ଯୋଗୁ ୱାଶିଂଟନ ସୁନ୍ଦର ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରୁ ବାଦ୍ ପଡ଼ିଛନ୍ତି । ୱାଶିଂଟନଙ୍କ ଆଘାତ ଫେବୃୟାରୀ ୭ ତାରିଖରୁ ଆରମ୍ଭ ହେଉଥିବା ଟି-୨୦ ବିଶ୍ୱକପରେ ତାଙ୍କ ଅଂଶଗ୍ରହଣ ଉପରେ ସନ୍ଦେହ ସୃଷ୍ଟି କରୁଛି । ଯଦି ଏହା ହୁଏ, ତେବେ ଟିମ୍ ଇଣ୍ଡିଆର ଦଳରେ ପରିବର୍ତ୍ତନ ହୋଇପାରେ ।

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସିରିଜର ପ୍ରଥମ ଏକଦିବସୀୟ ମ୍ୟାଚ୍ ଜାନୁଆରୀ ୧୧, ୨୦୨୬ରେ ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଖେଳାଯାଇ ଥିଲା । ସୁନ୍ଦର ପାଞ୍ଚ ଓଭର ବୋଲିଂ କରିଥିଲେ, ୫.୪୦ ଇକୋନୋମି ରେଟ୍‌ରେ ୨୭ ରନ ଦେଇଥିଲେ । ହେଲେ ତାଙ୍କୁ ଗୋଟିଏ ବି ଉଇକେଟ୍ ମିଳିନଥିଲା । ବ୍ୟାଟିଂ କରି ସେ ସାତ ବଲରୁ ସାତ ରନ କରିଥିଲେ ଏବଂ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଖେଳିଥିଲେ । ଏହି ମ୍ୟାଚ ସମୟରେ ସେ ଆଘାତ ପାଇଥିଲେ ।

# ପୂର୍ବତନ ସ୍ୱାମୀଙ୍କ ବିଷୟରେ ମୁହଁ ଖୋଲିଲେ ମେରୀ କମ୍

**ନୂଆଦିଲ୍ଲୀ**



ବକ୍ସିଂରେ ପାଞ୍ଚ ଥର ଚାମ୍ପିଅନ ମେରୀ କମ୍ ଏବେ ଚର୍ଚ୍ଚାରେ ରହିଛନ୍ତି । କାରଣ ହେଉଛି ଯେ ମେରୀଙ୍କ ପୂର୍ବତନ ସ୍ୱାମୀ ଅନଲରଙ୍କ ସହ ତାଙ୍କର ବିବାଦ ସାର୍ବଜନୀନ ହେବା ପରେ ଖୁବ୍ ବିବାଦରେ ଅଛନ୍ତି । ଏହି ଦମ୍ପତି ଏବେ ଅଲଗା ରହିଥିବା ବେଳେ ଉଭୟଙ୍କ ଦ୍ୱାରା ପରସ୍ପର ବିରୁଦ୍ଧରେ ବିଭିନ୍ନ ପ୍ରକାରର ଅଭିଯୋଗ ଆଣୁଛନ୍ତି ।

ଏକ ସାକ୍ଷାତ୍‌କାରରେ ମେରୀ କମ୍ କହିଛନ୍ତି ଯେ ଅନଲରଙ୍କୁ ନେଇ କହିଛନ୍ତି ଯେ ସେ କୌଣସି ବଳିଦାନ ଦେଇନଥିଲେ, କାରଣ ସେମାନେ ପ୍ରଥମେ ବିବାହ କରିବା ସମୟରେ କିଛି ରୋଜଗାର କରୁନଥିଲେ । ମେରୀ କହିଛନ୍ତି ଯେ ସେ ପରିବାର ପାଇଁ ଏକମାତ୍ର ରୋଜଗାରକ୍ଷମ ଥିଲେ । ଯେତେବେଳେ ଅନଲର କେବଳ ଘରେ ଶୋଇବା କାମ ହିଁ କରୁଥିଲେ । ସତ କହିବାକୁ ଗଲେ ସେ ଗୋଟିଏ ଟଙ୍କା ମଧ୍ୟ ରୋଜଗାର କରୁନଥିଲେ । କେବଳ ସେ ସାରା ଦିନ ଶୋଇ ରହୁଥିଲେ । କିମ୍ବଦନ୍ତୀ ମୁଷ୍ଟିଯୋଦ୍ଧା ମେରୀ ଆହୁରି ମଧ୍ୟ କହିଛନ୍ତି ଯେ ଯେତେବେଳେ ସେ ପରିବାର ପ୍ରତିପୋଷଣ ପାଇଁ ରିଙ୍ଗରେ କଠିନ ପରିଶ୍ରମ କରି ବକ୍ସିଂ ଖେଳୁଥିଲେ ସେତେବେଳେ ତାଙ୍କ ସ୍ୱାମୀ ଅନଲର ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଯାଉଥିଲେ ।

ମେରୀଙ୍କ ରୋଜଗାର, ଅର୍ଥାତ ଜଣେ ଝିଅର ରୋଜଗାରରେ ସେ ବଞ୍ଚୁଥିଲେ । ମେରୀ କହିଛନ୍ତି ମୁଁ ବହୁତ ଦୁଃଖିତ ଅନୁଭବ କରୁଥିଲି । ମୁଁ ଏତେ ରୋଜଗାର କରୁଥିଲି, ମୋର ପୂରା ବିଶ୍ୱାସ ତାଙ୍କ ଉପରେ ଥିଲା, କିନ୍ତୁ ପରେ ମୁଁ ଜାଣିବାକୁ ପାଇଲି ଯେ ମୋର ଆକାଉଣ୍ଟ ପ୍ରାୟ ଖାଲି ହୋଇଯାଇଥିଲା ।

ସେପଟେ ମେରୀ କମ୍‌ଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ତାଙ୍କ ପୂର୍ବତନ ସ୍ୱାମୀ ଅନଲର । ମେରୀ କହିଛନ୍ତି ନିର୍ବାଚନ ଲଢିବା ପାଇଁ ବହୁତ ଟଙ୍କା ଖର୍ଚ୍ଚ କରିଥିଲେ, ଏଥିପାଇଁ ବି ରାଜନୀତିରେ ଆସିବାକୁ ମଧ୍ୟ ତାଙ୍କ ସ୍ୱାମୀ ବାଧ କରିଥିଲେ । ୨୦୧୬ରେ ତାଙ୍କ ରାଜ୍ୟସଭାକୁ ସାଂସଦ ଭାବରେ ମନୋନୀତ କରାଯାଇଥିଲା । ଯେତେବେଳେ ଏହି କାର୍ଯ୍ୟକାଳ ଶେଷ ହେଉଥିଲା ସେ ମୋତେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାଧ କରିଥିଲେ ।

ମେରୀ କହିଛନ୍ତି ଯେ ବିବାହ ବେଳେ ଅନଲର ଗୋଟିଏ ବି ଟଙ୍କା ମଧ୍ୟ ରୋଜଗାର କରିନଥିଲେ, କିନ୍ତୁ ସେ ମୋତେ କହିଥିଲେ ଯେ ସେ ଶିଲଂର ଉତ୍ପାଦ ଏବଂ କଷ୍ଟମ୍ସ ବିଭାଗ ପାଇଁ ଜଣେ ଚୁକ୍ତିଭିତ୍ତିକ ଫୁଟବଲ ଖେଳାଳି ଥିଲେ ଏବଂ ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ
## ରାମେଶ୍ୱର କ୍ଲବ୍ ରାନ୍ଦିଆ ଚାମ୍ପିଅନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ରାନ୍ଦିଆ ସ୍ଥିତ ରାମେଶ୍ୱର ସ୍ପୋର୍ଟିଂର୍ ପଡ଼ିଆରେ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନୁଷ୍ଠିତ ଫାଇନାଲ ଖେଳରେ ବାଇଧର ଫୁଟବଲ ଏକାଡେମୀକୁ ହରାଇ ରାନ୍ଦିଆ ରାମେଶ୍ୱର କ୍ଲବ ଚାମ୍ପିଅନ ହୋଇଛି । ଏହି କ୍ଲବ ଫାଓ ଦ୍ୱାରା କଟକରେ ଅନୁଷ୍ଠୀତ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ଲବ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ମୋଟ ୧୦ଟି ଦଳକୁ ନେଇ ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ଚରମ୍ପା ବାଇଧର ଫୁଟବଲ ଏକାଡେମୀକୁ ରାନ୍ଦିଆ ରାମେଶ୍ୱର କ୍ଲବ ୪-୧ ଗୋଲରେ ପରାଜିତ କରି ଚାମ୍ପିଅନ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଆଥ୍‌ଲେଟିକ୍ ଆସୋସିଏସନର ସଭାପତି ତଥା ଜିଲ୍ଲାପାଳ ଦିଲୀପ ରାଉତରାଏ, ସମ୍ପାଦକ ଧୀରେନ ପଲାଇ, ସ୍ଥାନୀୟ ସରପଞ୍ଚ ସ୍ୱପ୍ନାରାଣୀ ରାଉତରାୟ, ସମିତି ସଦସ୍ୟ ଶ୍ରୀଧର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ଆସୋସିଏସନର ସଦସ୍ୟ ଉପେନ୍ଦ୍ର ବାରିକ, ଜତିକାନ୍ତ ନାୟକ, କମଳାକାନ୍ତ ସାହୁ, ବ୍ୟୋମକେଶ ସେନାପତି, ରାଇମୋହନ ମହାପାତ୍ର, ରଘୁନାଥ ଦାସ, ସୁଶୀଲ ପଟ୍ଟନାୟକ, ଗୌରାଙ୍ଗ ମହାପାତ୍ର, ଯଦୁନାଥ ସ୍ୱାଇଁ, ସଞ୍ଜିବ ମହାପାତ୍ର ଉପସ୍ଥିତ ଥିବା ବେଳେ ଯୁଗ୍ମ ସମ୍ପାଦକ ଅତିଶ୍ କୁମାର ବେହେରା ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ । ଟୁର୍ଣ୍ଣାମେଣ୍ଟରେ ରେଫେରୀ ଭାବେ ଉତ୍ତମ ବାରିକ, ମହେଶ୍ୱର ପତି, ରିୟାଜ୍ ଖାଁ, ବି.ଏନ୍. ଜେନା ମ୍ୟାଚ୍ ପରିଚାଳନା କରିଥିଲେ । ରାମେଶ୍ୱର କ୍ଲବର ପ୍ରଶାନ୍ତ ସୋରେନ୍ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ । ଟୁର୍ଣ୍ଣାମେଣ୍ଟକୁ ସୌମ୍ୟକାନ୍ତ ଉପାଧ୍ୟାୟ, ଅମିତ୍ ମହାପାତ. ରବିନାରାୟଣ ଓଝା, ସଂଗ୍ରାମୀ ନାୟକ, ଅଭିଲିପ୍ସା ପାଢ଼ୀ ପରିଚାଳନା କରିଥିଲେ ।

# ବିନୋବା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ଦିବସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିନୋବା ଉଚ୍ଚ ବିଦ୍ୟାଳୟ ଛତାମଖନା ଠାରେ ବାର୍ଷିକ କ୍ରୀଡ଼ା ସମାରୋହ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡ଼ା ମହୋତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ବଲାଙ୍ଗିର ବ୍ଲକର ଶିକ୍ଷାଧିକାରୀ ନୀଳମଣି ପଟେଲ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଛତାମଖନା ଶାଖା ପରିଚାଳକ ଋଷବରାଜ ଗନ୍ତାୟତ ଯୋଗ ଦେଇଥିଲେ । ଏହି ସଭାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶକ୍ତିବାଇ ପଣ୍ଡା ପରିଚାଳନା କରିଥିଲେ । ଅତିଥିମାନେ ଛାତ୍ରଛାତ୍ରୀମନଙ୍କୁ କ୍ରୀଡ଼ା କିପରି ଆମ ଦୈନନ୍ଦିନ ଜିବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ଆମକୁ ସୁସ୍ଥ ରଖିବା ପାଇଁ କ୍ରୀଡ଼ା ଏକ ଭଲ ଅଭ୍ୟାସ ଅଟେ ତାହାକୁ ସରଳ ଭାବେ ବୁଝାଇଥିଲେ । ତେଣୁ ସମସ୍ତେ ନିଜ ନିଜର ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ଧ୍ୟାନ ଦେବା ଉଚିତ । ଭାରତ ସରକାରଙ୍କର ଲୋକାଭିମୁଖୀ ଯୋଜନା ଖେଲୋ ଇଣ୍ଡିଆ ସମ୍ପର୍କରେ ଅବଗତ କରାଇଥିଲେ । କ୍ରୀଡ଼ାରେ ଅଂଶଗ୍ରହଣ କରି ଚାମ୍ପିଅନ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଛତାମଖନା ବିଦ୍ୟାଳୟର ଛାତ୍ରୀମାନେ ଜିଲ୍ଲା ସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ ଏବଂ ୱାଲ ମ୍ୟାଗାଜିନରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ତା ସହିତ ଜେଆରସି ମିଟ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମସ୍ତ କୃତି ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି କ୍ରୀଡ଼ା ପ୍ରତିଯୋଗିତାକୁ ସୁଚରୁ ରୂପେ ପରିଚାଳନା କରି ଥିବାରୁ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପୂର୍ଣ୍ଣ ସହଯୋଗ କରିଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଇକୋଣ୍ଡୋ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀର ଖେଳାଳିମାନେ ମଧ୍ୟପ୍ରଦେଶରେ ଆୟୋଜିତ ଜାତୀୟ ତାଇକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି । ଚଳିତ ମାସ ୯ ତାରଖରୁ ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ମଧ୍ୟପ୍ରଦେଶ ଉଜ୍ଜେନ୍ ଠାରେ ଆୟୋଜିତ ତୃତୀୟ ଓପନ୍ ମହାକାଳ ତାଇକୋଣ୍ଡୋ ନ୍ୟାସ୍‌ନାଲ ଚାମ୍ପିଅନ-ସିପ୍‌ରେ ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀ ପକ୍ଷରୁ ୭ ଜଣ ବାଳକ ବାଳିକା ଅଂଶଗ୍ରହଣ କରି ୧୦ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ଏଥିରେ କ୍ୟୁରୋଗୀ ବିଭାଗରୁ ସବ୍‌ଜୁନିୟର ବାଳକ ବିଭାଗର ନୀତେଶ ସାହୁ ସ୍ୱର୍ଣ୍ଣ, କ୍ୟାଡେଟ୍ ବିଭାଗର ଓମ୍ କ୍ରିଷ୍ଣା ସ୍ୱର୍ଣ୍ଣ, ଜୁନିୟର ବିଭାଗର ଶୁଭ୍ରାଂଶୁ ସାହୁ ସ୍ୱର୍ଣ୍ଣ, ଓମ୍ ପ୍ରକାଶ ସାମଲ କାଂସ୍ୟ ପଦକ ହାସଲ କରିଥିବା ବେଳେ ଜୁନିୟର ବାଳିକା ବିଭାଗର ଶ୍ରେୟାଶ୍ରୀ ରାୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୁମସେ ଜୁନିୟର ବିଭାଗର ଶୁଭ୍ରାଂଶୁ ସାହୁ ସ୍ୱର୍ଣ୍ଣ, ଓମ୍ ପ୍ରକାଶ ସାମଲ ରୌପ୍ୟ, କ୍ୟାଡେଟ ବାଳିକା ବିଭାଗର ମୋନାଲି ସ୍ୱାଇଁ ସ୍ୱର୍ଣ୍ଣ, ସବଜୁନିୟର ବାଳକ ବିଭାଗର ନୀତେଶ ସାହୁ ସ୍ୱର୍ଣ୍ଣ ଓ ସିନିୟର୍ ବିଭାଗର ସୌମ୍ୟ ସ୍ୱରୂପ ରୌପ୍ୟ ପଦକ ହାସଲ କରିଛନ୍ତି । ସେହିପରି ନୂଆ ଟେକ୍ନୋଲୋଜୀ ଭର୍ଚୁଆଲ ତାଇକୋଣ୍ଡୋ ଗେମରେ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରି ଚମତ୍କାର ପ୍ରଦର୍ଶନ କରିଥିଲେ । ଏହି ଖେଳରେ ବାଳକ ବିଭାଗର ସୌମ୍ୟ ସ୍ୱରୂପ ସ୍ୱର୍ଣ୍ଣ, ଓମ୍ ପ୍ରକାଶ ସାମଲ ସ୍ୱର୍ଣ୍ଣ, ଶୁଭ୍ରାଂଶୁ ସାହୁ ରୌପ୍ୟ, ନୀତେଶ ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି ଓ ବାଳିକା ବିଭାଗରୁ ଶ୍ରେୟାଶ୍ରୀ ରାୟ ସ୍ୱର୍ଣ୍ଣ, ମନାଲି ସ୍ୱାଇଁ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ବିଜୟୀ ଖେଳାଳିମାନଙ୍କୁ ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଓ ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀ ସମ୍ପାଦକ ସନ୍ତୋଷ ସାହୁ, ସହ ସମ୍ପାଦକ ସୁଶାନ୍ତ କୁମାର ବେହେରା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଖେଳାଳି ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରତି ବର୍ଷ ଧର୍ମଶାଳା ଷ୍ଟାଡିୟମ୍ ପରିସରରେ ଥିବା ତାଇକୋଣ୍ଡୋ ଏକାଡେମୀରୁ ବହୁ ଖେଳାଳି ତାଇକୋଣ୍ଡୋ ଖେଳରେ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ଜିଲ୍ଲା ପ୍ରଶାସନ ଏହି ଖେଳାଳିମାନଙ୍କୁ ଉନ୍ନତ ମାନର ପ୍ରଶିକ୍ଷଣର ବ୍ୟବସ୍ଥା କରାଇଲେ, ଏଠାରୁ ବହୁ ପ୍ରତିଭାବାନ ଖେଳାଳି ସୃଷ୍ଟି ହୋଇ ଆମ ରାଜ୍ୟ, ଜିଲ୍ଲା ଓ ଧର୍ମଶାଳାର ଗୌରବ ବଢାଇ ପାରନ୍ତେ ବୋଲି ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ସମର ସିଂହ ମତ ବ୍ୟକ୍ତ କରିଛନ୍ତି । ବୁଧବାର ଦିନ ଖେଳାଳି ମାନେ ଜାରକା ଠାରେ ପହଞ୍ଚିବା ପରେ ତାଙ୍କୁ ଏକ ସୁସଜ୍ଜିତ ଗାଡ଼ିରେ ବସାଇ ଜାରକା ବଜାର ଭ୍ରମଣ କରାଯାଇ ଥିଲା । ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀର ଖେଳାଳି ମାନଙ୍କ କୃତିତ୍ୱକୁ ନେଇ ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାପ୍ରେମୀ ମାନଙ୍କୁ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଥିଲା ।

# ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ମାରିଲେ ଚାଷୀ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**




ଧାନ କିଣାବିକା ଅବ୍ୟବସ୍ଥାକୁ ନେଇ ତାତିଲେ ଚାଷୀ । ବରଗଡ଼ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଚାଷୀମାନେ କାର୍ଯ୍ୟାଳୟରେ ତାଲା ମାରିଛନ୍ତି । ବରଗଡ଼ ଜିଲ୍ଲାରେ ଧାନ ବିକ୍ରି ସମସ୍ୟା ଲାଗି ରହିଛି । ଆଉ ୩ ଦିନ ପରେ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ମାସ ପୂରିବ । ହେଲେ ଏବେ ମଧ୍ୟ ଅନେକ ମଣ୍ଡିରେ ଧାନ ବିକ୍ରି ସମସ୍ୟା ଅସମାହିତ ରହିଛି । ମାସ ମାସ ଧରି ମଣ୍ଡିରେ ଧାନ ପଡ଼ିରହୁଛି ।

ଅନ୍ୟପଟେ ବେପାରୀଙ୍କ ମାଧ୍ୟମରେ ଧାନ ଅଣାଗଲେ କିମ୍ବା କଟ୍‌ନୀ ଛଟ୍‌ନୀରେ ରାଜି ହେଲେ ଚାଷୀଙ୍କ ଧାନ କିଣାଯାଉଥିବା ଅଭିଯୋଗ ହୋଇଛି । ବରଗଡ଼ ନିୟନ୍ତ୍ରିତ ବଜାର କମିଟି ସୁଲସୁଲିଆ ମଣ୍ଡିର ଚାଷୀମାନେ ଏଭଳି ଅଭିଯୋଗ କରିଛନ୍ତି । ଏହି କ୍ରମରେ ଗୁରୁବାର ଚାଷୀ ସଂଗଠନ ଜୟ କିସାନ ଆନ୍ଦୋଳନ ନେତୃତ୍ୱରେ ଚାଷୀମାନେ ବରଗଡ଼ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପହଞ୍ଚି କାର୍ଯ୍ୟାଳୟରେ ତାଲା ମାରିଛନ୍ତି । ଏହା ସହିତ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି । ମଣ୍ଡିରେ ପଡ଼ିଥିବା ଧାନ ଉଠାଯିବାକୁ ସେମାନେ ଦାବି କରିଛନ୍ତି । ନଚେତ୍ ଧାରଣାରୁ ଉଠିବେ ନାହିଁ କି ତାଲା ଖୋଲିବେ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

# ଜୟଙ୍କଠୁ ପୋଚେଷ୍ଟ୍ରମ୍‌ରେ ପ୍ରଶିକ୍ଷଣ ନେବେ ନୀରଜ

**ନୂଆଦିଲ୍ଲୀ**



ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ଭାରତୀୟ ଜାଭ୍‌ଲିନ୍ ତାରକା ନୀରଜ ଚୋପ୍ରା ତାଙ୍କ ପ୍ରିସିଜିନ୍ ଅଭ୍ୟାସ ଦକ୍ଷିଣ ଆଫ୍ରିକାର ପୋଚେଷ୍ଟ୍ରମ୍‌ରେ ନୂଆ ପ୍ରଶିକ୍ଷକ ଜୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରିଦେଇଛନ୍ତି । କ୍ରୀଡ଼ା ମନ୍ତ୍ରଣାଳୟର ମିସନ ଅଲିମ୍ପିକ୍ ସେଲ୍ (ଏମ୍‌ଓସି) ଜୟଙ୍କ ନେତୃତ୍ୱରେ ୩୨ ଦିନିଆ ପ୍ରଶିକ୍ଷଣ ଶିବିର ଲାଗି ଅନୁମୋଦନ ପରେ ନୀରଜ ଅଭ୍ୟାସ ଆରମ୍ଭ କରିଛନ୍ତି । ଗତ ସପ୍ତାହରେ ପୂର୍ବତନ ପ୍ରଶିକ୍ଷକ ଚେକ୍ କିଂବଦନ୍ତୀ ଜାନ୍ ଜେଲେଜ୍‌ନିଙ୍କ ସଂପର୍କ ତୁଟାଇ ଭାରତର ନାମି ପ୍ରଶିକ୍ଷକ ଜୟଙ୍କ ସହ କାର୍ଯ୍ୟକରିବେ ବୋଲି ନିଷ୍ପତ୍ତି ନେଇଥିଲେ । ବିଶ୍ୱର ବଡ଼ ଜାଭଲିନ୍ ଥ୍ରୋ ପ୍ରଶିକ୍ଷଣ କେନ୍ଦ୍ର ଭାବେ ପରିଚିତ ପୋଚେଷ୍ଟ୍ରମ୍‌ରେ ସଂପ୍ରତି ୨୮ ବର୍ଷୀୟ ନୀରଜ ଅଛନ୍ତି । ଫେବୃୟାରୀ ୫ ତାରିଖ ପର୍ଯ୍ୟନ୍ତ ସେଠାରେ ପ୍ରଶିକ୍ଷଣ ନେବା ଲାଗି ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ୧୧.୮୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଛି ।

# ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ରୌପ୍ୟ ପଦକ ଜିଶିଲେ ସସ୍ମିତା ପଣ୍ଡା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଏହି ଜିଲ୍ଲାର ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସସ୍ମିତା ପଣ୍ଡା ଜାତୀୟ ସାଇକେଲ୍ ଚାଳନା ପ୍ରତିଯୋଗିତାରେ ରୌପ୍ୟ ପଦକ ଜିଣି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ସ୍କୁଲ ଗେମସ୍ ଫେଡ଼େରେସନ୍ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଝାଡ଼ଖଣ୍ଡର ରାଞ୍ଚି ଠାରେ ଗତ ୧୩ ତାରିଖ ଠାରୁ ଅନୁଷ୍ଠିତ ଏହି ଜାତୀୟ ପ୍ରତିଯୋଗିତାରେ ସସ୍ମିତା ବାରିକପୁର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ସାହୁ, କୋଚ୍ ସୁବାଷ ଗୋଛାୟତ, ଗୋପୀନାଥ ପଣ୍ଡା, ପରିଚାଳକ ସନତ ଲକ୍ଷ୍ମୀ ନାୟକ ଓ ରବିନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏଭଳି କୃତିତ୍ୱ ହାସଲ କରିଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ପିଏମ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟରେ ନାମ ଲେଖା ତାଲିମ

**ସୋନପୁର, ନ୍ୟୁଜ୍‌ବ୍ୟୁରୋ**

ପି.ଏମ.ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସଆଇସଏସ୍) ଓ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ (ଏନଆଇସଏସ)ରେ ନାମଲେଖା ପାଇଁ ମେଗା ନାମଲେଖା ତଥା ମେଗା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମୁକ୍ତ ବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଗୋରେଖନାଥ ସାହୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଲିତା ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକିର ଭୋଇ, କୃଷ୍ଣଚନ୍ଦ୍ର ପଣ୍ଡା, ସମସ୍ତ ସିଆରସିସି ଆମ ବିଦ୍ୟାଳୟର ସୁଶ୍ରୀ ମିଶ୍ର, ଶୁଭଶ୍ରୀ ପ୍ରଧାନ, ଶିବାଶିଷ ମିଶ୍ର, ଜଗମୋହନ ସେନାପତି, ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଏହି ଶିବିରରେ ଉଭୟ ଏସଆଇସଏସ୍ ଓ ଏନଆଇସଏସରେ ଛାତ୍ରଛାତ୍ରୀମାନେ ନାମ ଲେଖାଇ ଥିଲେ । ଶେଷରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଟାଟା ଷ୍ଟିଲ୍ ଏବଂ କଳିଙ୍ଗନଗର ପୋଲିସର ମିଳିତ ସଡ଼କ ସୁରକ୍ଷା ସଚେତନତା ଅଭିଯାନ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**




୩୭ତମ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ, ସୁରକ୍ଷିତ ଏବଂ ଦାୟିତ୍ୱସମ୍ପନ୍ନ ସଡ଼କ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଟାଟା ଷ୍ଟିଲ୍, କଳିଙ୍ଗନଗର ସୁରକ୍ଷା ବିଭାଗ, କଳିଙ୍ଗନଗର ପୋଲିସ ସହଯୋଗରେ କଳିଙ୍ଗନଗର ଠାରେ ଏକ ଦୁଇ ଦିନିଆ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି ।

ଡୁବୁରି ସ୍ଥିତ ଟାଟା ଷ୍ଟିଲ୍ ମୁଖ୍ୟ ଗେଟ୍ ନଂ-୧ ନିକଟରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଏବଂ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁଙ୍କ ଉପସ୍ଥିତିରେ ଏହି ଅଭିଯାନ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ମୁଖ୍ୟ ସୁରକ୍ଷା ଅଧିକାରୀ ପ୍ରକାଶ ସଞ୍ଜୟ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ମୁଖ୍ୟ ସୁରକ୍ଷା (ଅପରେସନ୍ସ) ରବି ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଚଳିତ ବର୍ଷର ବିଷୟବସ୍ତୁ 'ଏକ ରାସ୍ତା, ଏକ ପରିବାର – ସମସ୍ତଙ୍କ ପ୍ରତି ସମ୍ମାନ' ଉପରେ ଆଧାରିତ ଏହି ଅଭିଯାନର ଲକ୍ଷ୍ୟ ହେଉଛି ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ନିଶ୍ଚିତ କରିବାରେ ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ଏବଂ ଅଂଶୀଦାର ଦାୟିତ୍ୱକୁ ଗୁରୁତ୍ୱ ଦେବା । ଏହି ଅଭିଯାନ ସମୟରେ ଚାଳକମାନଙ୍କୁ ସିଟ୍ ବେଲ୍ଟ ପିନ୍ଧିବାର ଗୁରୁତ୍ୱ ବିଷୟରେ ଅବଗତ କରାଯାଇଥିବା ବେଳେ ଦୁଇଚକିଆ ଯାନ ଚାଳକ ଏବଂ ପଛରେ ବସୁଥିବା ବ୍ୟକ୍ତିଙ୍କୁ ସୁରକ୍ଷା ପାଇଁ ସବୁବେଳେ ହେଲମେଟ ପିନ୍ଧିବାକୁ ଉତ୍ସାହିତ କରାଯାଇଥିଲା ।

ଏହି ଅବସରରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସତର୍କତା ସୂଚନା ଥିବା ଲିଫଲେଟ୍ ମଧ୍ୟ ବଣ୍ଟନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମର ଅଂଶ ବିଶେଷ ଭାବେ, ସଡ଼କ ସୁରକ୍ଷା ନିୟମ ପାଳନ କରିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ସୁରକ୍ଷା ଏବଂ ଲଜିଷ୍ଟିକ୍ ବିଭାଗ ପକ୍ଷରୁ ଦୁଇଟି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା ।

ମାସବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ କଳିଙ୍ଗନଗର ବିଶେଷ କରି ଗତି ସୀମା ମାନିବା, ସିଟ୍ ବେଲ୍ଟ (ଆଗ ଏବଂ ପଛ) ବ୍ୟବହାର, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ବ୍ୟବହାର ନକରିବା, ଗାଡ଼ି ମଧ୍ୟରେ ସୁରକ୍ଷିତ ଦୂରତା ବଜାୟ ରଖିବା, ଲେନ୍ ଶୃଙ୍ଖଳା ଅନୁସରଣ କରିବା, ଗାଡ଼ିର ସଠିକ୍ ରକ୍ଷଣାବେକ୍ଷଣ ଏବଂ ଜରୁରୀକାଳୀନ ଯାନକୁ ବାଟ ଛାଡ଼ିବା ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ସଚେତନତା ବୃଦ୍ଧି ଉପରେ ଧ୍ୟାନ ଦିଆଯିବ ।

# ତୃତୀୟ ପର୍ଯ୍ୟାୟରେ ଆଉ ୧୦ ଜଣ ବିଧାୟକଙ୍କ ସହ ନବୀନ ପଟ୍ଟନାୟକଙ୍କ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୁରୁବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତୃତୀୟ ପର୍ଯ୍ୟାୟରେ ବିଜୁ ଜନତା ଦଳର ୧୦ ଜଣ ବିଧାୟକ ମାନଙ୍କୁ ଭେଟି ସେମାନଙ୍କ ନିର୍ବାଚନ ମଣ୍ଡଳୀ ର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଦଳୀୟ କାର୍ଯ୍ୟକ୍ରମ କୁ ଗାଁ ଗାଁରେ ବ୍ୟାପକ କରିବା ସହ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥଲେ।



ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟ ରେ ବିଶେଷ କରି ଚାଷୀ ଙ୍କ ସମସ୍ୟା,ଧାନ କିଣା ସ୍ଥିତି ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିଥିଲେ. । ବିଜୁ ଜନତା ଦଳ ର ଆଦର୍ଶ ରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ବିଧାୟିକା ବର୍ଷା ସିଂହ ବରିହା, ବିଧାୟକ ସର୍ବଶ୍ରୀ ମନୋହର ରନ୍ଧାରୀ, ଧ୍ରୁବଚରଣ ସାହୁ, ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ କୁମାର ବେହେରା,ନଳିନୀକାନ୍ତ ପ୍ରଧାନ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ କୁମାର ଦିଶାରୀ,ଓ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଭାଗ ନେଇଥିଲେ।

# ମିଶନ ଶକ୍ତି ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ମିଶନ ଶକ୍ତି ବିଭାଗ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦର ସିଇଓ ରାଜନ ବାହାଦୁର ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ପ୍ରବେଶକୁ ପ୍ରଶଂସା କରିବା ସହ ଏହି ଅଭିଯାନ ରାଜ୍ୟରେ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ । ମହିଳାମାନଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଂଟ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଆୟୁକ୍ତ ତଥା ଶାସନ ସଚିବ ଗିରିଶ ଏସ ଏନ ସ୍ୱାଗତ ଅଭିଭାଷଣ ରଖିବା ସହ ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ, ଏହି ବୁଝାମଣାପତ୍ର ଅନୁସାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଟେଂଟ ଭଡା ଓ କ୍ୟାଟରିଂ ପରିଚାଳନା ସେବା କ୍ଷେତ୍ରରେ ଉଦ୍ୟୋଗୀତା ପାଇଁ ପ୍ରଶିକ୍ଷିତ କରାଯିବ। ବ୍ୟବସାୟ ୟୁନିଟ୍ ର ସ୍ଥାୟୀ ପରିଚାଳନା, ବୃତିଗତ ଦକ୍ଷତା ବୃଦ୍ଧି, ଏଫ୍ଏସ୍ଏସ୍ ଏଆଇ ପ୍ରମାଣପତ୍ର ପ୍ରଦାନ, ଡିପିଆର୍ ପ୍ରସ୍ତୁତି, ଉପକରଣ କ୍ରୟ, ବ୍ୟବସାୟରେ ଅଭିବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏକ ହଜାର ସ୍ୱୟଂସହାୟକ ଗୋଷ୍ଠୀର ୪,୦୦୦ ମହିଳା ସଦସ୍ୟା ଖାଦ୍ୟ ଯୋଗାଣ, ଇଭେଂଟ ପରିଚାଳନା, ଟେଂଟ ଓ କ୍ୟାଟରିଂ ସେବା ଉପରେ ପ୍ରଶିକ୍ଷିତ ହେବେ। ଏହି ଯୋଜନା ପାଇଁ ୯.୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

# ଚନ୍ଦ୍ରଭାଗା ବୁଡ଼ ଦ୍ୱିତୀୟ ସମନ୍ୱୟ ବୈଠକ : ୨ ଦିନ ସୂର୍ଯ୍ୟ ମନ୍ଦିର ମାଗଣା ପ୍ରବେଶ

**କୋଣାର୍କ, ନ୍ୟୁଜ ବ୍ୟୁରୋ**




ଆସନ୍ତା ଜାନୁଆରୀ ୨୫ତାରିଖରେ ଚନ୍ଦ୍ରଭାଗା ତୀର୍ଥରେ ପବିତ୍ର ମାଘ ସପ୍ତମୀ ବୁଡ଼ । ପୂର୍ବ ରାତିରୁ ଚନ୍ଦ୍ରଭାଗାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ଅପରାହ୍ନରେ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଏସପି ପ୍ରତୀକ ସିଂ, କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପାରମ୍ପରିକ ରୀତିନୀତିରେ ଚଳନ୍ତି ପ୍ରତିମାଙ୍କ ପୂଜାହୋମ କର୍ମ ସମ୍ପାଦନ ସରିଲେ ୨୫ତାରିଖ ସପ୍ତମୀ ତାଥିରେ ମାହେନ୍ଦ୍ରବେଳା ୪ଟା୪୧ ମଧ୍ୟରେ ପବିତ୍ର ତୀର୍ଥ ଜଳରେ ତିନି ଠାକୁର ସ୍ନାନ କରିବେ। ରାତି ୪ଟା୪୧ରୁ ସାଧୁ ସନ୍ଥ ଓ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ସ୍ନାନ କରିବାର ସୁଯୋଗ ପାଇବେ। ଚନ୍ଦ୍ରଭାଗା ମେଳା ପଡ଼ିଆରେ ପାନୀୟ ଜଳ ଯୋଗାଣ ନିମନ୍ତେ ୬୦ଟି ନଳକୂପ, ୪୦ଷ୍ଟାଣ୍ଡ ପୋଷ୍ଟ, ଏକ ଶହ ଅସ୍ଥାୟୀ ଶୌଚାଳୟ, ୪ଟି ପାଣି ଟ୍ୟାଙ୍କର, ବୁଡ଼ ୩ଦିନ ପୂର୍ବରୁ ତୀର୍ଥ ପୁଷ୍କରିଣୀ ଜଳ ନିଷ୍କାସନ ଓ ବିଶୋଧନ, ଟ୍ରାଫିକ ବ୍ୟବସ୍ଥା, ଚନ୍ଦ୍ରଭାଗା, ରାମଚଣ୍ଡୀ ଓ କୋଣାର୍କ ବସଷ୍ଟାଣ୍ଡରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ମାଘ ଷଷ୍ଠି ଓ ସପ୍ତମୀ ଦୁଇ ଦିନ ପରିମଳ, ପାର୍କିଂ, ଆଲୋକ ବ୍ୟବସ୍ଥା, ଚନ୍ଦ୍ରଭାଗା ବେଳାଭୂମି ଓ ତୀର୍ଥ ପୁଷ୍କରିଣୀରେ ୫୦ଜଣ ଲାଇଫ ଗାର୍ଡ଼, ଶନିବାର ରାତି ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ, ସୂଚନା ପ୍ରସାରଣ, ଶାନ୍ତିଶୃଙ୍ଖଳା ନିମନ୍ତେ ୪୨ସେକ୍ସନ ଫୋର୍ସ ମୁତୟନ, ଯାନବାହାନ ନିୟନ୍ତ୍ରଣ ଆଦି ବ୍ୟବସ୍ଥାକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ବୈଠକରେ ସୂଚନା ଦେଇଥିଲେ। ସପ୍ତମୀ ଦୁଇ ଦିନ ପୂର୍ବରୁ ସୁଚାରୁ ରୂପେ କାର୍ଯ୍ୟ ତୁଲାଇବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଷଷ୍ଠୀ ଓ ସପ୍ତମୀ ଦୁଇ ଦିନ ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ ରହିବ । କୋଣାର୍କରେ ୩ ଦିନ ମଦ ଦୋକାନ ବନ୍ଦ ରହିବ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଶରତ ଚନ୍ଦ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରୀୟରଞ୍ଜନ ପୃଷ୍ଟି, ତହସିଲଦାର ସୂର୍ଯ୍ୟଶଙ୍କର ଦାଶ, କୋଣାର୍କ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ତିନି ଠାକୁରଙ୍କ ସେବାୟତ, ମେଳାର ବ୍ୟବସ୍ଥା ସହ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, କୋଣାର୍କର ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ମାଞ୍ଜା ସୂତା ସାଜିଛି ଘାତକ : ଗୁଡ଼ି ସୂତା ଲାଗି କଟିଲା ଯୁବକଙ୍କ ମୁହଁ ଓ ବେକ

**କଟକ, ନ୍ୟୁଜ ବ୍ୟୁରୋ**

ଚୀନ ମାଞ୍ଜା ସୂତା ନେଉଛି ଜୀବନ । ଗୁଡ଼ି ସୂତା ସାଜିଛି ହତ୍ୟାକାରୀ । ଗୁଡ଼ି ସୂତାରେ କାହାର ବେକ କଟିଲାଣି ତ କାହାର ମୁହଁ ହାତ । ମକର ସଂକ୍ରାନ୍ତି ଅବସରରେ ଗୁଡ଼ିର ମାଞ୍ଜା ସୂତା ଏବେ ଲୋକଙ୍କ ପାଇଁ କାଳ ହୋଇଛି । ବାଇକ୍ ଚଳାଇ ଯାଉଥିବା ଲୋକେ ରାସ୍ତାରେ ଉଡୁଥିବା ମାଞ୍ଜା ସୂତାରେ ଲାଗି ପ୍ରାଣ ହରାଉଛନ୍ତି ତ ଆଉ କେତେକ ସ୍ଥାନରେ ଗୁରୁତର ହେଉଥିବାର ଗୋଟିଏ ପରେ ଗୋଟିଏ ଖବର ଆସିବାରେ ଲାଗିଛି । ଗୁରୁବାର ଖାନନଗର ଟ୍ରାଫିକ ଛକରେ ମାଞ୍ଜା ସୂତା ଲାଗି ଜଣେ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କ ମୁହଁ କଟି ଯାଇଛି । ଗୁରୁତର ଯୁବକଙ୍କୁ ଏସସିବିରେ ଭର୍ତ୍ତି କରିଛି ପୋଲିସ । ସେହିଭଳି ଖାନନଗରର ନଦୀ ବନ୍ଧ ରାସ୍ତାରେ ସୂର୍ଯ୍ୟକାନ୍ତ ଓ ତାଙ୍କର ବନ୍ଧୁ ବାଇକ୍ ଯୋଗେ ଭୁବନେଶ୍ୱର ଯିବା ସମୟରେ ଗୁଡ଼ି ସୂତା ଲାଗି ଯାଇଥିଲା । ଫଳରେ ସୂର୍ଯ୍ୟକାନ୍ତଙ୍କ ମୁହଁ ଓ ବେକ କଟି ଯାଇଛି । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କେବଳ କଟକ ନୁହେଁ ମକର ସଂକ୍ରାନ୍ତି ଦିନ ଗୁଡ଼ି ମାଞ୍ଜା ସୂତା ଲାଗି ଢେଙ୍କାନାଳ ମୀନାବଜାର ଅଞ୍ଚଳର ଅଭିଶେଖ ସାହୁ ଆହତ ହୋଇଥିଲେ । ସେହିପରି ପୁରୀ ସହରରେ ମଧ୍ୟ ୩ ଜଣ ବ୍ୟକ୍ତି ଆହତ ହେବା ଘଟଣା ସାମ୍ନାକୁ ଆସିଥିଲା । ତେଣୁ ପୁରୀ ପୋଲିସ ଘଟଣାକୁ ଗୁରୁତର ସହ ନେଇ ବେଆଇନ ମାଞ୍ଜା ସୂତା ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଚଢ଼ାଉ ଜାରି ରଖିଛି ।କେବଳ ଓଡ଼ିଶା ନୁହେଁ ଦେଶରେ ମଧ୍ୟ ଗୁଡ଼ିର ମାଞ୍ଜା ସୂତାରେ କିଛି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ କିଛି ଲୋକ ଗରୁତର ହୋଇଛନ୍ତି । କର୍ଣ୍ଣାଟକରେ ଜଣେ ବ୍ୟକ୍ତି ବାଇକ୍ରେ ଯିବା ବେଳେ ଗୁଡ଼ି ସୂତାରେ ଲାଗି ତାଙ୍କ ବେକ କଟି ଯାଇଥିଲା । ସେ ସେହିଠାରେ ପଡିଯିବା ସହ ଝିଅକୁ ଫୋନ୍ କରିବାକୁ ଚେଷ୍ଟା କରିଥିଲେ । ଆଉ ଏହାର କିଛି ସମୟ ପରେ ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ସେହିପରି ଉତ୍ତରପ୍ରଦେଶ ଜୌନପୁରରେ ଜଣେ ଡାକ୍ତର ବାଇକ୍ରେ ଘରକୁ ଫେରୁଥିବା ବେଳେ ତା ବେକଙ୍କ ଗୁଡ଼ି ସୂତାରେ ଲାଗିଯାଇ କଟି ଯାଇଥିଲା । ସୁତା ଏତେ ତୀକ୍ଷ୍ଣ ଥିଲା ଯେ ଏହା ତାଙ୍କ ବେକ ହାଡ଼କୁ ବି କାଟି ଦେଇଥିଲା। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ତେଲେଙ୍ଗାନା, ମଧ୍ୟ ପ୍ରଦେଶରେ ମଧ୍ୟ ୩ ଜଣଙ୍କର ଗୁଡ଼ି ମାଞ୍ଜା ସୂତା ଯୋଗୁଁ ମୃତ୍ୟୁ ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜେଡ଼ିରୁ ବିଧାୟକ...

ହୋଇଛି। ବିଜେଡ଼ିର କୌଣସି ବିଧାୟକଙ୍କ ସହ ମୋର ମତାନ୍ତର କି ମନାନ୍ତର ନଥିଲା। ମୁଁ କୌଣସି ଦଳବିରୋଧୀ କାମ କରିନି । ମୋ ବାପା ସ୍ୱତନ୍ତ୍ର ଓ ସେ ଯାହା କରିବେ ତାଙ୍କ ବ୍ୟାପାର। ତାଙ୍କୁ ଏଥିରେ ଟାଣି ପୁରାଇବା ଠିକ୍ ହେବ ନାହିଁ। ଜିଲ୍ଲାର ସବୁ ବିଧାୟକଙ୍କ ସହ ମୋର ଭଲ ସମ୍ପର୍କ ରହିଛି। ତେବେ ତାଙ୍କ ନିଲମ୍ବନ ସମ୍ପର୍କରେ ଦଳରୁ କେହି କହିନାହାନ୍ତି ବରଂ ସେ ସୋସିଆଲ ମିଡିଆରୁ ଏହି ସୂଚନା ପାଇଛନ୍ତି। ଏହାଶୁଣି ସେ ସରପ୍ରାଇଜ୍ ଏବଂ ସକ୍ ମଧ୍ୟ ହୋଇଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି ଦଳ ବିରୋଧରେ ସେ କୌଣସି କାମ କରିନାହାନ୍ତି ବରଂ ଦଳର ଯାହା କାର୍ଯ୍ୟକ୍ରମ ତାହାକୁ ନିର୍ବାଚନ ମଣ୍ଡଳୀରେ କରିଛନ୍ତି। ଦଳ ବିରୋଧ କିଛି ନୁହେଁ ପବ୍ଲିକ୍ ଫୋରମ୍ରେ ସବୁ କରିଛି। ଲୁଚାଛପାରେ କିଛି କରିନାହିଁ ବୋଲି ଶ୍ରୀ ମହାପାତ୍ର କହିଥିଲେ। ସସ୍ପେନ୍ସନ୍ ଅର୍ଡର ସମ୍ପର୍କରେ ସେ ପଚାରି ବୁଝିଲା ପରେ ଆଉ ଯାହା କହିବେ।

ଅନ୍ୟପକ୍ଷରେ ବିଜେଡ଼ି ବିଧାୟକ ଦିବ୍ୟଶଙ୍କର ମିଶ୍ର ଓ ଗଣେଶ୍ୱର ବେହେରା କହିଛନ୍ତି ଦଳ ବିରୋଧୀ କାର୍ଯ୍ୟ ପାଇଁ ସନାତନ ମହାକୁଡ ଓ ଅରବିନ୍ଦ ମହାପାତ୍ରଙ୍କୁ ଦଳ ସସ୍ପେଣ୍ଡ କରିଛି। ଦଳକୁ ଦୁର୍ବଳ କରିବା ପାଇଁ କାର୍ଯ୍ୟ ହେତୁ ସୁପ୍ରିମୋ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ପ୍ରତିକ୍ରିୟାରେ କହିଛନ୍ତି ଯେ, ବିଜେଡ଼ି ଏକ ଶୃଙ୍ଖଳିତ ଦଳ। ଏଥିରେ କମ୍ପ୍ରମାଇଜ୍ କରିବାର ପ୍ରଶ୍ନ ଉଠୁନାହିଁ। ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକଙ୍କୁ ଦଳରେ ସ୍ଥାନ ନାହିଁ। ଦୁଇ ବିଧାୟକଙ୍କ ସସ୍ପେଣ୍ଡ ସ୍ୱାଗତଯୋଗ୍ୟ ବୋଲି ସେ କହିଛନ୍ତି।

## ସୈନିକଙ୍କ ସ୍ଥାନ ...

ସୂଚନା ପ୍ରବାହ ଓ ସମନ୍ୱୟରେ ଉନ୍ନତି ଆଣିବା। ସେନା ସୁପର ସ୍ପେଶାଲିଷ୍ଟ କର୍ମଚାରୀ ଓ ନୂତନ ସାଂଗଠନିକ ଢାଞ୍ଚା ଆବଶ୍ୟକ କରେ ଏବଂ ଏହା ସମସ୍ତ ବିଭାଗ ଓ ସେବାରେ ଜାରି ରହିବ।

## ସାରା ରାଜ୍ୟରେ...

ଶୀତ ଲହରୀ ବଢିପାରେ। ଏଣୁ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନର ସମ୍ଭାବନା ନାହିଁ ।

## ଦୀର୍ଘ ଦିନର...

ହାଇକୋର୍ଟ ମାମଲାର ଶୁଣାଣି କରି କହିଛନ୍ତି ଯେ, ପୀଡ଼ିତା ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଅଭିଯୁକ୍ତଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ଏହି ସମୟ ମଧ୍ୟରେ ସେ କାହାକୁ କିଛି ଜଣାଇ ନଥିଲେ । ଏତେ ଦିନ ଧରି ରହିଥିବା ସମ୍ପର୍କକୁ 'ଜବରଦସ୍ତି' କୁହାଯାଇ ପାରିବ ନାହିଁ । ଏହାଛଡ଼ା ସ୍କୁଲ ରେକର୍ଡ ଅନୁସାରେ ଘଟଣା ସମୟରେ ପୀଡ଼ିତା ନାବାଳିକା ନ ଥିଲେ ଏବଂ ତାଙ୍କୁ ପ୍ରାୟ ୧୯ ବର୍ଷ ହୋଇଥିଲା । ତେବେ ଡାକ୍ତରୀ ପ୍ରମାଣ ଅନୁଯାୟୀ ଗର୍ଭପାତ ହୋଇଥିବା ସ୍ପଷ୍ଟ ହୋଇଛି । ଅଭିଯୁକ୍ତ ଔଷଧ ଦେଇଥିବା ପ୍ରମାଣିତ ହୋଇଛି । ଅଦାଲତ ବଳାତ୍କାର ଅଭିଯୋଗକୁ ଖାରଜ କରି ମହେନ୍ଦ୍ରଙ୍କୁ ସେଥିରୁ ଖଲାସ କରିଛନ୍ତି । ତେବେ ଅନ୍ୟାନ୍ୟ ଅପରାଧ ପାଇଁ ପୂର୍ବରୁ ଜେଲରେ କାଟିଥିବା ସମୟକୁ ହିଁ ତାଙ୍କ ଦଣ୍ଡାଦେଶ ଭାବେ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି ।

# ପତଞ୍ଜଳି ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ସିମ୍ପୋଜିୟମ୍ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା





**ହରିଦ୍ୱାର :**

ପତଞ୍ଜଳି ବିଶ୍ୱବିଦ୍ୟାଳୟ (ୟୁଓପି) ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ରୁରକି (ଆଇଆଇଟିଆର)ର ତତ୍ତ୍ୱାବଧାନରେ, ଆମେରିକୀୟ ପ୍ରବନ୍ଧନ ଏବଂ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏଆଇଏମଟି), ଗ୍ଲୋବାଲ ନଲେଜ୍ ଫାଉଣ୍ଡେସନ (ଜିକେଏଫ)ର ଆମେରିକୀୟ ଶୈକ୍ଷିକ ଶାଖା, ଭାରତୀୟ ମାନଦଣ୍ଡ ବ୍ୟୁରୋ (ବିଆଇଏସ), ଡେରାଡୁନର ନିର୍ଦ୍ଦେଶକ ଏବଂ ମେରିଲ୍ୟାଣ୍ଡ ଇଷ୍ଟର୍ଣ୍ଣ ଶୋର (ୟୁଏମଇଏସ) ବିଶ୍ୱବିଦ୍ୟାଳୟର ବ୍ୟବସାୟ, ପରିଚାଳନା ଏବଂ ଆକାଉଣ୍ଟିଂ ବିଭାଗର ମିଳିତ ସହଯୋଗରେ 'ସ୍ୱାସ୍ଥ୍ୟସେବା ଏବଂ ପରିଚାଳନାରେ ସ୍ମାର୍ଟ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ' ଉପରେ ଏକ ତିନି ଦିନିଆ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଜାନୁଆରୀ ୧୫ରୁ ୧୭ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ପତାଞ୍ଜଳି ଗବେଷଣା ଫାଉଣ୍ଡେସନ ଏବଂ ବିଶ୍ୱବିଦ୍ୟାଳୟର ସହଯୋଗରେ ଅନୁଷ୍ଠିତ ହୋଇଥିଲା। ସ୍ମାର୍ଟ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା-ଚାଳିତ, ସ୍ଥାୟୀ ସ୍ୱାସ୍ଥ୍ୟ ପରିଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ବିଶ୍ୱବ୍ୟାପୀ ସାର୍ବଜନୀନ ସ୍ୱାସ୍ଥ୍ୟ ଉନ୍ନତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ, ପୋଷାକ ଏବଂ ସ୍ମାରକୀ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମଟି ଦୀପ ପ୍ରଜ୍ୱଳନ, ଧନ୍ୱନ୍ତରୀ ବନ୍ଦନା ଏବଂ ଶ୍ରୀ ଚନ୍ଦ୍ରମୋହନ ଏବଂ ତାଙ୍କ ଦଳର ଏକ ଗୋଷ୍ଠୀ ଗୀତ ସହିତ ଆରମ୍ଭ ହୋଇଥିଲା। ସ୍ୱାଗତ ଭାଷଣ ଉପ-କୁଳପତି ପ୍ରଫେସର ମୟଙ୍କ କୁମାର ଅଗ୍ରୱାଲ ମୁଖ୍ୟ ଭାଷଣ ଦେଇଥିଲେ, ତା'ପରେ ଆଚାର୍ଯ୍ୟ ଶ୍ରୀ ଏବଂ ଅତିଥିମାନଙ୍କ ଦ୍ୱାରା ସାରାଂଶ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

ତାଙ୍କ ପ୍ରେରଣାଦାୟକ ଭାଷଣରେ, ଡକ୍ଟର ଦେବ ଶର୍ମା କବୀରଙ୍କ ଦୁଇପାଦ ମାଧ୍ୟମରେ ସେବା ଏବଂ ଜନ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଜିଟାଲ ସ୍ୱାସ୍ଥ୍ୟ ପରିଚାଳନା, ସାଇବର ସୁରକ୍ଷା ଏବଂ ଏଆଇ-ସହାୟିତ ସ୍ମାର୍ଟ ସିଷ୍ଟମ ମାଧ୍ୟମରେ ନିରାପଦ, ପ୍ରଭାବଶାଳୀ ଏବଂ ଉନ୍ନତ ଚିକିତ୍ସା ସେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଭାଷଣ ଦେଇ, ଆଇଆଇଟି ମଣ୍ଡି ନିର୍ଦ୍ଦେଶକ ପ୍ରଫେସର ଲକ୍ଷ୍ମୀଧର ବେହେରା ଉଲ୍ଲେଖ କରିଥିଲେ ଯେ ଆଧୁନିକ ଏଆଇ ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରେ, କିନ୍ତୁ ନୀତିଶାସ୍ତ୍ର ଅତ୍ୟାବଶ୍ୟକ। ସେ ସିଙ୍କ୍ରୋନୋ ସିଟି, ନବସୃଜନ, ଷ୍ଟାର୍ଟଅପ୍ସ ଏବଂ ପତାଞ୍ଜଳି ଦ୍ୱାରା ଭାରତୀୟ ଜ୍ଞାନ ଏବଂ ଅନନ୍ତ ମୂଲ୍ୟବୋଧର ସଂରକ୍ଷଣର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ତାଙ୍କ ପ୍ରେରଣାଦାୟକ ଭାଷଣରେ କହିଥିଲେ ଯେ 'ସହସ୍ର ଚନ୍ଦ୍ର ଦର୍ଶନ' ଭାରତୀୟ ସନାତନ ପରମ୍ପରାରେ ଏକ ଦୀର୍ଘ, ସୁସ୍ଥ ଏବଂ ଆଲୋକିତ ଜୀବନ ପାଳନର ପ୍ରତୀକ, ଯାହା ଗଭୀର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରେ। ସେ ବ୍ୟାଖ୍ୟା କରିଥିଲେ ଯେ ସନାତନର ମୌଳିକ ନୀତିଗୁଡ଼ିକ କୃଷି ଏବଂ କୃଷକଙ୍କ ଜୀବନରେ ଗଭୀର ଭାବରେ ସ୍ଥାପିତ, ପ୍ରାକୃତିକ କୃଷି ମାଧ୍ୟମରେ ଏକ ସୁଖୀ ଏବଂ ସନ୍ତୁଳିତ ଜୀବନର ବାର୍ତ୍ତା, ପଞ୍ଚ ଉପାଦାନ ପ୍ରତି ସମ୍ମାନ ଏବଂ ପ୍ରକୃତି ସହିତ ସମନ୍ୱୟକୁ ମୂର୍ତ୍ତିମନ୍ତ କରିଥାଏ। ଆଜି ବିଶ୍ୱ ସ୍ତରରେ ସନାତନ ସଂସ୍କୃତିର ପ୍ରତିଷ୍ଠା ପ୍ରତିଷ୍ଠିତ ହେଉଛି । ବିଶ୍ୱୀକରଣର ଧାରଣା ଉପରେ ଆଲୋଚନା କରି ସେ କହିଥିଲେ ଯେ ଏହା ଦେଶଗୁଡ଼ିକୁ ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ଭାବରେ ଯୋଡ଼ିଛି, ବିଶ୍ୱକୁ ଏକ 'ବିଶ୍ୱ ଗ୍ରାମ' କରିଛି। ଏହି ପରିପ୍ରେକ୍ଷୀରେ, 'ବସୁଧୈବ କୁଟୁମ୍ବକମ୍' ନୀତି ବିଶ୍ୱ ଏକତା, ସହଭାଗୀ ଦାୟିତ୍ୱ ଏବଂ ସାମୂହିକ ସମାଧାନର ଭାବନାକୁ ସୁଦୃଢ଼ କରେ। ସ୍ୱାସ୍ଥ୍ୟସେବାରେ ଇଣ୍ଟରନେଟ୍ ଅଫ୍ ଥିଙ୍ଗସର ଭୂମିକା ଉପରେ ଆଲୋକପାତ କରି ସେ କହିଥିଲେ ଯେ ୱେରେବଲ୍ ସେନ୍ସର, ସଂଯୁକ୍ତ ମେଡିକାଲ୍ ପମ୍ପ ଏବଂ ସ୍ମାର୍ଟ ହସ୍ପିଟାଲ୍ ଡିଭାଇସ୍ ଇଣ୍ଟରନେଟ୍ ଏବଂ ସଫ୍ଟୱେର୍ ମାଧ୍ୟମରେ ସଂଯୋଗ କରାଯାଇଛି, ଯାହା ସ୍ୱାସ୍ଥ୍ୟ ତଥ୍ୟ ସଂଗ୍ରହ, ଅଂଶୀଦାର ଏବଂ ବିଶ୍ଳେଷଣକୁ ସକ୍ଷମ କରିଥାଏ। ମୁଖ୍ୟ ଅତିଥି ସଚିନ ଚୌଧୁରୀ ଜାତୀୟ ମାନଦଣ୍ଡ, ଗୁଣବତ୍ତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିଆଇଏସ୍ର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଟି ରୁରକିର ନିର୍ଦ୍ଦେଶକ ପ୍ରଫେସର କମଳ କିଶୋର ପନ୍ତ ଟେଲିମେଡିସିନ୍, ଡିଜିଟାଲ୍ ସ୍ୱାସ୍ଥ୍ୟ, ଏଆଇ ଏବଂ ଭାରତୀୟ ସଂସ୍କୃତିର ବିଶ୍ୱସ୍ତରୀୟ ଗୁରୁତ୍ୱ ଉପରେ ନିଜର ମତାମତ ବାଣ୍ଟିଥିଲେ। ପତାଞ୍ଜଳି ହର୍ବାଲ୍ ରିସର୍ଚ୍ଚର ଗବେଷଣା ମୁଖ୍ୟ ଡକ୍ଟର ବେଦପ୍ରିୟା ଆର୍ଯ୍ୟ କାର୍ଯ୍ୟକ୍ରମର ରୂପରେଖା ଏବଂ ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ । ଗବେଷଣା ଏବଂ ବିକାଶ କାର୍ଯ୍ୟକଳାପର ଏକ ବ୍ୟାପକ ପରିଚୟ ଉପସ୍ଥାପନ କରିଥିଲେ। ସେ ପତାଞ୍ଜଳିର ବ୍ୟବହାରିକ କାର୍ଯ୍ୟକୁ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ, ପ୍ରମାଣ-ଆଧାରିତ ଇତିହାସ, କୃଷି କୌଶଳ, ମୃତ୍ତିକା ପରୀକ୍ଷା ଏବଂ କୃଷି ଉଦ୍ୟୋଗକୁ ଏଆଇ-ଆଧାରିତ କାର୍ଯ୍ୟ ସହିତ ସଂଯୋଗ କରିଥିଲେ। ସେ ଏକ ଆତ୍ମନିର୍ଭରଶୀଳ ଏବଂ ବିକଶିତ ଭାରତ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହା ବ୍ୟତୀତ ଡକ୍ଟର ପ୍ରଶାନ୍ତ କଟିୟାର, ଡକ୍ଟର କନକ ସୋନି, ପ୍ରଫେସର ମୟଙ୍କ ଅଗ୍ରୱାଲ, ଡକ୍ଟର ସବିତା ସମେତ ଅନ୍ୟାନ୍ୟ ବିଶେଷଜ୍ଞ ଏବଂ ସମସ୍ତ ପତାଞ୍ଜଳି ବୈଜ୍ଞାନିକ ଓ ଛାତ୍ର ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

# ଇନସୁରାନ୍ସ-ଡିଏଲ ଥାଇ କଟୁଛି ଚାଲାଣ: ଚିନ୍ତାରେ ଗାଡ଼ି ମାଲିକ

**ସୋରଡ଼ା, ନ୍ୟୁଜ ବ୍ୟୁରୋ**

ଇନସୁରାନ୍ସ ଥାଇ ଚାଲାଣ କଟୁଛି ଡିଏଲ ଥାଇ ଚାଲାଣ କଟୁଛି, ଗାଡ଼ି ଗୋଟିଏ ସ୍ଥାନରେ ଥାଇ ମଧ୍ୟ ଅନ୍ୟ ସ୍ଥାନରେ ଚାଲାଣ କଟୁଛି । ସୋରଡ଼ାର ନିଲୁ ମହାରଣାଙ୍କ କାର୍ ଘର ନିକଟରେ ଥାଇ ଅନ୍ୟ ସ୍ଥାନରେ ଚାଲାଣ କଟିଥିବା କହିଛନ୍ତି । ସେହିପରି ରାକେଶ ପଟ୍ଟନାୟକଙ୍କ ଗାଡ଼ିର ଇନସୁରାନ୍ସ ଥାଇ ମଧ୍ୟ ଇନସୁରାନ୍ସ ନ ଥିବା ଦର୍ଶାଇ ଆନ୍ଧ୍ର ଶ୍ରୀକାକୁଲମ ଟୋଲ ପ୍ଲାଜାରେ ଚାଲାଣ କଟିଛି । ସେହିପରି ସୁଶାନ୍ତ ପତିଙ୍କ କାରର ଇନସୁରାନ୍ସ ଥାଇ ମଧ୍ୟ ଆନ୍ଧ୍ର ଅଂଚଳକୁ ଯାଇଥିବାବେଳେ ୫ଟି ଚାଲାଣ କଟିଛି ଓ ଡିଏଲ ଥାଇ ରିଙ୍କୁ ପଟ୍ଟନାୟକଙ୍କ ଡିଏଲ ନ ଥିବା ଦର୍ଶାଇ ଚାଲାଣ କଟିଛି ଓ ଗାଡ଼ି ମାଲିକ ଏବେ ବାହାର ଜିଲ୍ଲା ଓ ବାହାର ରାଜ୍ୟକୁ ଗାଡ଼ି ଧରି ଯିବା ପାଇଁ ଭୟ କରୁଛନ୍ତି । ଏହା ବୈଷୟିକ ତ୍ରୁଟି ଯୋଗୁଁ ହେଉଛି କି ଇଣ୍ଟରନେଟରେ ଧୀରଗତି ଯୋଗୁଁ ହେଉଛି ତାହା ଆଲୋଚ୍ୟ ବିଷୟ ଓ ଅନ୍ୟପଟେ ସବୁ ଥାଇ ଚାଲାଣ କାଟୁଥିବା ଯୋଗୁଁ ଗାଡ଼ି ମାଲିକ ମାନସିକ ଚିନ୍ତା ଭୋଗୁଛନ୍ତି ।

# ମାଟ୍ରିମୋନି ସାଇଟ୍ ରେ ଠକେଇ ଅଭିଯୋଗ , ଜଣେ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଠକିବା ପାଇଁ ନୂଆ ଅସ୍ତ୍ର ପାଲଟିଛି ମାଟ୍ରିମୋନି ସାଇଟ୍। କେତେବେଳେ ଡାକ୍ତର ତ ପୁଣି କେତେବେଳେ ବ୍ୟାଙ୍କ ମ୍ୟାନେଜର କହି ଲୋକଙ୍କୁ ଚୁନା ଲଗାଇବା ଘଟଣାରେ ରଞ୍ଜୀବ କୁମାର ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍। ପାହଲ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତାଙ୍କୁ ବାନ୍ଧିଛି। ଅଭିଯୋଗ ଅନୁଯାୟୀ ୨୦୨୧ ମସିହାରେ ମାଟ୍ରିମୋନି ସାଇଟରେ ଅଭିଯୁକ୍ତ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ଅଭିଯୋଗକାରୀଙ୍କ ସଂପର୍ଶରେ ଆସିଥିଲେ । ନିଜ ଭାଇ ସହିତ ବାହାଘର କରିବାକୁ କରାଇ ସମ୍ପର୍କ ନିବିଡ କରିଥିଲେ। ବିଭିନ୍ନ ବ୍ୟାଙ୍କରେ ପଲିସି ସହିତ ଜାଗା କିଣିବା ପାଇଁ ଅଭିଯୋଗକାରୀ ଙ୍କ ଠାରୁ ୨୨ ଲକ୍ଷ ଟଙ୍କା ନେଇଥିଲେ। ଠକାମୀର ଶିକାର ହେବା ପରେ ପୀଡିତ ପାହାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେପଟେ ରଞ୍ଜୀବଙ୍କ କେହି ଭାଇ ନାହାଁନ୍ତି କି ସେ ବି ଡାକ୍ତର ନୁହଁନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି ।ତଦନ୍ତରୁ ଜଣାପଡିଛି ରଞ୍ଜୀବ ମାଟ୍ରୋମନି ସାଇଟ୍ ରେ ଆକାଉଂଟ୍ ଖୋଲି ଲୋକଙ୍କୁ ଠକି ଥାଏ। ନିଜକୁ କେବେ ଡାକ୍ତର ତ ପୁଣି କେବେ ବ୍ୟାଙ୍କ ମ୍ୟାନେଜର କହି ପରିଚୟ ଦେଇଥାଏ।


**OFFICE OF THE GENERAL MANAGER, WATCO DIVISION, CUTTACK.** C-2098

**Telephone/e-mail/FAX: 0671-2547115/gmwatcoctc@gmail.com**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. GMWATCO (W)-14/2025-26 Dtd.15.01.2026**

| | |
|---|---|
| Name of the work:- | Shifting of Pipe line in connection with improvement for Cuttack Ring Road to 6 Lane Standard from Chahata Chhak to Monteswari School Gada, Cuttack |
| 1. Estimated cost | Rs.77.01 Lakh (Approx.). |
| 2. Period of completion | :- 3 (Three) months. |
| 3. Date & time of availability of bid document in the portal | **:- From 11 A.M of dt.19.01.2026 to 5.00 P.M. of dt.28.01.2026.** |
| 4. Last date/time of receipt of bids in the portal | :- 28.01.2026 up to 05.00 P.M. |
| 5. Date & time of opening of bids | :- 29.01.2026 at 12.30 P.M. |
| 6. Name and address of the Officer Inviting Bid | :- The General Manager, WATCO Division, Cuttack-753003, Odisha, Ph.(0671)2547115, email:gmwatcoctc@gmail.com |

7. The bidders have to participate in ONLINE bidding only.
Further details can be seen from the web site www.tendersodisha.gov.in

**General Manager,**
**WATCO Division, Cuttack.**

**OFFICE OF THE DEAN & PRINCIPAL**
**SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI**

At- Bhangabari, Po- Uditnarayanpur, Bhawanipatna Dist- Kalahandi, Pin-766002
Email: bptmedicalcollege@gmail.com, Website: https://srmmch.odisha.gov.in/

Advt. No. 182 Date: 15.01.2026

**TENDER CALL NOTICE FOR SUPPLY OF DESKTOP, LAPTOP, PRINTER OUT OF DMF FUND** E-676

Sealed bids as per the prescribed format Agencies/Individuals for engagement / Tender Call Notice for Supply of Desktop, Laptop, Printer out of DMF Fund for the office of Dean & Principal, SRM MCH, Bhawanipatna, Kalahandi as and when required. Details Eligibility criteria, TOR, format for submission of bid etc. are available from the website: https://srmmch.odisha.gov.in// https://dmetodisha.gov.in.
The detail terms and conditions may be down loaded from the website: https://srmmch.odisha.gov.in/ https://dmetodisha.gov.in.
The bids (Superscripted bids for Tender Call Notice for Supply of Desktop, Laptop, Printer out of DMF Fund) through Regd. Post/Speed Post/ Courier only on or before 05.02.2026 at 05:00 PM to the Office of the Dean & Principal, SRM Medical College & Hospital, Bhawanipatna Kalahandi PinCode- 766002. The bids will be opened on 06.02.2026 at 11:00 AM. The undersigned reserves the right to reject any or all the bids without assigning any reason thereof.

**Sd/-**
**Dean & Principal**
**SRM MCH, Bhawanipatna, Kalahandi.**

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
**GOVERNMENT OF ODISHA**
***"e"-PROCUREMENT NOTICE***
**BID IDENTIFICATION No: 09 MID (JSP/2025-26)** A-1269

| | |
|---|---|
| 1. Name of the Inviting Officer:- | Superintending Engineer, Minor Irrigation Division, Jashipur |
| 2. Name of the Work:- | Construction of Check Dams, Improvement to Check Dams in different Block of Mayurbhanj District & Impt to MIPs of Kranjia Block of Mayurbhanj District for the year 2025-26. |
| 3. No. of Works:- | 32 (thirty two) Nos. |
| 4. Tender Amount Varies From:- | Rs.2.92 lakhs to Rs.44.49 lakhs |
| 5. Date and Time of Availability of BID Document in the Portal for online Bidding from: - | Dt.20.01.2026 10.00hrs to Dt.29.01.2026 17.00hrs |
| 6. Last Date and Time of receipt of Bids in the Portal:- | Dt.29.01.2026 upto 17.00hrs |
| 7. Last Date and Time for clarification up to: - | Dt.29.01.2026 upto 17.00hrs |
| 8. Date of opening of Bid: - | Dt.30.01.2026 at 11.00hrs onwards |

The detail tender call notice can also be seen in the DOWR website: http://dowrorissa.gov.in

Name & Address of the OIT : Superintending Engineer, M.I. Division, Jashipur, At/PO-Khairi /Dist: Mayurbhanj PIN-757091, E-Mail:-eemijashipur@yahoo.com

Further details can be seen from the e-Procurement market place. : http://tenderorissa.gov.in

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

**Superintending Engineer**
**M.I Division, Jashipur**

ଭୁବନେଶ୍ୱର
୧୬ ଜାନୁଆରୀ,
ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ଦୀର୍ଘଘଣ୍ଟା ପରେ ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି

ଭୁବନେଶ୍ୱର ୧୫/୦୧
ନ୍ୟୁଜ ବ୍ୟୁରୋ



ମଙ୍ଗଳବାର ରାତିରୁ ଉପବାସରେ ଥିଲେ ପ୍ରଭୁ ଶ୍ରୀଲିଙ୍ଗରାଜ। ବୁଧବାର ମକର ସଂକ୍ରାନ୍ତି ନୀତି ବି ହୋଇପାରିନଥିଲା। ବଡୁ ଓ ବ୍ରାହ୍ମଣ ନିଯୋଗ ମଧ୍ୟରେ ବିବାଦ ଯୋଗୁଁ ବନ୍ଦ ଥିଲା ନୀତିକାନ୍ତି । କ୍ଷୀର ଆଉଟା ନୀତିକୁ ନେଇ ଦେଖାଦେଇଥିଲା ବିବାଦ । ଏବେ ଦୀର୍ଘଘଣ୍ଟା ପରେ ନୀତିକାନ୍ତି ସ୍ୱାଭାବିକ ହୋଇଛି। ମଙ୍ଗଳ ଆଳତି ପରେ ବର୍ତ୍ତମାନ ଚାଲିଛି ଧାଡ଼ି ଦର୍ଶନ। ଏନେଇ ସୂଚନା ଦେଇଛନ୍ତି ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି। ଅନ୍ୟପଟେ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରୁଥିବା ବେଳେ ଭୋଗ ମଧ କରୁଛନ୍ତି ହେଲେ ଏହାର ଫଳ ଶୂନ ବୋଲି କହିଛନ୍ତି ଶ୍ରଦ୍ଧାଳୁ । ଗତବର୍ଷରୁ ଏହି ବିବାଦ ରହିଥିବା ବେଳେ ପ୍ରଶାସନ ବା ଦେବୋତ୍ତର କମିଶନ ଏଥିରେ ହସ୍ତକ୍ଷେପ କରିନାହାନ୍ତି। ଗତ ବର୍ଷ ମକର ସଂକ୍ରାନ୍ତିରେ ଏହି ବିବାଦ ଉଠିଥିବା ବେଳେ ୩ଦିନ ମନ୍ଦିରରେ ନୀତି ବନ୍ଦ ରହିଥିଲା। ତେବେ ୧୦ମାସ ବିତିଯିବା ପରେ ଗତବର୍ଷ ଡିସେମ୍ବରରେ ସୁଆର ଏହି ସେବା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଲେ, ଯାହାକୁ ବଡୁ ନିଯୋଗ ବିରୋଧ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ପ୍ରସଙ୍ଗରେ କୋର୍ଟ ରହିତାଦେଶ ଜାରି କରିଛନ୍ତି। ତେଣୁ ନୀତି ବନ୍ଦ ପାଇଁ ପ୍ରଶାସନକୁ ଦାୟୀ କରିଛନ୍ତି ଉଭୟ ସେବାୟତ। ସେପଟେ ନୀତିକାନ୍ତି ବନ୍ଦ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ନୀତି ବନ୍ଦ କରିଥିବା ସେବାୟତଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ। ଏଭଳି କଡ଼ା ଚେତାବନୀ ଦେଇଛନ୍ତି ଏକାମ୍ର ବିଧାୟକ।

## ଶ୍ରୀମନ୍ଦିରରେ ମୋବାଇଲ ଫୋନରେ କଥା ହେବା ଘଟଣା

# ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ସିଂହଦ୍ୱାର ଥାନାରେ ମାମଲା ରୁଜୁ

ପୁରୀ,୧୫/୦୧ ନ୍ୟୁଜ ବ୍ୟୁରୋ




ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଫୁ'। ସୁରକ୍ଷାକର୍ମୀଙ୍କୁ ବାରମ୍ବାର ଚ୍ୟାଲେଞ୍ଜ ଦେଉଛନ୍ତି ଅମାନିଆ। ମନ୍ଦିର ଭିତରେ ପୁଣି ପଶିଲା ମୋବାଇଲ ଫୋନ୍। ଆନନ୍ଦ ବଜାରରେ ଜଣେ ବ୍ୟକ୍ତି ଫୋନରେ କଥା ହେଉଥିବା ଦେଖିବାକୁ ମିଳିଛି। ଦୀର୍ଘ ସମୟ ଧରି କଥା ହେଉଥିବା ଭିଡିଓ ଭାଇରାଲ ହେଉଛି। କିଏ କେମିତି କେଉଁ ପରିସ୍ଥିତିରେ ମୋବାଇଲ ନେଇ ଭିତରକୁ ପଶିଲା ଏଥିପ୍ରତି ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ କାହିଁକି ଦୃଷ୍ଟି ଦେଲେନି। ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ନେଇ ଉଦବେଗ ପ୍ରକାଶ କରିଛନ୍ତି ଶ୍ରୀଜଗନ୍ନାଥ ପ୍ରେମୀ। ଶ୍ରୀମନ୍ଦିର ଆନନ୍ଦ ବଜାରରେ ଖୁଲମଖୁଲା ମୋବାଇଲ ଫୋନ୍‌ରେ କଥା ହେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇଛି ସିଂହଦ୍ୱାର ଥାନା ପୁଲିସ। ମୋବାଇଲ ଫୋନ୍‌ରେ କଥା ହେଉଥିବା ବ୍ୟକ୍ତି ଜଣକ ନାଁରେ ମାମଲା ରୁଜୁ ହୋଇଛି। ଦୋଳମଣ୍ଡପ ସାହିର ରମେଶ ଚନ୍ଦ୍ର ସାହୁ ଆନନ୍ଦବଜାରରେ ମୋବାଇଲାରେ କଥା ହେଉଥିବା ଜଣାପଡ଼ିଥିଲା। ଅନେକ ସମାଲୋଚନା ଏବଂ ଅଭିଯୋଗ ପରେ ତାଙ୍କ ନାଁରେ ମାମଲା ରୁଜୁ ହୋଇଛି। ରମେଶଙ୍କ ମୋବାଇଲ ଫୋନ୍ ଜବତ କରିଛି ସିଂହଦ୍ୱାର ଥାନା ପୋଲିସ। ସମ୍ପୃକ୍ତ ବ୍ୟକ୍ତି ଜଣକ ଆନନ୍ଦ ବଜାରରେ ଅଭଡ଼ା ଦୋକାନରେ କାମ କରନ୍ତି। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକଙ୍କ ଅଭିଯୋଗ ଆଧାରରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ ବୋଲି ସୂଚନା ଦେଇଛନ୍ତି ପୁରୀ ଏସ୍‌ପି ପ୍ରତୀକ ସିଂ। ଗତ ବର୍ଷ ଅକ୍ଟୋବରରେ ମନ୍ଦିର ଭିତରୁ ମିଳିଥିଲା ମୋବାଇଲ୍। ଫଟୋ ଉଠାଇବା ସମୟରେ ଜଣେ ଗୁମାସ୍ତା ଅଟକ ହୋଇଥିଲା। ପ୍ରତିହାରୀ ନିଯୋଗ ନିକଟରେ ଫଟୋ ଉଠାଉଥିବା ବେଳେ ଧରିଥିଲା ପୋଲିସ । ସିଂହଦ୍ୱାର ଥାନାରେ ଅଟକ ରଖି ଜେରା କରିଥିଲା ପୋଲିସ। ଏହା ପୂର୍ବରୁ ସୁରକ୍ଷାକର୍ମୀଙ୍କୁ ବାରମ୍ବାର ଚ୍ୟାଲେଞ୍ଜ ଦେଇଥିଲେ ଅମାନିଆ। ମନ୍ଦିର ଭିତରେ ପୁଣି ପଶିଥିଲା ହିଡେନ କ୍ୟାମେରା। ଚଷମାରେ ହିଡେନ୍ କ୍ୟାମେରା ଲଗାଇ ସୁଟିଂ କରୁଥିବା ବେଳେ ଧରାପଡିଥିଲେ ଯୁବକ। ଘଣ୍ଟିଦ୍ୱାର ନିକଟରେ ଅଭିଯୁକ୍ତଙ୍କୁ ଧରିଥିଲା ଜେଟିପି । ଘଟଣାକୁ ନେଇ ପୋଲିସ ପ୍ରଶାସନ ବି ତାଗିଦ୍ କରିଥିଲା।

## ସେନା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

# ଭାରତୀୟ ସେନାର ବଳିଦାନ ପାଇଁ ମୋର ଗଭୀର କୃତଜ୍ଞତା

ଭୁବନେଶ୍ୱର,୧୫/୦୧
ନ୍ୟୁଜ ବ୍ୟୁରୋ



ଜାନୁଆରୀ ୧୫ ସେନା ଦିବସ। ଭାରତୀୟ ସେନା ଆମର ଗର୍ବ, ଦମ୍ଭ, ବଳ ଓ ଗୌରବ। ପ୍ରତିଟି ସୈନିକର ତ୍ୟାଗ ଆଗରେ ଆମେ ସର୍ବଦା ନତମସ୍ତକ। ଦେଶର ପ୍ରକୃତ ବୀର ହେଉଛି ଭାରତୀୟ ସେନା। ଆମକୁ ସୁରକ୍ଷିତ ରଖିବ ପାଇଁ ସେମାନଙ୍କ ତ୍ୟାଗ ଅତୁଳନୀୟ। ଏଣୁ ବୀର ଯବାନମାନଙ୍କୁ ସମ୍ମାନ ଜଣାଇ ଭାରତରେ ପ୍ରତିବର୍ଷ ଜାନୁଆରୀ ୧୫ ତାରିଖକୁ ଭାରତୀୟ ସେନା ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ ଏକ୍ସରେ ଏକ ସ୍ୱତନ୍ତ୍ର ପୋଷ୍ଟରେ କହିଛନ୍ତି, ଭାରତୀୟ ସେନା ଦିବସରେ, ମୁଁ ଭାରତୀୟ ସେନାର ସାହସୀ ସୈନିକମାନଙ୍କୁ ପ୍ରଣାମ କରୁଛି ଏବଂ ଆମ ଦେଶର ଏକତା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ରକ୍ଷା କରିବାରେ ସେମାନଙ୍କର ଅଟଳ ସାହସ, ଶୃଙ୍ଖଳା ଏବଂ ସର୍ବୋଚ୍ଚ ବଳିଦାନ ପାଇଁ ମୋର ଗଭୀର କୃତଜ୍ଞତା ପ୍ରକାଶ କରୁଛି। ପ୍ରକାଶ ଥାଉକି, ୧୯୪୯ ମସିହାରେ ବ୍ରିଟିଶ ଜେନେରାଲ ସାର୍ ଏଫଆରଆର ବୁଚରଙ୍କ ସ୍ଥାନରେ ଫିଲ୍ଡ ମାର୍ଶାଲ କେଏମ କାରିଆପ୍ପାଙ୍କୁ ଭାରତୀୟ ସେନାର ପ୍ରଥମ ଭାରତୀୟ କମାଣ୍ଡର-ଇନ୍-ଚିଫ୍ ଭାବରେ ନିଯୁକ୍ତି ଦେବାର ସ୍ମୃତିରେ ଜାନୁଆରୀ ୧୫ରେ ସେନା ଦିବସ ପାଳନ କରାଯାଇଥାଏ। ସୂଚନାଯୋଗ୍ୟ,୧୯୪୯ ମସିହାରେ ବ୍ରିଟିଶ ଜେନେରାଲ ସାର୍ ଏଫଆରଆର ବୁଚରଙ୍କ ସ୍ଥାନରେ ଫିଲ୍ଡ ମାର୍ଶାଲ କେଏମ କାରିଆପ୍ପାଙ୍କୁ ଭାରତୀୟ ସେନାର ପ୍ରଥମ ଭାରତୀୟ କମାଣ୍ଡର-ଇନ୍-ଚିଫ୍ ଭାବରେ ନିଯୁକ୍ତି ଦେବାର ସ୍ମୃତିରେ ଜାନୁଆରୀ ୧୫ରେ ସେନା ଦିବସ ପାଳନ କରାଯାଇଥାଏ ବୋଲି ସୂଚନା ଦେଇଥିଲେ।

## କିଟ୍‌ରେ ଚେସ୍ ମହାକୁମ୍ଭ ଉଦ୍‌ଯାପିତ

# ଜୀବନର ଜଟିଳ ନିଷ୍ପତ୍ତି ନେବାରେ ଚେସ୍ ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ

ଭୁବନେଶ୍ୱର, ୧୫।୧
ନ୍ୟୁଜ ବ୍ୟୁରୋ



ଜାନୁଆରୀ ୧୪ ଓ ୧୫ତାରିଖ ଦୁଇ ଦିନ ଧରି କିଟ୍‌ରେ ଚାଲିଥିବା ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍) ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ୍ (ଏଫ୍‌ଆଇଡିଇ)ର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦ ବୁଧବାର ଉଦ୍‌ଘାଟନ କରିଥିଲେ। ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଫିଡେ ସଭାପତି ଆର୍କାଡି ଭୋର୍କୋଭିଚ୍ ନିୟମିତ ଅଭ୍ୟାସ ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ, ଯୁବ ଖେଳାଳିମାନଙ୍କୁ ଚେସ୍ ପାଇଁ ଦିନକୁ ଅତି କମରେ ଚାରି ଘଣ୍ଟା ସମୟ ଦେବାକୁ ପଡ଼ିବ। ଚେସ୍ ଧୈର୍ଯ୍ୟଶୀଳ, ନିଷ୍ପତ୍ତି ନେବାର ଦକ୍ଷତା ଓ ଦାୟିତ୍ୱବୋଧ ସୃଷ୍ଟି କରିଥାଏ। ସମାଜର ସମସ୍ତ ବର୍ଗରେ ଚେସ୍‌କୁ ପହଞ୍ଚାଇବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଫଳରେ ଏହାର ଲାଭ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ ବୋଲି ସେ କହିଥିଲେ। ପରେ ଭୋର୍କୋଭିଚ୍ କିସ୍ କ୍ୟାମ୍ପସ ପରିଦର୍ଶନ କରି କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। କିସ୍ ଭଳି ଏକ ସୁନ୍ଦର ଅନୁଷ୍ଠାନ ପ୍ରତିଷ୍ଠା କରିଥିବାରୁ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଲେ, ତୁମମାନଙ୍କୁ ଏକ ସୁନ୍ଦର ଓ ପରିପୂର୍ଣ୍ଣ କ୍ୟାମ୍ପସ ମିଳିଛି। ଏଠାରେ ଖୁସିରେ ରହି ଆଗକୁ ବଢ଼ିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଚେସ୍ ଖେଳକୁ ତୃଣମୂଳସ୍ତର ଅର୍ଥାତ ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀମାନେ ଆପଣାଇବାକୁ ସେ କହିଥିଲେ। ଫିଡେ ଉପ-ସଭାପତି ଓ ଲାଟଭିଆର ପୂର୍ବତନ ଅର୍ଥମନ୍ତ୍ରୀ ଦାନା ରେଜିନିସ୍ ଚେସ୍ ସହିତ ତାଙ୍କର ବ୍ୟକ୍ତିଗତ ଯାତ୍ରା ବିଷୟରେ ସୂଚନା ଦେବା ସହ କହିଲେ, ସେ ଆଠ ବର୍ଷ ବୟସରୁ ଏହି ଖେଳ ଆରମ୍ଭ କରିଥିଲେ ଏବଂ ସପ୍ତାହରେ ପ୍ରାୟ ଛଅ ଦିନ ଅଭ୍ୟାସ କରୁଥିଲେ। ଚେସ୍ ମାଧ୍ୟମରେ ବ୍ୟକ୍ତିଗତ ସ୍ଥିରତା, ଶୃଙ୍ଖଳା, ରଣନୈତିକ ଚିନ୍ତାଧାରା ଓ ମାନସିକ ଶକ୍ତି ପାଇଁ ସେ ବୃତ୍ତିଗତ ସଫଳତା ପାଇବା ସହ ତାଙ୍କର ମାନସିକ ସ୍ଥିରତା ଆସି ପାରିଛି ବୋଲି ଦାନା କହିଥିଲେ। ଏହି ଅବସରରେ ଫିଡେର ଏଜୁକେସନାଲ୍ ଚେସ୍ କମିଶନ ମୁଖ୍ୟ ଜେରି ନାଶ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ଜୀବନର ଜଟିଳ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଚେସ୍ ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ। ଏହି ସମ୍ମିଳନୀ ଶିକ୍ଷା ବ୍ୟବସ୍ଥା ଓ ସମାଜ ମଧ୍ୟରେ ଚେସ୍‌କୁ ଅର୍ଥପୂର୍ଣ୍ଣ ଭାବରେ ରଖିବା ପାଇଁ ବିଶ୍ୱ ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରୁଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କ୍ରୀଡ଼ାର ବୌଦ୍ଧିକ ଓ ସାମାଜିକ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରି କହିଲେ, ଚେସ୍ ମାନସିକ କ୍ଷମତାକୁ ତୀକ୍ଷଣ କରିବା ସହ ଜ୍ଞାନ-କେନ୍ଦ୍ରିକ ବୁଦ୍ଧିମତ୍ତାର ବିକାଶ କରିଥାଏ। ଶିକ୍ଷା, ଅନ୍ତର୍ଭୁକ୍ତି ଓ ସାମାଜିକ ଉନ୍ନତି ପାଇଁ ଚେସ୍‌କୁ ଏକ ମାଧ୍ୟମ ଭାବରେ ପ୍ରୋତ୍ସାହିତ କରିବା ପାଇଁ କିଟ୍‌ର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଲା ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍

# ପିୟୁସି ନ ଥିଲେ ବନ୍ଦ କରାଯାଇ ପାରିବନି ତେଲ

କଟକ,୧୫/୦୧ ନ୍ୟୁଜ ବ୍ୟୁରୋ



ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ (ପିୟୁସି) ବିବାଦ ପରିବହନ ବିଭାଗର ପିଛା ଛାଡୁନି। ପିୟୁସି ବାଧ୍ୟତାମୂଳକ କରିବା ପରେ ଘଣ୍ଟା ଘଣ୍ଟା ଧରି ସାର୍ଟିଫିକେଟ୍ କେନ୍ଦ୍ର ଆଗରେ ଲୋକଙ୍କ ଧାଡ଼ି ଲାଗିବା, ମନମୁଖି ପ୍ରଦୂଷଣ ସାର୍ଟିଫିକେଟ୍ ଦିଆଯିବା, ଜରିମାନାକୁ ନେଇ ଲୋକେ ନାକେଦମ୍ ହେବା ଆଦି ଘଟଣା ବିଭାଗକୁ ବିବାଦ ଘେରକୁ ଟାଣିଥିଲା। ଏବେ ଆଉ ଏକ ବିବାଦ ମୁଣ୍ଡ ଟେକିଛି। ପିୟୁସି ନଥିଲେ ଗାଡ଼ିକୁ ପେଟ୍ରୋଲ୍ ଦିଆଯାଇପାରିବ ନାହିଁ ବୋଲି ବିଭାଗ ଯେଉଁ ଆଦେଶ ଦେଇଛି ତାହା ଗ୍ରହଣୀୟ ନୁହେଁ ବୋଲି ଉତ୍କଳ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍ ଦର୍ଶାଇଛି ।
ଏଣୁ 'ନୋ ପିୟୁସି, ନୋ ପେଟ୍ରୋଲ୍' ସଂକ୍ରାନ୍ତ ବିଭାଗର ଚିଠିକୁ ପ୍ରତ୍ୟାହାର କରିନେବା ପାଇଁ ଆସୋସିଏସନ୍ ଅଡ଼ି ବସିଛି। ଏନେଇ ଆସୋସିଏସନ୍ ହାଇକୋର୍ଟର ମୁଖ୍ୟ ବିଚାରପତି, ରାଜ୍ୟ ମୁଖ୍ୟ ଶାସନସଚିବ, ପରିବହନ ବିଭାଗ ସଚିବ ଏବଂ ଏସଟିଏ କମିସନରଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ପରେ ପରିବହନ ବିଭାଗର ଅଡୁଆ ବଢ଼ିଯାଇଛି। ଡିସେମ୍ବର ୨୦ ତାରିଖରେ ଏସଟିଏ (ରାଜ୍ୟ ପରିବହନ ପ୍ରାଧିକରଣ) ପକ୍ଷରୁ ପ୍ରତ୍ୟେକ ତୈଳ କମ୍ପାନିଙ୍କୁ ଏକ ଚିଠି କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ଯେଉଁ ଗାଡ଼ିମାନେ ପିୟୁସି ନ ଦେଖାଇବେ ସେମାନଙ୍କୁ ପେଟ୍ରୋଲ୍ ଅବା ଡିଜେଲ୍ ଦିଆଯିବ ନାହିଁ। ଏହି ଚିଠିକୁ ନେଇ ପେଟ୍ରୋଲିୟମ୍ ଆସୋସିଏସନ୍ ଅସନ୍ତୋଷ ବ୍ୟକ୍ତ କରିଛି । ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ, ପିୟୁସି ନଥିଲେ ଏଥିପାଇଁ କେନ୍ଦ୍ରୀୟମୋଟର ଯାନ ଆଇନ୍‌ରେ ସ୍ୱତନ୍ତ୍ର ଦଣ୍ଡବିଧାନ ବ୍ୟବସ୍ଥା ରହିଛି । ଯଦି କେହି ପିୟୁସି କରିନଥିବେ ତାଙ୍କ ଉପରେ ଜରିମାନା କରାଯାଇ ପାରିବ। ଗୋଟେ ଆଇନରେ କେବଳ ଗୋଟେ ପ୍ରକାରଦଣ୍ଡ ବିଧାନର ବ୍ୟବସ୍ଥା କରାଯାଇପାରିବ। ଏହି ଆଇନରେ ଜରିମାନା ବ୍ୟବସ୍ଥା ରହିଥିଲାବେଳେ ପେଟ୍ରୋଲ୍ ବନ୍ଦ ପାଇଁ କୁହାଯାଇ ପାରିବ ନାହିଁ ବୋଲି ଆସୋସିଏସନ୍ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି । ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ଏକ ରାୟକୁ ମଧ ଆସୋସିଏସନ୍ ପକ୍ଷରୁ ଉଲ୍ଲେଖ କରାଯାଇଛି । ତେବେ ରାଜ୍ୟ ସରକାର କେନ୍ଦ୍ରୀୟ ମୋଟର ଯାନ ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଆସୋସିଏସନ୍ ପକ୍ଷରୁ ଅନୁରୋଧ କରାଯାଇଛି । କିନ୍ତୁ ପିୟୁସି ସାର୍ଟିଫିକେଟ୍ ବିନା ତେଲ ନଦେବା ଲାଗି ଯେଉଁ ଆଦେଶ ଦିଆଯାଇଛି ତାହା ବୈଧ ହୋଇନଥିବାରୁ ତାହାକୁ ପ୍ରତ୍ୟାହାର କରିନେବାକୁ ଅନୁରୋଧ କରାଯାଇଛି। ଆସୋସିଏସନ୍ ପକ୍ଷରୁ ଆଇନଜୀବୀ ସୂର୍ଯ୍ୟପ୍ରକାଶ ଆର୍ତ୍ତବିଦ୍ୟାଧର ମଙ୍ଗରାଜ ଏହି ଚିଠି ଲେଖିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ପିୟୁସି ସାର୍ଟିଫିକେଟ୍ ବିନା ପେଟ୍ରୋଲ ମିଳିବ ନାହିଁ ବୋଲି ଏସଟିଏ ପକ୍ଷରୁ ଘୋଷଣା କରାଯିବା ପରେ ଗାଡ଼ି ମାଲିକଙ୍କ ମଧ୍ୟରେ ଛାନିଆ ପଶିଯାଇଥିଲା। ଗାଡ଼ି ମାଲିକମାନେ ତୁରନ୍ତ ବିଭିନ୍ନ ପିୟୁସି କେନ୍ଦ୍ରଆଗରେ ଧାଡ଼ି ଲଗାଇଥିଲେ। ଜାନୁଆରୀ ପହିଲାରୁ ଏହି ନିୟମକୁ ଲାଗୁ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସ୍ଥିତି ଭୟଙ୍କର ହେବାରୁ ସରକାର ଦୁଇ ଦଫାରେ ଏପ୍ରିଲ ପହିଲା ପର୍ଯ୍ୟନ୍ତ ଏହି ଅବଧିକୁ ବୃଦ୍ଧି କରିଛନ୍ତି । ତଥାପି ପିୟୁସି ତାତି ଏଯାଏ କମିନି।

# ଶିମିଳିପାଳରେ କୁମ୍ଭୀର ସଂଖ୍ୟା ୮୪କୁ ବୃଦ୍ଧି

ବାରିପଦା ୧୫।୧ ନ୍ୟୁଜ ବ୍ୟୁରୋ



ଶିମିଳିପାଳରେ ବଢ଼ିଛି କୁମ୍ଭୀର ସଂଖ୍ୟା । ଗତ ୬ରୁ ୮ତାରିଖରେ ଶିମିଳିପାଳ ଅଭୟାରଣ୍ୟରେ କୁମ୍ଭୀର ଗଣନା ପରେ ଗତବର୍ଷ ତୁଳନାରେ ୩ଟି କୁମ୍ଭୀର ଅଧିକ ଥିବା ଜଣାପଡିଛି। ଫଳରେ ଶିମିଳିପାଳରେ କୁମ୍ଭୀର ସଂଖ୍ୟା ୮୪କୁ ବୃଦ୍ଧି ପାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି । କୁମ୍ଭୀର ଗଣନା ପ୍ରକ୍ରିୟାରେ ଶିମିଳିପାଳ ଅଭୟାରଣ୍ୟ ଏବଂ ଶିମିଳିପାଳ ପାଦଦେଶର ୮ଟି ଜଳ ଉତ୍ସର ୨୦ଟି ସ୍ଥାନରେ କରାଯାଇଛି। ଓ୍ୱେଷ୍ଟ ଦେଓ, ଇଷ୍ଟ ଦେଓ, ଖଇରୀ, ଖଡ଼ଖାଇ, ଠକଠକି ନଦୀ, ସାଳନ୍ଦୀ ନଦୀ ଓ ଖଡ଼ଖାଇ ନାଳ, ବୁଢ଼ାବଳଙ୍ଗ ଆଦି ନଦୀ କୂଳ ସମେତ ରାମତୀର୍ଥ ସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ମିଶାଇ ପ୍ରାୟ ୨୦ଗୋଟି ସ୍ଥାନରେ କୁମ୍ଭୀର ଗଣନା କରାଯାଇଥିଲା। ଉକ୍ତ ଗଣନାରେ ଉତ୍ତର ଓ ଦକ୍ଷିଣ ଶିମିଳିପାଳର ଗୋଟିଏ ରେଞ୍ଜକୁ ମିଶାଇ ସମୁଦାୟ ୧୬ଗୋଟି ରେଞ୍ଜରେ ଗଣନା ହୋଇଥିଲା । ପ୍ରତି ରେଞ୍ଜରେ କୁମ୍ଭୀର ଗଣନା ପାଇଁ ରେଞ୍ଜର, ଫରେଷ୍ଟର ଓ କର୍ମଚାରୀଙ୍କୁ ନେଇ ୩୦ ଟିମ୍‌ରେ ୧୦୦ଜଣରୁ ଉର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଥିଲେ । ଶିମିଳିପାଳ ଓ ଆଖପାଖ ଅଞ୍ଚଳରେ ଅଧିକ ଗୋମୁହାଁ ବା ମଗର ପ୍ରଜାତିର କୁମ୍ଭୀର ଦେଖାଯାଇଥାନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୧ ମସିହା ଗଣନାରେ ୮୧ଟି, ୨୦୨୨ ମସିହା ଗଣନାରେ ୮୩ଟି, ୨୦୨୩ ମସିହା ଗଣନାରେ ୮୬ଟି କୁମ୍ଭୀର ଶିମିଳିପାଳ ଅଭୟାରଣ୍ୟରେ ଥିବାବେଳେ ୨୦୨୪ ମସିହା ଗଣନାରେ ୪ଗୋଟି କୁମ୍ଭୀର ସଂଖ୍ୟା ହ୍ରାସ ପାଇ ମୋଟ୍ ୮୨ଟି କୁମ୍ଭୀର ରହିଥିବା ବେଳେ ୨୦୨୫ ଗଣନାରେ ଗୋଟିଏ କମି ୮୧ଟି କୁମ୍ଭୀର ରହିଥିଲେ । ତେବେ ଏବର୍ଷ ସଂଖାରେ ୩ଟି ବୃଦ୍ଧି ଘଟି ସଂଖ୍ୟା ୮୪ରେ ପହଞ୍ଚିଥିବା ଜଣାପଡିଛି। ତନ୍ମଧ୍ୟରୁ ଶିମିଳିପାଳ ଦକ୍ଷିଣ ବନଖଣ୍ଡରେ ୭୮ଟି କୁମ୍ଭୀର ଥିବା ବେଳେ ଉତ୍ତର ବନଖଣ୍ଡରେ ଗୋଟିଏ, ରାମତୀର୍ଥରେ ୫ଟି କୁମ୍ଭୀର ରହିଛନ୍ତି। ପଶ୍ଚିମ ଦେଓ ନଦୀରେ ସର୍ବାଧିକ ୬୦ଟି କୁମ୍ଭୀର ରହିଛନ୍ତି। ଗତ ବର୍ଷ ତୁଳନାରେ କୁମ୍ଭୀର ସଂଖ୍ୟା ବୃଦ୍ଧି ଚାଲିଥିବା ସଫଳ ସଂରକ୍ଷଣ ଓ ପୁନଃପ୍ରଚଳନ କାର୍ଯ୍ୟକ୍ରମର ସଫଳତାକୁ ଦର୍ଶାଉଛି। ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରୁ ପ୍ରତିବର୍ଷ ଶାବକମାନଙ୍କୁ ବିଭିନ୍ନ ଜଳ ଉତ୍ସରେ ଛାଡ଼ିବା ଫଳରେ ଏହି ବୃଦ୍ଧି ସମ୍ଭବ ହୋଇଛି।




ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-10 • Issue-28 • 14-20th January 2026 • Bhubaneswar

ଆବଶ୍ୟକତା ମେଣ୍ଟାଇ ପାରୁନି ବିଭାଗ : ମାଛ ପାଇଁ ଆନ୍ଧ୍ର ଭରସା

ଭାରତର ସାମୁଦ୍ରିକ ସୁରକ୍ଷା ମଜବୁତ ହେବ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ୫ ବର୍ଷରେ ୨୪ ଶିଶୁଙ୍କୁ କୋଳେଇଲେଣି ବିଦେଶୀ ଦମ୍ପତି

ସୁନ୍ଦରଗଡ଼, ୧୫/୦୧
ନ୍ୟୁଜ ବ୍ୟୁରୋ

ଆୟୁଷ୍ମାନ ମୁଣ୍ଡା (ଛଦ୍ମନାମ) । ମାତ୍ର ଏକ ବର୍ଷ ବୟସର କଅଁଳ ଶିଶୁ ପୁତ୍ରଟିଏ । ଦୁନିଆକୁ ଚିହ୍ନିବା ଆଗରୁ ବାପା-ମା' ଛେଉଣ୍ଡ ହୋଇ ଯାଇଥିଲେ। ରୋଗରେ ବାପା-ମା'ଙ୍କ ମୃତ୍ୟୁ ପରେ ଘରେ କେବଳ ବୃଦ୍ଧା ଜେଜେମାଆ ରହିଥିଲେ । ହେଲେ ବୃଦ୍ଧାବସ୍ଥା ଯୋଗୁ ଶିଶୁପୁତ୍ରର ଲାଳନ ପାଳନ କରିବା ଅବସ୍ଥାରେ ସେ ନ ଥିଲେ । ସେହିଭଳି ରୁପା ଓ ରାମ (ଛଦ୍ମନାମ) ମାତ୍ର ଦେଢ ବର୍ଷ ବୟସର ଶିଶୁ କନ୍ୟାଟିଏ। ପାରିବାରିକ କଳହରୁ ବାପାଙ୍କ ହାତରେ ମା'ର ଜୀବନ ଯାଇଥିଲା। ହତ୍ୟା ଅଭିଯୋଗରେ ବାପା ଜେଲ ଯିବା ପରେ ଝିଅର ଦେଖାଶୁଣା କରିବାକୁ ଆଉ କେହି ନ ଥିଲେ । ଏଭଳି ଆଉ ଏକ ନବଜାତ ଶିଶୁ କନ୍ୟାଟିଏ । କେହି କୁଆଁରୀ ମାଆ ତା'କୁ ଲୋକଲଜ୍ଜା ଭୟରେ ବୁଦାମୂଳେ ଛାଡ଼ି ଚାଲି ଯାଇଥିଲେ। ଖାଲି ଯେ ଏହି ତିନି ଶିଶୁ ନୁହନ୍ତି, ସୁନ୍ଦରଗଡ଼ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଏପରି ଶତାଧିକ ଶିଶୁ ଉଦ୍ଧାର କରାଯାଇ ଶିଶୁ ସଂରକ୍ଷଣ କେନ୍ଦ୍ରକୁ ପଠାଇ ଦିଆଯାଇଛି। କିନ୍ତୁ ସେମାନଙ୍କ ଭବିଷ୍ୟତ ଗଢ଼ିବା ଓ ବାପାମାଆର ସ୍ନେହ, ଆଦର ପ୍ରଦାନ ପାଇଁ ଆଇନଗତ ଭାବେ ଭାରତୀୟ ଓ ବିଦେଶୀ ଦମ୍ପତି ପୌଷ୍ୟ ସନ୍ତାନ ଭାବେ କୋଳେଇ ନେଇଛନ୍ତି। ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ଏହି ଶିଶୁମାନଙ୍କ ଭବିଷ୍ୟତ ଗଠନରେ ଲାଗି ପଡ଼ିଛନ୍ତି । ସୁନ୍ଦରଗଡ଼ ଜିଲ୍ଲାରେ ବିଗତ ୫ ବର୍ଷ ମଧ୍ୟରେ ଏପରି ୧୫୬ଜଣ ଶିଶୁଙ୍କୁ ପୋଷ୍ୟସନ୍ତାନ ଗ୍ରହଣ କରାଯାଇଛି। ୧୩୨ଜଣ ଶିଶୁଙ୍କୁ ଭାରତୀୟ ଦମ୍ପତି ପୋଷ୍ୟସନ୍ତାନ ଗ୍ରହଣ କରିଥିବାବେଳେ ୨୪ଜଣ ଶିଶୁଙ୍କୁ ବିଦେଶୀ ଦମ୍ପତି ଗ୍ରହଣ କରିଛନ୍ତି । ଏଥିରେ ଛେଉଣ୍ଡ, ଅନାଥ, ପରିତ୍ୟକ୍ତ ଓ ହସ୍ତାନ୍ତରିତ ଶିଶୁ ରହିଛନ୍ତି । ବିଦେଶୀ ଦମ୍ପତିଙ୍କ ମଧ୍ୟରେ ଆମେରିକା, ଇଟାଲି, ସ୍ପେନ ଆଦି ବାସିନ୍ଦା ରହିଥିବା ବେଳେ ନିକଟରେ ନ୍ୟୁଜିଲାଣ୍ଡର ଏକ ବିଦେଶୀ ଦମ୍ପତି ଜଣେ ପୋଷ୍ୟ ଶିଶୁ ଗ୍ରହଣ ପାଇଁ ଆବେଦନ କରିଛନ୍ତି ଯାହାକି ବିଚାରାଧୀନ ରହିଛି। ବିଦେଶୀ ଦମ୍ପତିଙ୍କ ସୁନ୍ଦରଗଡ଼ ଜିଲ୍ଲାର ଏପରି ଶିଶୁଙ୍କ ପ୍ରତି ଅନାବିଳ ପ୍ରେମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।
ସୂଚନା ଅନୁଯାୟୀ, ୨୦୨୧ ମସିହାରେ ପରିତ୍ୟକ୍ତ ଶିଶୁଙ୍କ ମଧ୍ୟରୁ ୮ଜଣ ଶିଶୁଙ୍କୁ ଭାରତୀୟ ଓ ୨ଜଣ ଶିଶୁଙ୍କୁ ବିଦେଶୀ ଦମ୍ପତି ପୋଷ୍ୟ ଗ୍ରହଣ କରିଛନ୍ତି । ସେହିଭଳି ୧୪ଜଣ ସମର୍ପିତ ଶିଶୁଙ୍କୁ ଭାରତୀୟ ଓ ୩ଜଣ ସମର୍ପିତ ଶିଶୁଙ୍କୁ ବିଦେଶୀ ଦମ୍ପତି ପୋଷ୍ୟ ଗ୍ରହଣ କରିଛନ୍ତି। ୨୦୨୨ ମସିହାରେ ଭାରତୀୟ ଦମ୍ପତି ଜଣେ ଅନାଥ, ୩ଜଣ ପରିତ୍ୟକ୍ତ ଓ ୧୫ଜଣ ସମର୍ପିତ ଶିଶୁଙ୍କୁ କୋଳେଇଛନ୍ତି । ସେହିପରି ଉକ୍ତ ବର୍ଷ ବିଦେଶୀ ଦମ୍ପତି ମଧ ଜଣେ ପରିତ୍ୟକ୍ତ ଓ ୪ ଜଣ ସମର୍ପିତ ଶିଶୁଙ୍କୁ ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି । ୨୦୨୩ ମସିହାରେ ଭାରତୀୟ ଦମ୍ପତି ଜଣେ ଅନାଥ, ୮ଜଣ ପରିତ୍ୟକ୍ତ ଓ ୧୭ ଜଣ ସମର୍ପିତ ଶିଶୁଙ୍କୁ ଗ୍ରହଣ କରିଥିବା ବେଳେ ଜଣେ ସମର୍ପିତ ଶିଶୁଙ୍କୁ ବିଦେଶୀ ଦମ୍ପତି କୋଳେଇ ନେଇଛନ୍ତି। ୨୦୨୪ ମସିହାରେ ୩ଜଣ ଅନାଥ, ୨ଜଣ ପରିତ୍ୟକ୍ତ ଓ ୩୦ଜଣ ସମର୍ପିତ ଶିଶୁଙ୍କୁ ଭାରତୀୟ ତଥା ୩ଜଣ ପରିତ୍ୟକ୍ତ ଓ ୪ଜଣ ସମର୍ପିତ ଶିଶୁଙ୍କୁ ବିଦେଶୀ ଦମ୍ପତି ଗ୍ରହଣ କରିଛନ୍ତି । ୨୦୨୫ ବର୍ଷରେ ଭାରତୀୟ ଦମ୍ପତି ୬ଜଣ ପରିତ୍ୟକ୍ତ ଓ ୨୨ଜଣ ସମର୍ପିତ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବାବେଳେ ବିଦେଶୀ ଦମ୍ପତି ୨ଜଣ ଅନାଥ, ଜଣେ ପରିତ୍ୟକ୍ତ ଓ ୩ଜଣ ସମର୍ପିତ ଶିଶୁଙ୍କୁ କୋଳେଇଛନ୍ତି । ୩୧ ଜଣ ଶିଶୁଙ୍କୁ ବିଶ୍ରା ସ୍ଥିତ ପୌଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ରରେ ରଖାଯାଇ ଲିଗାଲ ଫ୍ରି, ପୋଷ୍ୟ ଗ୍ରହଣ ଆଦି ନେଇ ଆଇନଗତ ପ୍ରକ୍ରିୟା ଚାଲିଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ କୁମାର ଜେନା ଏହା କହିଛନ୍ତି ।